

# ସାଉଣ୍ଟି ଫୁଲା

## ୨୦୨୪

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ଓଡିଶା ସରକାର



# ସାଗୁରି ଫୁଲ

## ୨୦୨୪

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**

**ଓଡିଶା ସରକାର**



୨୦୨୪

**ଡାକ୍ତର ପୋମା ଟୁଡୁ,** ଭା.ପ୍ର.ସେ.
ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ତଥା
ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ସମ୍ପାଦକ : **ଦାଶ ବେନହୁର**
**ସମରେନ୍ଦ୍ର ଭୂତିଆ**

ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡିଶା ସରକାର

ପ୍ରଚ୍ଛଦ (ସମ୍ମୁଖ) : ଶ୍ରୀ ବଳଦେବ ମହାରଥୀ
ପ୍ରଚ୍ଛଦ (ପୃଷ୍ଠ) : ଶ୍ରୀ ଗଜେନ୍ଦ୍ର ସାହୁ
ଅଲଙ୍କରଣ : ଶ୍ରୀ ଅନାଦି ପରଂବ୍ରହ୍ମ

ମୁଦ୍ରଣ : କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି, ବି-୫୧, ଶହୀଦନଗର, ଭୁବନେଶ୍ୱର

**ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ**
ମାନ୍ୟବର ମନ୍ତ୍ରୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ  କଲ୍ୟାଣ, ଗଣଶିକ୍ଷା,
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,
ଓଡ଼ିଶା ସରକାର



# ବାର୍ତ୍ତା

ସ୍ୱପ୍ନକୁ ଧରିବା ଏବଂ ସ୍ୱପ୍ନ ରାଇଜରେ ବୁଲିବାର ବୟସ ହେଉଛି ପିଲାଦିନ । ଅନେକ ସମୟରେ ପିଲାମନ ଅଦ୍ଭୁତ ଖିଆଲ ଭିତରେ ବୁଡ଼ି ରହିଥାଏ । ସେହି ଖିଆଲ ସେମାନଙ୍କୁ ନୂଆ ଦିଶା ପ୍ରଦାନ କରିଥାଏ । ନିଜ ଭବିଷ୍ୟତ ଗଠନର ମୂଳଦୁଆ ପକାଇଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଉପଯୁକ୍ତ ପ୍ରେରଣା ଓ ପ୍ରୋତ୍ସାହନ ପିଲାଙ୍କୁ ସଫଳତାର ଶିଖରକୁ ନେଇଯାଇଥାଏ ।

ପ୍ରତିଭାର ସ୍ଫୁରଣ ଲାଗି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ସରଗିଫୁଲ ଉତ୍ସବର ଆୟୋଜନ ବାସ୍ତବିକ ପ୍ରତିଟି ପିଲା ପାଇଁ ପ୍ରେରଣାପଦ ପୁଲକ ଯୋଗାଇବ । ଏଇ ଅବସରରେ ପିଲାଙ୍କ ସୃଜନରେ ସମୃଦ୍ଧି ଲାଗି ସରଗିଫୁଲ ପତ୍ରିକା ପ୍ରକାଶ ସୁଖର କଥା। ବିଭାଗ ପକ୍ଷରୁ ଏଭଳି ବର୍ଣ୍ଣାଢ୍ୟ ଆୟୋଜନ ପ୍ରଶଂସନୀୟ ।

ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଉତ୍ସବର ସଫଳତା କାମନା କରୁଛି ।

**ନିତ୍ୟାନନ୍ଦ ଗଣ୍ଡ**



**ଡାକ୍ତର ପୋମା ଟୁଡୁ,** ଭା.ପ୍ର.ସେ.
ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ତଥା
ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ


# ବାର୍ତ୍ତା

ଚଳିତ ବର୍ଷ ଭଗବାନ ବିର୍ସା ମୁଣ୍ଡାଙ୍କ ଶହେ ପଚାଶତମ ଜୟନ୍ତୀ ପାଳନ କରୁଛି ସାରା ଦେଶ । ଜନଜାତି ଅସ୍ମିତାର ପ୍ରତୀକ ଭଗବାନ ବିର୍ସା ମୁଣ୍ଡା ଜନଜାତି ସ୍ୱାଭିମାନର ପ୍ରତୀକ । ଜନଜାତିଙ୍କ ଭଗବାନ । ଧରତୀ ଆବା । ଅର୍ଥାତ ଧରିତ୍ରୀ ପିତା। ଜନଜାତି ସଂସ୍କୃତି, ମାଟି ଓ ପ୍ରକୃତିର ସୁରକ୍ଷା ଲାଗି ତାଙ୍କ ସଂଘର୍ଷ ସଦାକାଳେ ଜନଜାତି ଜୀବନକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସିଛି । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇଂରେଜ ଶାସନର ଅଭେଦ୍ୟ ଦୁର୍ଗକୁ ଭାଙ୍ଗିରୁଜି ଅସ୍ଥିର କରାଇବାରେ ଭଗବାନ ବିର୍ସା ମୁଣ୍ଡାଙ୍କ ବିଚାରବୋଧ, ସାହସ, ନେତୃତ୍ୱ ଏବଂ ପରାକ୍ରମଶୀଳତା ଅମ୍ଳାନ ପ୍ରେରଣା ହୋଇ ବିଚ୍ଛୁରିତ ହେଉଛି । ଏମିତି ଏକ ଅସୀମ ଶକ୍ତିସଂପନ୍ନ ମହାପୁରୁଷଙ୍କ ଜୀବନ ଯୁଗେ ଯୁଗେ ମନ ଓ ହୃଦୟରେ କଂପନ ସୃଷ୍ଟି କରି ଆସିଛି । ଦେଶମାତୃକା ପାଇଁ ତାଙ୍କର ତ୍ୟାଗ, ନିଷ୍ଠା ଓ ବଳିଦାନ ଚିର ସ୍ମରଣୀୟ । ଏହି ମହାନାୟକଙ୍କ ତ୍ୟାଗପୂତ ଜୀବନ କାହାଣୀ ପ୍ରେରଣାର ଏକ ନିରନ୍ତର ଉତ୍ସ ନିଶ୍ଚୟ ।

ଜନଜାତି ଅଂଚଳର ପିଲାଙ୍କ ଦକ୍ଷତା ପରିପ୍ରକାଶ ଲାଗି ଆମ ବିଭାଗ ଅହରହ ଚେଷ୍ଟିତ । ପିଲାମାନେ ବିଭିନ୍ନ ସମୟରେ ଆପଣା ମାଟିକୁ ନିଜ ପ୍ରତିଭା ବଳରେ ଗୌରବାନ୍ୱିତ କରୁଛନ୍ତି । ବଣରେ ପ୍ରସ୍ଫୁଟିତ ସରଗିଫୁଲ ନିଜ ମହକ ଓ ସୌନ୍ଦର୍ଯ୍ୟରେ ମହକିତ ହେଲା ପରି ପିଲାମାନେ ସବୁବେଳେ ନିଜ ସୃଜନ ଦକ୍ଷତାରେ ସୁରଭିତ । ଏସବୁର ସମାହାରରେ ରୁଦ୍ଧିମନ୍ତ ଶିଶୁ ମହୋତ୍ସବ 'ସରଗିଫୁଲ' । ବିବିଧ ସର୍ଜନାତ୍ମକ ଚିନ୍ତନକୁ ବିସ୍ତାରିତ କରିବା ଲାଗି ଏହା ଏକ ସୁନ୍ଦର ମଞ୍ଚ ଓ ଅବସର ପ୍ରଦାନ କରେ । ଏଥିରେ ଅଂଶଗ୍ରହଣ କରି ପିଲାମାନେ ବିଭୋର ହୁଅନ୍ତି । ସରଗିଫୁଲର ସାକାର ଓ ସ୍ୱପ୍ନିଳ ଆୟୋଜନ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଏଥିରେ ଅଂଶଗ୍ରହଣ କରୁଥିବା ସବୁ ଛାତ୍ରଛାତ୍ରୀଙ୍କୁ ଅଶେଷ ଶୁଭାଶିଷ ।

ଏହି ଅବସରରେ ପିଲାଙ୍କ ରଚନାରେ ସମୃଦ୍ଧ ସରଗିଫୁଲ ପତ୍ରିକାର ପ୍ରକାଶନ ମହୋତ୍ସବର ଗରିମାକୁ ମହିମାନ୍ୱିତ କରିପାରିଛି । ସବୁ କୁନି ଲେଖିକା ଲେଖକଙ୍କୁ ହୃଦୟଭରା ସ୍ନେହ ଓ ସରାଗ । 'ସରଗିଫୁଲ' ସେମାନଙ୍କୁ ପ୍ରେରଣା ପ୍ରଦାନ କରୁ ।

**ପୋମା ଟୁଡୁ**



# ସଂପାଦକୀୟ...

ସର୍‌ଗି ଫୁଲ୍, ବଣ ଜଙ୍ଗଲର ଫୁଲ ।

ବଗିଚାରେ କି ବାଡ଼ିରେ ଏହାକୁ ପାଇବା ପାଇଁ କେହି ସର୍‌ଗି ଗଛ ଲଗାଏନି । ଏହା ବଣ ଜଙ୍ଗଲର ଶୋଭା ବଢ଼ାଏ। ସର୍‌ଗି ଫୁଲ ତଳକୁ ଖସିଲା ବେଳେ ଉଡ଼ଁରି ମାରି ଆସେ । ଦେଖିଲେ ମନ ଆନନ୍ଦରେ ପୁରିଯାଏ । ଲାଗେ ଯେମିତି ଖେଳି ଖେଳି ତଳକୁ ଖସୁଛି । ସେ ସୁନ୍ଦର, ସେ ସ୍ୱାଧୀନ ପୁଣି ସହଜ, ସରଳ ।

ଜନଜାତି ମଣିଷମାନେ ସରଗି ଫୁଲ ପରି ସିଧା, ସଳଖ ଓ ସହଜ । ଜଙ୍ଗଲ ସେମାନଙ୍କର ଜୀବନ। ବଣ ଜଙ୍ଗଲ ସେମାନଙ୍କର ପ୍ରିୟ ଭୂମି । ବଣର ଦେବତା, ଦେବତୀଙ୍କୁ ସେମାନେ ପୂଜା କରନ୍ତି। କେଉଁଠାରେ କିଟଂ ମାହାପୁରୁ ତ ଆଉ କେଉଁଠି ଧରତିନୀ ମାଆ । ପ୍ରାକୃତିକ ଜୀବନ ସେମାନଙ୍କୁ ସରସ ସୁନ୍ଦର ରଖେ । ସେ ଅଞ୍ଚଳର ପିଲାମାନେ ଠିକ୍ ସର୍‌ଗି ଫୁଲ ପରି । ସରଳ, ସୁନ୍ଦର ପୁଣି ପ୍ରକୃତିପ୍ରେମୀ । ଗଛଲତା, ପାହାଡ଼, ଜଙ୍ଗଲ, ଝରଣା, ପଶୁପକ୍ଷୀଙ୍କ ମେଳରେ ସେମାନେ ବେଶ୍ ଆନନ୍ଦମୟ ଜୀବନଯାପନ କରନ୍ତି ।

ପିଲା ମାତ୍ରେ କୌତୁକପ୍ରିୟ ଓ କୌତୂହଳୀ । ନୂଆ କଥା ଖୋଜିବା ଓ ଜାଣିବା ଲାଗି ସେମାନେ ସବୁବେଳେ ଆଗଭର । ସେଇଥିପାଇଁ ସହର ଓ ଅଧା ସହରୀ ଗାଆଁରେ ରହୁଥିବା ପିଲାମାନଙ୍କ ତୁଳନାରେ ଜନଜାତି ତଥା ଅନୁସୂଚିତ ବର୍ଗ ପିଲାମାନଙ୍କର କଳ୍ପନା ଶକ୍ତି ଅଧିକ ।

ଖୋଲା ଆକାଶ, ବିସ୍ତୀର୍ଣ୍ଣ ପ୍ରାନ୍ତର, ପାହାଡ଼ ବନାନୀର ଦିଗନ୍ତ ପ୍ରସାରୀ ସ୍ୱରୂପ, ଗୋଷ୍ଠୀ ଜୀବନ ସେମାନଙ୍କ ଭିତରେ କଳ୍ପନାଶକ୍ତିକୁ ପିଲାଦିନୁ ବିସ୍ତାରିତ କରିଦିଏ । ସଭିଏଁ ସ୍ୱାଭାବିକ ଭାବେ ରଚନାତ୍ମକ

ହୋଇଯାଆନ୍ତି । ଗାଇବା, ନାଚିବା ସଙ୍ଗକୁ ଗପ, ଗୀତରେ ମାତି ଯାଆନ୍ତି । ଫୁଲ, ପତ୍ର, ମାଟି କାଠିକୁଟା ଏକାଠି କରି କେତେକେତେ ନୂଆ ଖେଳ ଖେଳନ୍ତି ସେମାନେ ।

ସାରା ଓଡ଼ିଶାରେ ଏଇ ପିଲାମାନେ ବିଛେଇ ହୋଇ ରହିଛନ୍ତି ଚାରିଆଡ଼େ। ଫୁଲବାଣୀରୁ ମୟୂରଭଞ୍ଜ, କେଉଁଝରରୁ କୋରାପୁଟ, ମାଲକାନଗିରି, କାଶୀପୁର ବିଭିନ୍ନ ବିଦ୍ୟାଳୟରେ ପାଠ ପଢ଼ି ନିଜର ରଚନାତ୍ମକ କଳ୍ପନାଶକ୍ତିକୁ ଅକ୍ଷର ରୂପ ଦେଉଛନ୍ତି କେତେକେତେ ପ୍ରକାରରେ । କିଏ ଗପ ଲେଖୁଛି ତ କିଏ ଗୀତ, କିଏ ଗାଆଁ କଥା ଲେଖୁଛି ତ କିଏ ଠାକୁର, ଠାକୁରାଣୀ, ଭ୍ରମଣ କଥା, ପର୍ବପର୍ବାଣି ବା ବଣଜଙ୍ଗଲବାସୀ ମଣିଷଙ୍କ କଥା ଲେଖୁଛି, ଛବି ଆଙ୍କୁଛି ।

ସେ ସବୁକୁ ଗୋଟେଇ ଧରି ଛାପା ରୂପରେ ପ୍ରକାଶ କରିବାକୁ ବର୍ଷ ପରେ ବର୍ଷ ଚେଷ୍ଟା କରି ଚାଲିଛି "ସର୍‌ଗି ଫୁଲ୍" ପତ୍ରିକା ।

ଆମ ପିଲାମାନେ ସେମାନଙ୍କର କଳ୍ପନାଶକ୍ତିକୁ ବଢ଼ାଇ ଚାଲନ୍ତୁ, ସାହିତ୍ୟକୁ ଭଲ ପାଆନ୍ତୁ, ଭଲ ମଣିଷ ହୁଅନ୍ତୁ । ଏହା ହିଁ ଅସଲ ଉଦ୍ଦେଶ୍ୟ ।

"ସର୍‌ଗି ଫୁଲ୍"ର ଆଦର ବଢୁ ।

**ଦାଶ ବେନହୁର**

# ସୂଚୀପତ୍ର


| କ୍ର.ନ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଜନଜାତୀୟ ଗୌରବ ବର୍ଷ ୨୦୨୪-୨୫ | | ୧ |
| ୨. | ଓଡ଼ିଶାର ଜନଜାତି ସଂଗ୍ରାମରେ ନେତୃତ୍ୱ ନେଇଥିବା ବରପୁତ୍ରଗଣ | | ୨ |
| ୩. | ଅତୁଳନୀୟ ଭାରତ | ସୁରଜ କରକରିଆ | ୯ |
| ୪. | ମୋ ସ୍ୱପ୍ନର ବିଦ୍ୟାଳୟ | ମନୋରମା ନାଏକ | ୧୦ |
| ୫. | ଆସ ଗଛ ଲଗାଇବା | ଉମାକାନ୍ତ ଧରୁଆ | ୧୨ |
| ୬. | କରମସାନୀ ଯାତ୍ରା | ସିଦ୍ଧାନ୍ତ ହରିପାଲ | ୧୩ |
| ୭. | ବାପା ଓ ବୋଉ | ଦିବ୍ୟ ମାଝୀ | ୧୪ |
| ୮. | ପିଠା ଖାଇବ କିଏ ? | ପିଙ୍କି ନାୟକ | ୧୫ |
| ୯. | ମିଠା ବଚନ | ଅର୍ଚ୍ଚନା ସିଂ | ୧୭ |
| ୧୦. | ସିଘା ତିହାର୍ ନୂଆଁଖାଇ | କମଲେଶ୍ୱରୀ ସା | ୧୮ |
| ୧୧. | ଜୀବନ୍ତ ଠାକୁର | ମାମାଲି ଶବର | ୨୦ |
| ୧୨. | ବାପା | ସ୍ୱପ୍ନାମୟୀ ଦିଗାଲ | ୨୧ |
| ୧୩. | ଏକ ଭ୍ରମଣ ଅନୁଭୂତି | ଗୋବିନ୍ଦ ଧରୁଆ | ୨୨ |
| ୧୪. | ଆମ ଲୋକକଳା, ଆମ ଗୌରବ | ଖୁସବୁ ଲୋହାର | ୨୫ |
| ୧୫. | ରକ୍ଷା ବନ୍ଧନ | ରଞ୍ଜିତା ପୂଜାରୀ | ୨୬ |
| ୧୬. | ଗଛରେ ଗଛ ନଇଁଯା | ସଜନି ମଳିକ | ୨୮ |
| ୧୭. | ମିଲେଟ୍ : ପୁଷ୍ଟିର ଭଣ୍ଡାର | ଟିକେଶ୍ୱର ମାଝୀ | ୨୯ |
| ୧୮. | ଖାଇଲା କିଏ ? | ଜ୍ୟୋତିରାଣୀ ବାପୁଙ୍ଗା | ୩୧ |
| ୧୯. | ମୁଁ ଚାଷୀ | ରବୀନ୍ଦ୍ର ମାଝୀ | ୩୩ |
| ୨୦. | ରାକ୍ଷସ ଓ ଦରଜୀ | ଚମରା ମୁଣ୍ଡା | ୩୫ |
| ୨୧. | ଖାଦ୍ୟ ସାର | ରାକେଶ୍ ଦେହୁରୀ | ୩୬ |
| ୨୨. | ବାବା ତିଲ୍‌କା ମାଝି | ବ୍ରଜ ସୋରେନ୍ | ୩୭ |
| ୨୩. | ଆମେ ଅଟୁ ସୂତ୍ରଧର | ପ୍ରଶାନ୍ତ ନାଏକ | ୩୯ |

| | | |
|---|---|---|
| ୨୪. ବରଗଛ ଓ ବାଟୋଇ | ଦେହ୍ଲ ମାର୍ଣ୍ଡି | ୪୦ |
| ୨୫. ଚନ୍ଦ୍ରକୁ ଛୁଇଁଲୁ ଆମେ | ପପିନା ନାଏକ | ୪୧ |
| ୨୬. ନୃସିଂହନାଥ ମହାପ୍ରଭୁ | ନିହାରିକା ଲୁହାର | ୪୨ |
| ୨୭. ଆମ ଜହ୍ନ ମାମୁ | ପପିନା ନାଏକ | ୪୫ |
| ୨୮. ଚତୁର କିଏ ? | ସୁଚିସ୍ମିତା କେଛୁ | ୪୬ |
| ୨୯. ଦିଅ ବୁଦ୍ଧି ବଳ | ବେଲାର୍ ସେନ୍ ମାଝୀ | ୪୮ |
| ୩୦. ଲୋକନୃତ୍ୟ ଘୁମୁରା | ବଳଦେବ ମାଝୀ | ୪୯ |
| ୩୧. ପକ୍ଷୀଟିଏ ଯଦି ହେଇଥାନ୍ତି | ପୂଜା ପୂର୍ତ୍ତୀ | ୫୨ |
| ୩୨. ଆସ ଲଗେଇବା ଗଛ | ରମେଶ ଡମ୍ବ | ୫୩ |
| ୩୩. ଲୋଭୀ ବ୍ରାହ୍ମଣ ଓ ବୁଢ଼ା ବାଘ | ପାର୍ବତୀ ମାର୍ଣ୍ଡି | ୫୪ |
| ୩୪. ପିମ୍ପୁଡ଼ି ଭାଇ | ଭକ୍ତିରାଣୀ ମଣ୍ଡଳ | ୫୭ |
| ୩୫. କୁନି ବେଙ୍ଗ ବୁଝିଲା | କ୍ରିଷ୍ଣା କୁମାରୀ ଯାନୀ | ୫୮ |
| ୩୬. ମୋ ମାଆ | ଶୁଭସ୍ମିତା ବାଲ୍ ମୁଛ | ୬୦ |
| ୩୭. ଜଗନ୍ନାଥଙ୍କ କରୁଣା | ଦୁଃଖୀ ହେମ୍ବ୍ରମ୍ | ୬୧ |
| ୩୮. ମଦନା - ପଦନା କଥା | ସୋନାଲି ଧୁରୁଆ | ୬୪ |
| ୩୯. ଶାବକ ହାତୀଟି ହୋଇଲା ଖୁସି | ଅନିତା ମୁଣ୍ଡା | ୬୫ |
| ୪୦. ମାଆ | ବଂଶୀ ଶବର | ୬୭ |
| ୪୧. ଦୁଷ୍ଟରୁ ଶିଷ୍ଟ | ପ୍ରିୟଙ୍କା ସିଂ | ୬୯ |
| ୪୨. ଗଛ ପରି ନାହିଁ କେହି | ତନୁଶ୍ରୀ ବେନିଆ | ୭୦ |
| ୪୩. ସାନ୍ତାଳୀ ଦୀପାବଳୀ | ସୁଷମା ମାଝୀ | ୭୧ |
| ୪୪. ଲେମ୍ବୁ ଅତି ଚିପୁଡ଼ିଲେ ପିତା | ଗୀତାଞ୍ଜଳି ଗିଲୁଆ | ୭୪ |
| ୪୫. ଦୁଇ ସାଙ୍ଗ ଓ ଭାଲୁ | ପ୍ରତିଭା ମାଝୀ | ୭୬ |
| ୪୬. ପରବେ ପରବେ ଆମ ସଂସ୍କୃତି | ହିରାମଣୀ ଝୋଡ଼ିଆ | ୭୭ |
| ୪୭. ନୂତନ ଓଡ଼ିଶା ଗଠନରେ ଲୋକକଳାର ଭୂମିକା | ସୁକାନ୍ତି ଟାକ୍ରୀ | ୭୮ |
| ୪୮. ପ୍ରକୃତ ବନ୍ଧୁ | ଉଦ୍ଧବ ପ୍ରାସ୍କା | ୮୧ |
| ୪୯. KMRS, My Ideal School | Sri Baburam Khilla | ୮୨ |
| ୫୦. ଆଦିବାସୀ ପ୍ରତିଭା ସମ୍ମାନ - ୨୦୨୪ | | ୮୩ |
| ୫୧. ସରଗି ଫୁଲ – ୨୦୨୪ | | ୮୭ |
| ୫୨. ଜିଲ୍ଲାସ୍ତରୀୟ ସରଗି ଫୁଲ – ୨୦୨୪ | | ୮୯ |




# ଜନଜାତୀୟ ଗୌରବ ବର୍ଷ
## ୨୦୨୪-୨୦୨୫

ଅଭାବ, ଅନାଟନ ଯେଉଁଠି ପ୍ରତିକ୍ରିୟା ସେଇଠି । ଅନ୍ୟାୟ, ଅତ୍ୟାଚାର, ଶୋଷଣ ଯେଉଁଠି ସେଠାରେ ଦିନେ ନା ଦିନେ ଆନ୍ଦୋଳନ ମୁଣ୍ଡ ଟେକିବାକୁ ବାଧ୍ୟ । ପୃଥିବୀ ସାରାର ସଂଘର୍ଷର କାହାଣୀ କୌଣସି ନା କୌଣସି ଶୋଷଣକୁ ସାମନା କରି ଗଢ଼ି ଉଠିଛନ୍ତି । ସେଥିରୁ ଯେଉଁ ଆନ୍ଦୋଳନ ସଫଳ ହୋଇନାହିଁ ତାକୁ ଶୋଷଣକାରୀମାନେ ବିଦ୍ରୋହ କହି ଚାପି ଦେଇଛନ୍ତି । ମାତ୍ର ଯେଉଁଠାରେ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରି ସଫଳ ହୋଇଛି, ଇତିହାସ ତା'ର ନାମ ବିପ୍ଳବ ଭାବେ ସ୍ୱୀକାର କରିଛି ।

ପ୍ରତିଟି ଆନ୍ଦୋଳନ ଆରମ୍ଭ ହୁଏ ମେଳି ବା ପ୍ରତିବାଦରୁ । ଭାରତରେ ତଥା ଓଡ଼ିଶାରେ ବ୍ରିଟିଶ ହୁକୁମତ୍‌ର ଅନ୍ୟାୟୀ ଶାସନ ବିରୋଧରେ ବାହାରକୁ ଦେଖାଯାଉଥିବା ମୂଳସ୍ରୋତ-ଆନ୍ଦୋଳନ ଅନ୍ତରାଳରେ ଯେଉଁ ଅଲଗା ପ୍ରତିବାଦ ସବୁ ମୁଣ୍ଡ ଟେକିଥିଲା, ତା'ଭିତରେ ଓଡ଼ିଶାର ଜନଜାତି ଆନ୍ଦୋଳନର ସ୍ଥାନ ସ୍ୱତନ୍ତ୍ର ।

ଧରିତ୍ରୀର ପିତା ଭାବେ ସ୍ୱୀକୃତ ମହାନ ଜନଜାତି ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ଶହେ ପଚାଶତମ ଜନ୍ମ ଜୟନ୍ତୀ ଅବସରରେ ସମଗ୍ର ଭାରତବର୍ଷ ଏକ ବର୍ଷବ୍ୟାପି ଜନଜାତୀୟ ଗୌରବବର୍ଷ (୨୦୨୪-୨୫) ପାଳନ କରୁଅଛି । ଏହି ସମୟରେ ଜନ୍ମମାଟି ଓ ଜାତିର ସ୍ୱାଧୀନତା ପାଇଁ ବିଦେଶୀ ଶାସନ କଳ ବିପକ୍ଷରେ ପ୍ରତିବାଦ ତଥା ସଶସ୍ତ୍ର ସଂଗ୍ରାମ ମାଧମରେ ସ୍ୱର ଉତ୍ତୋଳନ କରିଥିବା ଓଡ଼ିଶାର ପ୍ରମୁଖ ସ୍ୱାଭିମାନୀ ଜନଜାତି ବରପୁତ୍ରମାନଙ୍କ ସ୍ମୃତିଚାରଣ କରାଯାଉଛି ।

# ଓଡିଶାର ଜନଜାତି ସଂଗ୍ରାମରେ ନେତୃତ୍ୱ ନେଇଥିବା ବରପୁତ୍ରଗଣ



ସହିଦ୍ ମାଧୋ ସିଂହ ବରିହା
( ୧୭୮୬ - ୧୮୫୮ )

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଂଝାଲ ଜନଜାତିର ସର୍ଦ୍ଦାର ମାଧୋ ସିଂହ ବରିହା ଘେଁସ (ବର୍ତ୍ତମାନର ବରଗଡ଼ ଜିଲ୍ଲା ସୋହେଲା ତହସିଲ୍‌ର ଏକ ଅଞ୍ଚଳ)ର ଜମିଦାର ଥିଲେ। ସେ ଇଂରେଜମାନଙ୍କ ଶୋଷଣକାରୀ ଖଜଣା ବ୍ୟବସ୍ଥା ଓ କୁଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ନେତୃତ୍ୱରେ ସ୍ଥାନୀୟ ଜନଜାତି ଓ ସାଧାରଣବର୍ଗର ଯୁବକମାନେ ବୀରତ୍ୱର ସହ ବ୍ରିଟିଶ ସେନା ବିରୁଦ୍ଧରେ ସଶସ୍ତ୍ର ଲଢେଇ ଜାରି ରଖିଥିଲେ। ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ଇଂରେଜମାନେ ମାଧୋ ସିଂହଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କଲେ । ତେବେ ତାଙ୍କ ସୁଯୋଗ୍ୟ ପୁତ୍ର ହାତୀ ସିଂହ, ବୈରୀ ସିଂହ ଏବଂ କୁଞ୍ଜଲ ସିଂହ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶ ସେନା ବିରୋଧରେ ଏହି ବିଦ୍ରୋହକୁ ବ୍ୟାପକ କରିଥିଲେ । ଜନ୍ମମାଟିର ସ୍ୱତନ୍ତ୍ରତା ପାଇଁ ସଂଗ୍ରାମ କରି ମାଧୋ ସିଂହଙ୍କ ପରିବାରର ପିତାପୁତ୍ର ଚାରିଜଣ ସଂଗ୍ରାମୀ ପ୍ରାଣବଳି ଦେଇ ସମଗ୍ର ଦେଶରେ ବିରଳ ଦୃଷ୍ଟାନ୍ତ ରଖିଯାଇଛନ୍ତି ।

ସମ୍ବଲପୁରର ଲପଙ୍ଗା ନିକଟବର୍ତ୍ତୀ ଖିଣ୍ଡା ଗ୍ରାମରେ ୧୮୦୯ ମସିହାରେ ଏକ ରାଜଗଣ୍ଡ ପରିବାରରେ ଜନ୍ମ ଗ୍ରହଣ କରିଥିବା ସୁରେନ୍ଦ୍ର ସାଏ ନିଜ ଅସୀମ ବୀରତ୍ୱ, ଅସାଧାରଣ ଦକ୍ଷତା ଏବଂ ଅତୁଳନୀୟ ନେତୃତ୍ୱ ବଳରେ ଜଣେ ଦୀନବନ୍ଧୁ ଜନନାୟକ ଓ ଅପ୍ରତିଦ୍ୱନ୍ଦୀ ସ୍ୱତନ୍ତ୍ରତା ସଂଗ୍ରାମୀ ଭାବରେ ସାରା ଭାରତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବ୍ରିଟିଶ କୁଶାସନ, ଜନ୍ମମାଟିର ସ୍ୱାଧୀନତା ଏବଂ ନିଜ ନ୍ୟାର୍ଯ୍ୟ ଅଧିକାର ହାସଲ ନିମନ୍ତେ ସେ ବ୍ରିଟିଶ୍ ଶାସନ ବ୍ୟବସ୍ଥା ବିରୋଧରେ ବିପ୍ଲବର ନେତୃତ୍ୱ ନେଇଥିଲେ । ଏଥିନିମନ୍ତେ ତାଙ୍କୁ ଦୁଇଟି ପର୍ଯ୍ୟାୟରେ ଦୀର୍ଘ ସଇଁତିରିଶ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିଥିଲା। ଶେଷରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ସେ ଅସୁରଗଡ଼ ଜେଲ୍ ମଧ୍ୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।




ବୀର ସୁରେନ୍ଦ୍ର ସାଏ
( ୧୮୦୯ - ୧୮୮୪ )




୧୮୨୬ ମସିହାରେ ବ୍ରିଟିଶ ସରକାର ବୌଦ୍ଧର ରାଜାଙ୍କ ସହ ମୈତ୍ରୀ ଚୁକ୍ତି ସ୍ୱାକ୍ଷର କରିଥିଲେ । ପରବର୍ତ୍ତୀ ସମୟରେ ସେମାନେ ସ୍ଥାନୀୟ ଜନଜାତି ସମାଜରେ ପ୍ରଚଳିତ ପରମ୍ପରା, ସାମାଜିକ ବ୍ୟବସ୍ଥା ଓ ଧର୍ମବିଶ୍ୱାସକୁ ଅସଭ୍ୟ ଓ ନୃଶଂସ ବୋଲି ଚିତ୍ରଣ କରି ନିଜ ଧର୍ମ ଓ ସଂସ୍କୃତିର ପ୍ରଚାର କଲେ । ଉଭୟ ପ୍ରଲୋଭନ ଓ ଆତଙ୍କ ମାଧ୍ୟମରେ ପ୍ରାଚୀନ ପରମ୍ପରାକୁ ବିଲୋପ କରିବାକୁ ଉଦ୍ୟମ କରାଗଲା । ଏଣୁ ରତାବିରାର ନବଘନ କହଁରଙ୍କ ନେତୃତ୍ୱରେ ସ୍ଥାନୀୟ କନ୍ଧ ଜନଜାତି ନିଜ ମାଟି ମାଆର ସ୍ୱତନ୍ତ୍ରତା ଓ ପରମ୍ପରାର ସଂରକ୍ଷଣ ପାଇଁ ଅସ୍ତ୍ର ଉତ୍ତୋଳନ କରିଥିଲେ । ନବଘନଙ୍କ ଭାଇ ମାଧବ, ପୁଅ ବୀର ଓ ମହେଶ୍ୱରଙ୍କୁ ଗିରଫ କରାଗଲା । ସ୍ଥାନୀୟ ଜନତାଙ୍କ ଉପରେ ଅତ୍ୟାଚାର ଓ ବର୍ବର ଆଚରଣ ପୂର୍ବକ ସେମାନଙ୍କ ଗାଆଁଗୁଡ଼ିକୁ ନିଆଁ ଲଗାଇ ଜାଳି ଦିଆଯାଇଥିଲା । ଶେଷରେ ସାଧାରଣ ଜନତାଙ୍କ ସୁରକ୍ଷା ସର୍ତ୍ତରେ ୧୮୪୬ ମସିହାରେ ନବଘନ ବ୍ରିଟିଶ ଅଧିକାରୀଙ୍କ ପାଖରେ ଧରା ଦେଇଥିଲେ ।

୧୮୨୦ ମସିହାରେ କେନ୍ଦୁଝରର ବାଂଶପାଳଠାରେ ଭୂୟାଁପିଢ଼ରେ ଜନ୍ମ ଗ୍ରହଣ କରିଥିବା ରତ୍ନା ନାୟକ ପରବର୍ତ୍ତୀ କାଳରେ ଜଣେ ସ୍ୱାଭିମାନୀ ଓ ଦାୟିତ୍ୱବାନ ସର୍ଦ୍ଦାର ଭାବରେ ଜନାଦୃତ ହୋଇଥିଲେ । ଜନଜାତିଙ୍କ ସମ୍ମାନ, କେନ୍ଦୁଝରଗଡ଼ବାସୀଙ୍କ ଅଧିକାରର ସୁରକ୍ଷା ତଥା ଏକ ଜନପ୍ରିୟ, ପ୍ରଜାପାଳକ ଶାସନ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ସେ ବ୍ରିଟିଶ ସମର୍ଥିତ ରାଜତନ୍ତ୍ର ବିରୋଧରେ ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଇଥିଲେ । ଏଣୁ ବ୍ରିଟିଶ୍ ସରକାର ତାଙ୍କୁ ବନ୍ଦୀ କରି ୧୮୭୮ ମସିହା ନଭେମ୍ବର ମାସ ୩୦ ତାରିଖରେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ ।






ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ କଳାହାଣ୍ଡିର ମଦନପୁର - ରାମପୁର ଜମିଦାରୀ ଅନ୍ତର୍ଗତ ଉର୍ଲାଦାନୀ ଅଞ୍ଚଳରେ ସର୍ଦ୍ଦାର ରେଣ୍ଡୋ ମାଝୀ (ପ୍ରକୃତ ନାମ ରିନ୍ଧୋ ମାଝୀ) କନ୍ଧମାନଙ୍କର ପାଟମାଝୀ ଥିଲେ। ସେତେବେଳେ ବ୍ରିଟିଶ୍ ପରିଚାଳିତ ଶାସନ ବ୍ୟବସ୍ଥା ଅତ୍ୟାଚାର ଓ ଅନୀତିପୂର୍ଣ୍ଣ ଥିଲା । ଅତ୍ୟଧିକ ଭୂ-ରାଜସ୍ୱ ଆଦାୟ, ଜଙ୍ଗଲଜାତ ଦ୍ରବ୍ୟ ଉପରେ ନୂତନ ରାଜସ୍ୱର ପ୍ରଚଳନ, ମେରିଆ ପର୍ବ ଓ ଅନ୍ୟାନ୍ୟ ପାରମ୍ପରିକ ରୀତିନୀତିର ଉଚ୍ଛେଦ, ଧର୍ମ ପରିବର୍ତ୍ତନ ନିମନ୍ତେ ପ୍ରଲୋଭନ ଆଦି ପ୍ରମୁଖ କାରଣରୁ ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ କନ୍ଧମାନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିଲେ। ମାତୃଭୂମିର ମୁକ୍ତି ଓ ସମ୍ମାନ ପାଇଁ ବ୍ରିଟିଶ ସେନା ସହ ପ୍ରତ୍ୟକ୍ଷ ଯୁଦ୍ଧ ଲଢ଼ି, ୧୮୫୫ ମସିହାରେ ସର୍ଦ୍ଦାର ରେଣ୍ଡୋ ମାଝୀ ସହିଦ୍ ହୋଇଥିଲେ ।

ମାଲକାନଗିରି ଜିଲ୍ଲାର ପଡ଼ିଆ ନିକଟସ୍ଥ କୋଣ୍ଡାପଲ୍ଲୀ ଗ୍ରାମର ଏକ କୋୟା ପରିବାରରେ ୧୮୩୮ ମସିହାରେ ଭୀମା ଦୋରା ଜନ୍ମ ଗ୍ରହଣ କରିଥିଲେ । ୧୮୬୨ ମସିହାରେ ରମ୍ପା ବିଦ୍ରୋହର ସଫଳ ପରିଚାଳନା ପାଇଁ ହାଇଦ୍ରାବାଦର ନିଜାମ୍ ତାଙ୍କୁ ଏକ ତାମ୍ର ପ୍ରଶଂସାପତ୍ର ପ୍ରଦାନ କରିବା ଯୋଗୁଁ ସେ ତାମା ଦୋରା ଭାବରେ ପରିଚିତ ହେଲେ । ତାମା ଦୋରାଙ୍କ ନେତୃତ୍ୱରେ ମାଲକାନଗିରି ରାଜ୍ୟର କୋୟାବାହିନୀ ବ୍ରିଟିଶ ସେନା ବିରୋଧରେ ଦୀର୍ଘଦିନ ଧରି ସଶସ୍ତ୍ର ସଂଗ୍ରାମ କରିଥିଲେ। ଶେଷରେ ୧୮୮୦ ମସିହା ଜୁଲାଇ ମାସ ୨୫ ତାରିଖରେ ସେ ଯୁଦ୍ଧକ୍ଷେତ୍ରରେ ବୀରଗତି ପ୍ରାପ୍ତ ହୋଇଥିଲେ ।



୧୮୬୪ ମସିହା ମଇ ୫ ତାରିଖରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କୁସୁମିତା ଗ୍ରାମର ଏକ ପାଉଡ଼ି ଭୂୟାଁ ପରିବାରରେ ଧରଣୀଧର ଜନ୍ମ ଗ୍ରହଣ କରିଥିଲେ। ସେ ବ୍ରିଟିଶ୍ ସମର୍ଥିତ ରାଜତନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କରି କେନ୍ଦୁଝରରେ ଗଣ ବିଦ୍ରୋହର ନେତୃତ୍ୱ ନେଇଥିଲେ। ଏଣୁ ତାଙ୍କୁ ବନ୍ଦୀ କରାଯାଇ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେ ୧୯୧୪ ମସିହା ମଇ ମାସ ୧୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ଜଣେ ଶାନ୍ତିପ୍ରିୟ, ମାନବବାଦୀ ନେତା, ବଞ୍ଚିତ ଜନତାର ରକ୍ଷକ ତଥା ଜଣେ ମହାନ୍ କ୍ରାନ୍ତିକାରୀ ସଂଗ୍ରାମୀ ଭାବରେ ଧରଣୀଧର ଅବିସ୍ମରଣୀୟ ହୋଇ ରହିଛନ୍ତି।



**ବିପ୍ଳବୀ ଧରଣୀଧର ଭୂୟାଁ**
(୧୮୬୪ - ୧୯୧୪)



**ବିପ୍ଳବୀ ମାଦ୍ରୀ କାଲୋ**
(୧୮୪୮ - ୧୯୧୪)

୧୮୪୮ ମସିହାରେ ଗାଙ୍ଗପୁର ରାଜ୍ୟ (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା) ର ବଡ଼ଗାଁ ନିକଟସ୍ଥ କୁରେଇବଗା ଗାଆଁର ପ୍ରଗଣାଦାର ଲକ୍ଷ୍ମଣ କାଲୋଙ୍କ ପରିବାରରେ ମାଦ୍ରୀ କାଲୋ ଜନ୍ମଗ୍ରହଣ କରିଥିଲେ। ଅତ୍ୟଧିକ ଭୂରାଜସ୍ୱ ଓ ବେଠି ପ୍ରଥାର ବିଲୋପ ନିମନ୍ତେ, ସେ ବ୍ରିଟିଶ୍ ସମର୍ଥିତ ରାଜା ଓ ଶୋଷକ ଗୌନ୍ତିଆ (ଜମିଦାର) ମାନଙ୍କ ବିରୋଧରେ ଗଣଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏଣୁ ବ୍ରିଟିଶ୍ ଫୌଜ ଦ୍ୱାରା ତାଙ୍କୁ ବନ୍ଦୀ କରାଯାଇ ବାର ବର୍ଷ ଧରି କାରାଗାରରେ ଅକଥନୀୟ ନିର୍ଯ୍ୟାତନା ଦିଆଯାଇଥିଲା। ମହାନ ବିପ୍ଳବୀ ମାଦ୍ରୀ କାଲୋ ୧୯୧୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ।



ନିର୍ମଳ ମୁଣ୍ଡା


ନିର୍ମଳ ମୁଣ୍ଡା ୧୮୯୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା (ପୂର୍ବର ଗାଙ୍ଗପୁର ରାଜ୍ୟ) ର ବୀରମିତ୍ରପୁର ନିକଟସ୍ଥ ବର୍ତ୍ତୋଳି ଗ୍ରାମର ଗୌନ୍ତିଆ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବ୍ରିଟିଶ ସମର୍ଥିତ ରାଜଗାଙ୍ଗପୁର ରାଣୀଙ୍କ ପ୍ରଜାମାରଣ "ବେଠି - ଭେଟି - ରସଦ - ମାଗଣ' ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ନିର୍ମଳ ମୁଣ୍ଡା କୃଷକମାନଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କୃଷକମାନେ ୧୯୩୯ ମସିହା ଏପ୍ରିଲ ମାସ ୨୫ ତାରିଖରେ ଆମ୍‌କୋ - ସିମକୋ ଗ୍ରାମରେ ଏକତ୍ରିତ ହୋଇଥିଲେ। ଏଣୁ ବ୍ରିଟିଶ୍ ପୋଲିସ ନିରୀହ କୃଷକ ଓ ସାଧାରଣ ଜନତାଙ୍କ ଉପରେ ନିର୍ମମ ଭାବରେ ଗୁଳି ଚାଳନା କରିଥିଲେ । ଯାହା ଦ୍ୱାରା ଅଠେଇଶରୁ ଅଧିକ ଜନତା ପ୍ରାଣ ହରାଇଥିଲେ । ନିର୍ମଳ ମୁଣ୍ଡାଙ୍କୁ ଗିରଫ କରି ଜେଲ୍‌କୁ ପଠେଇ ଦିଆଯାଇଥିଲା । ଦେଶର ସ୍ୱାଧୀନତା ପରେ ସେ ସୁନ୍ଦରଗଡ଼ର ବିଶ୍ରା ବିଧାନସଭା ଆସନରୁ ନିର୍ବାଚିତ ହୋଇ ସାଧାରଣ ଜନତାଙ୍କ ସେବା ଜାରି ରଖିଥିଲେ । ସେ ଜାନୁୟାରୀ ୨, ୧୯୭୩ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

୧୮୯୯ ମସିହା ନଭେମ୍ବର ୨୨ ତାରିଖରେ ବର୍ତ୍ତମାନର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମର ମୁସ୍ତାଦାର ପଦଲାମ୍ ନାୟକଙ୍କ ପରିବାରରେ ଲକ୍ଷ୍ମଣ ନାୟକ ଜନ୍ମ ଗ୍ରହଣ କରିଥିଲେ। ଜଣେ ଶାନ୍ତିପ୍ରିୟ, ସତ୍ୟନିଷ୍ଠ କଂଗ୍ରେସ କର୍ମୀ ଭାବରେ ସେ ସାଧାରଣ ଜନତାଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ । ସେ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଡାକରାରେ, ମାଥିଲିରେ ବ୍ରିଟିଶ୍ ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ତାଙ୍କୁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା ।



ସହିଦ୍ ଲକ୍ଷ୍ମଣ ନାୟକ
(୧୮୯୯ - ୧୯୪୩)

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ନିମ୍ନ ଘୁମୁସରର ବିଞ୍ଜିଗିରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମଳ ଲୋଚ଼ନ ଦୋରା ବିଶୋଇ ରାଜା ଧନଞ୍ଜୟ ଭଞ୍ଜଙ୍କ ମାଲିଆ ବିଶୋଇ ଭାବେ ଘୁମୁସୁର (ଗଞ୍ଜାମ) ସେନାବାହିନୀର ନେତୃତ୍ୱ ନେଉଥିଲେ। ସେ ବିଭିନ୍ନ ସମୟରେ ବ୍ରିଟିଶ ସେନା ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରି ସଫଳତା ଲାଭ କରିଥିଲେ । ୧୮୧୭ ମସିହାରେ ତାଙ୍କ ନିର୍ଦ୍ଦେଶରେ ହଜାର ହଜାର କନ୍ଧ ସୈନିକ ବାଣପୁର ଯାଇ ଖୋର୍ଦ୍ଧାର ପାଇକମାନଙ୍କୁ ପାଇକ ବିଦ୍ରୋହରେ ବୀରତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ । ବିଭିନ୍ନ ରାଜନୀତିକ, ସାମାଜିକ ତଥା ଆର୍ଥନୀତିକ କାର୍ଯ୍ୟକ୍ରମ ଓ ଅନୁଷ୍ଠାନରେ ଇଂରେଜମାନେ ଅଯଥା ହସ୍ତକ୍ଷେପ କରୁଥିବାରୁ, ଦୋରା ବିଶୋଇଙ୍କ ନେତୃତ୍ୱରେ କନ୍ଧ ଜନଜାତି ବିଦେଶୀମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ଶେଷରେ ୧୮୩୭ ମସିହାରେ ଦୋରା ବିଶୋଇଙ୍କୁ ବନ୍ଦୀ କରାଯାଇ ଉଟି ଜେଲ୍‌କୁ ପଠାଇ ଦିଆଯାଇଥିଲା । ସେ ୧୮୪୬ ମସିହାରେ ଜେଲ ମଧ୍ୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।


କମଳ ଲୋଚ଼ନ ଦୋରା ବିଶୋଇ

ଜଣେ ସର୍ବମାନ ସ୍ୱାଧୀନତା ସଂଗ୍ରାମୀ ଭାବରେ ଘୁମୁସରର ଚକରା ବିଶୋଇଙ୍କ ଦୁଃସାହସିକ ବ୍ରିଟିଶ ବିରୋଧୀ ଅଭିଯାନ, ଅଦମ୍ୟ ସାହାସ, ସୀମାହୀନ ଉତ୍ସାହ ଓ ଅସାଧାରଣ ଶୌର୍ଯ୍ୟ ଇତିହାସରେ ଅମର ହୋଇ ରହିଛି । କିଶୋର ଅବସ୍ଥାରୁ ଦୋରା ବିଶୋଇଙ୍କ ସହଯୋଗୀ ଭାବରେ ବିଦେଶୀ ଶାସକଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିବା ଚକରା, ପରବର୍ତ୍ତୀ କାଳରେ କନ୍ଧମାନଙ୍କ ସେନାପତି ଭାବେ ଏହି ସଂଘର୍ଷକୁ ଅଧିକ ତୀବ୍ର ଓ ବ୍ୟାପକ କରାଇବାରେ ସମର୍ଥ ହୋଇଥିଲେ । ସେ କନ୍ଧ ତଥା ବିଭିନ୍ନ ଜନଜାତିମାନଙ୍କ ପରମ୍ପରା, ସଂସ୍କୃତି ଓ ଅଧିକାରର ସୁରକ୍ଷା ପାଇଁ ୧୮୪୬ ରୁ ୧୮୫୬ ମସିହା ପର୍ଯ୍ୟନ୍ତ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହର ନେତୃତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱ ଓ ସମର୍ଥନରେ ବ୍ରିଟିଶ ବିରୋଧୀ ସଂଗ୍ରାମ ଘୁମୁସରରୁ ଆରମ୍ଭ ହୋଇ ବୌଦ୍ଧ, ଦଶପଲା, କନ୍ଧମାଳ, କଳାହାଣ୍ଡି, ଅନୁଗୋଳ, ପାଟଣା, ପାରଳାଖେମୁଣ୍ଡି ଓ ଅନ୍ୟାନ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବ୍ୟାପି ଯାଇଥିଲା । ଇଂରେଜମାନେ ତାଙ୍କୁ ବନ୍ଦୀ କରିବାକୁ ଅନେକ ପ୍ରୟାସ କରି ମଧ୍ୟ କେବେବି ସଫଳ ହୋଇ ପାରିନଥିଲେ ।


ଚକରା ବିଶୋଇ



ଲିସ୍‌ମା ଡନସନା, ଶ୍ରେଣୀ : ଅଷ୍ଟମ
ଡେଙ୍ଗସର୍ଗି ଆଶ୍ରମ ବିଦ୍ୟାଳୟ, ଡେଙ୍ଗସର୍ଗି, ବରେଇପାଲି, ସମ୍ବଲପୁର

ମାନକି ସୋରେନ, ଶ୍ରେଣୀ : ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହୁମାଡିହି, ବାସିଙ୍ଗି, ମୟୂରଭଞ୍ଜ



# ଅତୁଳନୀୟ ଭାରତ

ସୁରଜ କରକରିଆ, ଶ୍ରେଣୀ - ଦଶମ

ଏ ମାଟି ଭାରତ ମୋ ଜନ୍ମ ଭୂଇଁ
ଦୁନିଆରେ ତା' ସମ କେହି ନାହିଁ,
ଜନନୀ ସେ ମୋ କେଡେ ସ୍ନେହମୟୀ
ଦୁନିଆରେ ତା' ସମ କେହି ନାହିଁ ।
ତା' କୋଳରେ ଶୋଭାପାଏ
କେତେ ଯେ ବୃକ୍ଷ ରାଜି,
ଶୋଭାପାଏ ତୀର୍ଥମାନ
ତା'ର ଅଳଙ୍କାର ସାଜି ।
ଶସ୍ୟଭରା ପଣତକୁ
ଦେଇଅଛି ମେଲି ସେ,
ତା' ଦତ୍ତ ରସଦ ଭୋଗୀ,
ପରିପୁଷ୍ଟ ମୁଁ ଆଜି ଯେ।
କୁଳୁକୁଳୁ ବହେ ଯହିଁ
ଗଙ୍ଗା ଯମୁନା ନଈ,
ଏ ମାଟି ଭାରତ ମୋ ଜନ୍ମ ଭୂଇଁ
ଦୁନିଆରେ ତା ସମ କେହି ନାହିଁ ।





ଅନେକ ବର୍ଣ୍ଣର ଫୁଲରେ
ସୁସଜ୍ଜିତ ତା' ବେଶ,
ଗାଇଲେ ଗୁଣ ଯେତେ
ହେବ ନାହିଁରେ ଶେଷ ।
ଯା'ର ମୁକୁଟ ସାଜିଛି
ହିମାଳୟ ଗିରୀଶ,
କହି ଆଜି ଗର୍ବିତ ମୁଁ
ସେ ଅଟେ ମୋ ଦେଶ ।
ରଖିବି ତା' ଗୌରବ ମୁଁ
ତା'ରି ଜୟ ଗୀତ ଗାଇ,
ଏ ମାଟି ଭାରତ ମୋ ଜନ୍ମ ଭୂଇଁ
ଦୁନିଆରେ ତା' ସମ କେହି ନାହିଁ ।

ସରକାରୀ (ଏସ୍. ଏସ୍. ଡି.) ବାଳିକା ଉଚ୍ଚ ବିଦ୍ୟାଳୟ
ଡୁକୁମ, ଜିଲ୍ଲା - ରାୟଗଡ଼ା

# ମୋ' ସ୍ୱପ୍ନର ବିଦ୍ୟାଳୟ

**ମନୋରମା ନାଏକ, ଶ୍ରେଣୀ - ସପ୍ତମ**

ନିର୍ଝରିଣୀ ସାପୁଆ ନଈକୂଳରେ ମୋର ବିଦ୍ୟାଳୟ ଅବସ୍ଥିତ । ତା'ର ବାହ୍ୟ ଅଂଶରେ ସବୁଜବନାନୀ ଘେରି ରହିଛି। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ସୁଉଚ୍ଚ ପାଚେରି । ନାଁ ତାର "ଚିଲତଇଳା ଆଶ୍ରମ ବିଦ୍ୟାଳୟ" । ସେଇଠି ମୁଁ ପାଠପଢ଼େ। ମୋର ପ୍ରିୟ ପ୍ରଧାନ ଶିକ୍ଷକ ଏବଂ ମୋର ଅତି ଆପଣାର ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ଛାତ୍ର ଛାତ୍ରୀ ଓ ସମସ୍ତ କର୍ମଚାରୀଙ୍କୁ ନେଇ ମୋର ବିଦ୍ୟାଳୟ ଗଠିତ । ଏହା ଜନଜାତି ବିଭାଗ ଦ୍ୱାରା ପରିଚାଳିତ । ମୋ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ପ୍ରଧାନ ଶିକ୍ଷକ ବହନ କରନ୍ତି ।

ଆମ ବିଦ୍ୟାଳୟରେ ଦୁଇଟି ଆବାସିକ ବ୍ୟବସ୍ଥା ରହିଛି । ଗୋଟିଏ ବାଳକ ଛାତ୍ରାବାସ ଓ ଅନ୍ୟଟି ବାଳିକା ଛାତ୍ରୀ ନିବାସ । ଆମେ ଏଠି ୩୩୦ ଜଣ ଛାତ୍ରଛାତ୍ରୀ ରହି ଅଧ୍ୟୟନ କରୁଅଛୁ । ଜନଜାତିର ପିଲା ଏଠି ରହି ପାଠ ପଢ଼ନ୍ତି।

ମୋ ସାଙ୍ଗ ଏଠି ପଢୁଥିଲା । ସେ ବିଦ୍ୟାଳୟ ବିଷୟରେ ଯାହା କହିଲା, ମୋର ଏଠାରେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେଲା । ମୁଁ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲି । ଛାତ୍ରୀ ନିବାସରେ ରହିଲି। ପ୍ରଥମେ



ପ୍ରଥମେ ମୁଁ ମୋ ପରିବାର କଥା ଜମା ଭୁଲିପାରୁନଥିଲି । ଧୀରେ ଧୀରେ ବିଦ୍ୟାଳୟ ମୋର ଆପଣାର ହେଲା । କାରଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଓ ସାଙ୍ଗ ସାଥୀଙ୍କ ସହ ହସଖୁସିରେ ଘର କଥା ଭୁଲିଯାଏ ।

ମୋ' ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ଶ୍ରେଣୀ ଗୃହ ଅଛି । ପଢିବା, ରହିବା ଓ ଶିଖିବାର ସବୁ ବ୍ୟବସ୍ଥା ମଧ୍ୟ ରହିଛି । ସୁବିଧାରେ ରହିବା, ଖାଇବା, ଆକ୍ୱାଗାର୍ଡ଼ର ପାଣି, ମନୋରଞ୍ଜନ ପାଇଁ ଟେଲିଭିଜନ୍‌ର ବ୍ୟବସ୍ଥା ଏବଂ ପାଠପଢ଼ା ପାଇଁ ସ୍ମାର୍ଟ୍ ବୋର୍ଡ ମଧ୍ୟ ରହିଛି । ବିଦ୍ୟାଳୟର ଲାଇବ୍ରେରୀରେ ଅନେକ ବହି ଅଛି, ଯାହା ଆମ ଜୀବନକୁ ନୂତନ ଜ୍ଞାନ ଏବଂ ପ୍ରେରଣା ଯୋଗାଏ । ଫୁଲ, ଫଳ, ପନିପରିବା ଚାଷରେ ମୋ ବିଦ୍ୟାଳୟ ଉଦ୍ୟାନ ସବୁଜିମାରେ ଆଜି ହସୁଛି ।

ଆମ ବିଦ୍ୟାଳୟରେ ବିଭିନ୍ନ ମହାପୁରୁଷମାନଙ୍କର ଜୟନ୍ତୀ ପାଳନ କରାଯାଏ ଏବଂ ପ୍ରତିଯୋଗିତା ହୁଏ । ସେଥିରେ ଆମେ ସମସ୍ତେ ଭାଗ ନେଇଥାଉ । ଗଣଶିକ୍ଷା ବିଭାଗ ଦ୍ୱାରା ସୁରଭି ଓ ଆମ ବିଭାଗ ଦ୍ୱାରା ସର୍‌ଗିଫୁଲ ଉତ୍ସବରେ ଆମେ ଅଂଶ ଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥାଉ । ଆମ ବିଦ୍ୟାଳୟର ବର୍ଣ୍ଣାଳିକୁ କବିତା, ଗଳ୍ପ, ଚିତ୍ରରେ ସୁସଜ୍ଜିତ କରିଥାଉ । ପ୍ରତ୍ୟେକ ଶ୍ରେଣୀଗୃହ ସୁନ୍ଦର ଦେଖାଯିବା ପାଇଁ ଶିକ୍ଷଣୀୟ ଓ ବିଭିନ୍ନ ଚିତ୍ରରେ ସୁସଜ୍ଜିତ କରୁ ।

ସୁଚାରୁ ରୂପେ ଚାଲିବା ପାଇଁ ଆମ ବିଦ୍ୟାଳୟରେ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି । ଏଠାରେ ଜୀବନ କୌଶଳର ଶିକ୍ଷା ପ୍ରଦାନ କରାଯାଏ । ନିଜକୁ ସୁରକ୍ଷା ଦେବା ପାଇଁ "ରାଣୀ ଲକ୍ଷ୍ମୀବାଈ" ତାଲିମ ମଧ୍ୟ ଦିଆଯାଏ । ସେଥିପାଇଁ ଆଜି ଆମେ ବିଦ୍ୟାଳୟରେ ଖୁସିରେ ରହିଅଛୁ । ଅଭିଭାବକମାନେ ଆମକୁ ଦେଖା କରିବାକୁ ଆସନ୍ତି । ଛୁଟି ହେଲେ ଆମେ ଘରକୁ ଯାଉ । ଏହି ବିଦ୍ୟାଳୟରେ ମୁଁ ଭଲପାଠ ପଢ଼ି ମୋ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବି । ଏକ ସଫଳ ମଣିଷ ହେବି । ଏହା ହିଁ ମୋର ସ୍ୱପ୍ନ ।

"ବିଦ୍ୟାଳୟ ମୋର ଅଟେ ଯେ ମନ୍ଦିର  ପୂଜାପା'ନ୍ତି ଗୁରୁଜୀ ଗୁରୁମା ମୋହର,
ତାଙ୍କରି ଆଶିଷ ପାଇ ଛୁଇଁବି ମୁଁ ଶୀର୍ଷ ସଫଳତାର"

**ଚିଲତଇଳା ଆଶ୍ରମ ବିଦ୍ୟାଳୟ,**
**ଜି. - ଢେଙ୍କାନାଳ**



ମୁକୁଟର ରତ୍ନରାଜୀ
ନଷ୍ଟହେବ ହାତୁଁ ହାତେ ପଡ଼ି
ଯଶୋରତ୍ନ କାଳଭାଲେ
ରାଜୁଥିବ ଯୁଗଯୁଗ ଧରି ।

କବି ମାୟାଧର ମାନସିଂହ (୧୯୦୫-୧୯୭୩)

# ଆସ ଗଛ ଲଗାଇବା

ଉମାକାନ୍ତ ଧରୁଆ, ଶ୍ରେଣୀ-ଦଶମ

ଆମ ପରିବେଶ ରଖିବା ସଫା
ଲଗାଇବା ଆସ ଗଛ,
ମୂଳ ପରା ସିଏ ତା' ଲାଗି ଜୀବନ
ଆଉ ଯେତେ ସବୁ ପଛ ।

ଭରି ଦେଇଥାଏ ଦେହେ ଅମ୍ଳଜାନ
ନିଃଶ୍ୱାସ ପ୍ରଶ୍ୱାସେ ବାୟୁ,
ଜୀବନ ବଞ୍ଚାଏ ଆମରି ସିଏ ତ
ବଢ଼ି ଚାଲିଥାଏ ଆୟୁ ।


ଗଛ ଫୁଲ, ଫଳ, ପତ୍ର, ଚେର ମୂଳ
ଅମୃତ ଔଷଧ ଧନ,
ଶୀତଳ ଛାଇରେ ବାଟୋଇ ବସିଣ
ଆନନ୍ଦ କରେ ତା ମନ ।

ଗଛ ଦିଏ ଖାଦ୍ୟ, ବସ୍ତ୍ର, ବାସଗୃହ
ବିପଦୁ ବଞ୍ଚାଇ ଥାଏ,
ଜଳ ଧାରା ଆଣି ଫସଲେ ସିଞ୍ଚିଲେ
ଚାଷୀକୁ ଭରସା ଦିଏ ।



ଗଛ କାଟ ନାହିଁ ମୋ ଭଉଣୀ ଭାଇ
ସଭିଙ୍କ ଜୀବନ ତାହା,
ଲଗାଅ ହେ ବୃକ୍ଷ ଧରଣୀ ବଞ୍ଚିବ
ସର୍ବ ହିତେ ହେବ ସାହା ।

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଚୁଡାପାଲି, ବଲାଙ୍ଗିର



ଉତ୍କଳମଣି ଗୋପବନ୍ଧୁ ଦାସ (୧୮୭୭-୧୯୨୮)

କେତେ ମହାଜନ ଅସାଧ ସାଧନ
କରିଗଲେ କାଳବଳେ,
କାହିଁ ତାଙ୍କ ବଂଶ ଅଛି ମାତ୍ର ଯଶ
ଆଜିଯାଏ ମହୀତଳେ ।

# କରମସାନୀ ଯାତ୍ରା

**ସିଦ୍ଧାନ୍ତ ହରିପାଲ, ଶ୍ରେଣୀ - ଦଶମ**

ଆଦିବାସୀ ଅଧ୍ୟୁଷିତ ବଲାଙ୍ଗୀର ଜିଲ୍ଲାରେ ପ୍ରଚଳିତ ରହିଛି ଅନେକ ପ୍ରକାରର ଲୋକସଂସ୍କୃତି ତଥା ଲୋକପର୍ବ। ପ୍ରକୃତି ପୂଜାର ଏକ ବିଶେଷ ଅଞ୍ଚଳ ହୋଇପାରିଛି ପଶ୍ଚିମ ଓଡ଼ିଶା । ଏଠାରେ ଭାଦ୍ରବ ମାସରୁ ପାର୍ବଣ ସମୟ ଆରମ୍ଭ ହୋଇଥାଏ । ପଶ୍ଚିମ ଓଡ଼ିଶାର ଏକ ଲୋକପର୍ବ ହେଉଛି କରମସାନୀ ପୂଜା, ଯାହା ଏହି ଅଞ୍ଚଳକୁ ଏକ ସୂତ୍ରରେ ବାନ୍ଧି ରଖିଛି । ଏହି ପୂଜା ସମୟରେ ଏଥିରେ କଳାତ୍ମକ ନୃତ୍ୟ ଗୀତର ପରିବେଷଣ କରାଯାଇଥାଏ ।

ସାଧାରଣତଃ ଭାଦ୍ରବ ଓ ଆଶ୍ୱିନ ମାସରେ ପଶ୍ଚିମ ଓଡ଼ିଶାରେ ଗ୍ରାମେ ଗ୍ରାମେ କରମସାନୀ ପୂଜା ଆୟୋଜନ କରାଯାଏ । ଏହା କରମସାନୀ ଗଛରୁ ନାମକରଣ ହୋଇଥିବା ଜଣାପଡ଼େ । ଆଗରୁ ଏହି ପୂଜାକୁ ଗଛ ମୂଳରେ କରାଯାଉଥିବା ବେଳେ ଏବେ ଏହାର ଡାଳକୁ ଗ୍ରାମକୁ ଆଣି ପୂଜା କରାଯାଉଛି । ଏହାକୁ ମାନସିକ କରି ପୂଜା କଲେ ସନ୍ତାନପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ ।



ପୂଜା ନିମନ୍ତେ କୁରାଢ଼ିର ଗୋଟିଏ ଚୋଟରେ କରମା ଗଛର ଡାଳକୁ ହଣାଯାଏ । ପ୍ରଥମେ ଏହାକୁ ଗାଁ ମୁଣ୍ଡରେ ରଖି ପୂଜା କରାଯାଏ । ସନ୍ଧ୍ୟା ସମୟରେ ଗୀତ ବାଦ୍ୟ ସହିତ ଡାଳକୁ ପୂଜା ସ୍ଥାନକୁ ଅଣାଯାଏ । ଗାଁ'ରେ ରାତ୍ରି ସମୟରେ ପୂଜା କରାଯାଏ । ଏହି ସମୟରେ ମାଦଳ ବାଦ୍ୟ ସହିତ ଆରମ୍ଭ ହୁଏ କରମସାନୀ ଲୋକନୃତ୍ୟ । ମାଦଳ, କସ୍ତାଲ, ଘୁଙ୍ଗୁର ସହିତ ଜଣେ ବାଦକ ଓ ଦୁଇ ଜଣ ଗାୟକଙ୍କ ସଙ୍ଗୀତ ସହ ଗଣ ନୃତ୍ୟ ପରିବେଷଣ କରାଯାଏ ।

ପରଦିନ ସକାଳୁ କରମା ଡାଳ ସହିତ ସମସ୍ତ ପୂଜା ସାମଗ୍ରୀକୁ ନିକଟସ୍ଥ ଜଳାଶୟରେ ବିସର୍ଜନ ପୂର୍ବକ ପୂଜାକୁ ସମାପ୍ତ କରାଯାଏ । ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସଂସ୍କୃତି ସହିତ ଧର୍ମୀୟ ଭାବନାକୁ ଉଜ୍ଜୀବିତ କରି ରଖିବାରେ କରମସାନୀ ଯାତ୍ରାର ଏକ ପ୍ରମୁଖ ଭୂମିକା ରହିଛି ।

**ସରକାରୀ ଉଚ୍ଚ ବିଦ୍ୟାଳୟ (ଏସ୍. ଏସ୍. ଡି),**
**ରାମପୁର, ଭାୟା-ମାଲେଉଟା, ଜିଲ୍ଲା- ବଲାଙ୍ଗୀର**

# ବାପା ଓ ବୋଉ

ଦିବ୍ୟ ମାଝୀ, ଶ୍ରେଣୀ-ଅଷ୍ଟମ



ବାପାଙ୍କର ଗାଳି
ଭାରି କଷ୍ଟ ଦିଏ,
ବୋଉ ଗାଳି ଦେଲେ
ଶୁଣେ ଅବା କିଏ ।
ରାଗି ନ ଖାଇଲେ
ବୋଉ ଖୋଇ ଦିଏ,
ବାପା କୁହନ୍ତି, କେତେଦିନ
ନ ଖାଇବ, ନ ଖାଉ ସିଏ ।
ପରୀକ୍ଷାରେ ଭଲ ନ କଲେ
ବୋଉ ସାହସ ଦେଇ ବୁଝାଏ,
ବାପା କହନ୍ତି, କେତେବେଳେ ତ
ବହି ଧରିଲାନି ନମ୍ବର ଦବ କିଏ ?



କାହା ସହ ଝଗଡ଼ା ହେଲେ
ବାପା କହନ୍ତି ଏଇଟା ଆମର ଆଗୁଆ କଳି କରିଥିବ,
ହେଲେ ବୋଉ କୁହେ,
ମୋ ପିଲା ନାଁରେ ମିଛ କହୁଥିବ ସିଏ ।
ଯଦି କେବେ ମୋର ଜ୍ୱର ହୋଇଥାଏ
ଦୁହେଁ ଯାକ ଜଗି ବସିଥାନ୍ତି ରାତି ସାରା ଅନିଦ୍ରା ହୋଇ
ଜଣେ ଭଗବାନକୁ ଡାକୁଥାଏ,
ତ ଆଉ ଜଣେ ପାଖରେ ବସି ମଥାରେ ପାଣିପଟି ପକାଉଥାଏ ।
କଥାରେ ସିନା ଅଲଗା ଦୁହେଁ
ହେଲେ ଭାବନା ହେଉଛି ଗୋଟେ
ବାପାଙ୍କ ଭଲପାଇବା ମନ ଭିତରେ ଥାଏ,
ବୋଉର ଭଲପାଇବା ଜାଣିହୁଏ ।

ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ,
ବରପଦା, ବାଲେଶ୍ୱର

# ପିଠା ଖାଇବ କିଏ ?

**ପିଙ୍କି ନାୟକ, ଶ୍ରେଣୀ - ଦଶମ**

ଗୋଟିଏ ଗାଁରେ ବୁଢ଼ା ଓ ବୁଢ଼ୀ ଦୁହେଁ ରହୁଥିଲେ । ସେମାନଙ୍କର କୌଣସି ସନ୍ତାନ ନଥିଲା । ଦିନକର କଥା । ବୁଢ଼ା ବୁଢ଼ୀକୁ କହିଲା, "ମୋତେ ଆଜି ପିଠା ଖାଇବା ପାଇଁ ଇଚ୍ଛା ହେଉଛି ।" ବୁଢ଼ୀ କହିଲା, "ଆଜି ତୁମେ ମୋର ମନର କଥା କହିଲ । ମୋତେ ବି ବହୁତ ଦିନରୁ ପିଠା ଖାଇବା ପାଇଁ ଇଚ୍ଛା ହେଉଥିଲା ।" ବୁଢ଼ୀ କହିଲା, "ତେବେ ତୁମେ ଶୀଘ୍ର ବଜାରକୁ ଯାଇ ପିଠା କରିବା ପାଇଁ ସମସ୍ତ ଜିନିଷ କିଣି ଆଣ ।"

ବୁଢ଼ା ବଜାରକୁ ଯାଇ ସବୁ ସାମଗ୍ରୀ କିଣି ଆଣି ବୁଢ଼ୀକୁ ଦେଲା । ବୁଢ଼ୀ ସେଗୁଡ଼ିକୁ ନେଇ ପିଠା କଲା । ପିଠା କରି ସାରି ଦେଖିଲା ଯେ ପିଠା ତିନୋଟି ହୋଇଛି, ମାତ୍ର ଖାଇବା ଲୋକ ଦୁଇଜଣ । ବୁଢ଼ୀ ବୁଢ଼ାକୁ କହିଲା, "ପିଠା ତ ତିନୋଟି ହୋଇଛି କ'ଣ କରିବା ?" ବୁଢ଼ା କହିଲା, "ତା'ହେଲେ ମୁଁ ଦୁଇଟି ପିଠା ଖାଇବି ଓ ତୁ ଗୋଟିଏ ପିଠା ଖାଇବୁ ।" ବୁଢ଼ୀ କହିଲା, "ମୁଁ ବହୁତ ପରିଶ୍ରମ କରିଛି, ତେଣୁ ମୁଁ ଦୁଇଟି ପିଠା ଖାଇବି ।" ବୁଢ଼ା କହିଲା, "ମୁଁ ବି ତୋ' ଠାରୁ ଅଧିକ ପରିଶ୍ରମ କରିଛି । ମୁଁ ଖରାରେ ବଜାରକୁ ଯାଇ ପିଠା ସାମଗ୍ରୀ କିଣି ଆଣିଛି ।"

ବହୁତ ସମୟ ଏପରି ଝଗଡ଼ା ଚାଲିଲା । ପରେ ବୁଢ଼ୀ କହିଲା, "ଚାଲ ଆମେ ଶୋଇ ପଡ଼ିବା । ଯିଏ ପ୍ରଥମେ ଉଠିବ ସିଏ ଗୋଟିଏ ପିଠା ଖାଇବ ଏବଂ ଯିଏ ପଛରେ ଉଠିବ ସିଏ ଦୁଇଟା ପିଠା ଖାଇବ ।" ଦୁଇ ଜଣ ଶୋଇ ପଡ଼ିଲେ ।




ଦୁଇ ଦିନ ହୋଇଗଲା । ବୁଢ଼ାବୁଢ଼ୀ ସେମିତି ଶୋଇଛନ୍ତି । ଲୋକ ଦେଖିଲେ ଯେ ବୁଢ଼ା ଓ ବୁଢ଼ୀ ଦେଖା ଯାଉନାହାନ୍ତି । ଭାବିଲେ ଦୁହେଁ ମରିଗଲେ ବୋଧେ । ଏଣୁ ସେମାନେ ଦୁଇଜଣଙ୍କୁ ଶ୍ମଶାନକୁ ନେଇଗଲେ । ଯେମିତି କାଠ ଉପରେ ଶୁଆଇ ନିଆଁ ଲଗାଇଲେ ବୁଢ଼ାବୁଢ଼ୀ ଜୋର୍‌ରେ ପାଟି କରି ଘରକୁ ଧାଇଁଲେ । ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ସେମାନଙ୍କ ପଛେ ପଛେ ଗଲେ । ବୁଢ଼ା ଓ ବୁଢ଼ୀ ଗାଁ ଲୋକମାନଙ୍କୁ ସମସ୍ତ କଥା କହିଲେ । ଗାଁ ଲୋକେ ସେ କଥା ଶୁଣି ବହୁତ ହସିଲେ ।

**ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଲିଆଭଟା**
**ଗ୍ରାମ-ଖଲିଆଭଟା, ବ୍ଲକ-ଜୟପାଟଣା, ଜିଲ୍ଲା - କଳାହାଣ୍ଡି**



ନିରାକର ମଲିକ, ଶ୍ରେଣୀ : ସପ୍ତମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଛାପଡ଼ା, କନ୍ଧମାଳ

ସୁଇଟିରାଣୀ ମଣ୍ଡଳ, ଶ୍ରେଣୀ : ନବମ
ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଗୁମ୍ମା ବ୍ଲକ, ଗଜପତି



# ମିଠା ବଚନ

ଅର୍ଚ୍ଚନା ସିଂ, ଶ୍ରେଣୀ-ଦଶମ

କଥାରେ କଥାରେ ଅମୃତ କି ବିଷ
ରହିଅଛି ସିନା ଜାଣ,
ଯାହାକୁ ଯେ ଭଳି କହିବାକୁ ଅଛି
ନିଜେ ଦିଅ ମନ ଧ୍ୟାନ ।
କଥା କହେ ମାନୀ, କଥା କହେ ଜ୍ଞାନୀ
କଥାର ମହତ୍ତ୍ୱ ବେଶି,
ଜାଣି ଶୁଣି ଆମେ କହି ନ ପାରିଲେ
ହେବା ସିନା ଦିନେ ଦୁଃଖୀ ।
କଥା ନିଜପର ସୃଷ୍ଟି କରିଥାଏ
କଥାକୁ ସୀମିତ କର,
ବୃଥା କଥା ବେଶି ନ କହିବା ଭଲ
ନିଜେ ଭାବି ଚିନ୍ତି କର ।

କଥାରେ ସଂସାର ଭାଙ୍ଗିଯାଏ ପୁଣି
ସଂପର୍କ ଯୋଡେ ହିଁ କଥା,
କହିବା ପୂର୍ବରୁ ଭାବିଚିନ୍ତି କୁହ
ପାଇବନି କେବେ ବ୍ୟଥା ।
କର୍କଶ କଥାକୁ ମନୁ ଦୂର କର
ମଧୁର ବଚନ କହ,
ଅମୃତ ବଚନ କିଣି ନିଏ ମନ
ସେଥିପ୍ରତି ଧ୍ୟାନ ଦିଅ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଶାଳବଣୀ, ମୟୂରଭଞ୍ଜ



# ସିଘା ତିହାର୍ ନୂଆଁଖାଇ

**କମଲେଶ୍ୱରୀ ସା, ଶ୍ରେଣୀ-ଦଶମ**

ନୂଆଁଖାଇ କେତେ ସପନ୍ କେତେ ନୂଆ ଆଶା ନେଇ କରି ବରଷକେ ଥରେ ଆଏସି । ମନ୍‌ଟା କେଡେ ଉସତ୍ ଲାଗ୍‌ସି । ସବ୍‌କର୍ ମନେ ନୂଆଁ ଆଶା, ନୂଆଁ ଚିନ୍ତା ଭରିଦେସି । ସବ୍‌କର୍ ମନ୍ ଉସଲାଙ୍ଗ ଥିସି । ସଭେ ହସିଖେଲି, ନାଚି ଜେଗି ଜାକ୍ ଜମକରେ ଇ ତିହାର୍ କେ ମନାସନ୍ ।

ଭୁଦୋ ମାସର୍ ଶୁକ୍ଳପକ୍ଷ ପଞ୍ଚମୀ ଦିନେ ଇ' ସିଘା ତିହାର୍ ନୂଆଁଖାଇ ଟା ପଡ୍‌ସି । ଝାଁକର ବବା ପହେଲାନୁ ମାଁ ଇଷ୍ଟଦେବୀ ସମଲେଇ ମାଆଁକେ ପୂଜା କରି ସବ୍‌କର୍ ଘରେ ଧାନ୍ ଖେଡେ ଖେଡେ ଖୁଚିଁ ଦେଇ ଥିସି । ଯଦି ନୂଆଁଖାଇ ଦିନ ନୂଆ ଧାନ୍ ନାଇ ମିଲ୍‌ଲେ 'ଝାଁକ୍‌ରା' ବବା ଝୁଁଟିଥିବା ଧାନ କେ ନେଇ କରି ସେଥି ଘି, ଗୁର ଦେଇ 'ନୂଆଁ ଚରା' ବନାସନ୍ ।

'ନୂଆଁଖାଇ' ତିହାର ହେଉଛେ ଗୁଟେ କୃଷିଜାତ ପର୍ବ । ଯେତେବେଲେ ଚାଷୀ ତାର୍ ପହେଲା ଫସଲ୍ ଅମଲ୍ କର୍ବାର ଆଗୁଁ ଇଷ୍ଟଧାତ୍ରୀ ମାଁ ସମଲେଶ୍ୱରୀ ନେ ଭୋଗ୍ ଲଗେଇ 'ନୂଆଁଚରା' ଖାଏସନ୍ । ଯିଏ ଯେନ ଥିଲେ ବି ସେମାନେ 'ଇ' ତିହାର୍ ଦିନ ଘରକେ ଲେଉଟି ଆଏସନ୍ । ଆଉ ସଭେ ଏକାନେ ମିଶି ନୂଆ ଖାଏସନ୍ ।



'ନୂଆଁଖାଇ' ତିହାର୍ ଆସ୍‌ବାର୍ ମାସକର ଆଗରୁ ଘରଦ୍ୱାର ଛବାଲିପା କରାହେସି । ସବୁ ଆଡର୍ ଲଟାବୁଦା ଛାଁଟି ସଫା କରାଯିସି । ଘରଦ୍ୱାର୍ ପୂରା ଚକ୍‌ଚକୋ ଥିସି । ଘର ସଫା ସୁତରା ସାରି ନୂଆଁଖାଇ ଦିନ ବାରଣ୍ଡାଥି ଆଉ ଦୁଆରେ ମୁରୁଜ ପକାଯିସି । ଆମର୍ ପଶ୍ଚିମ ଓଡିଶାର୍ କଳା, ସଂସ୍କୃତି ଇନୁ ବାରି ହେଇ ପଡସିମାନେ ମନେଛା ଝୁଟି ଆଉ ମୁରୁଜ ତାର୍ ଛାପ୍ ଛାଡିଥିସି ।

ନୂଆଁଖାଇ ଦିନ ଘରେ ଥିବାର ସବୁ ଜିନିଷ ଯେନ୍ତାକି ଲଙ୍ଗଲ୍, ଦାଆ, କୁଏଡ୍, ଭୁଗୁଲି, ଟୁପୁଲି ଛେଚନା, ଚାଗିଲି, ଢେଁକି ସବୁ ଘର କରଣା ସାମାନ୍‌କେ ସଫା ସୁତୁରା କରାଯିସି । 'ଇ' ଦିନେ ଘରର୍ ଭୁଆସେନ୍ ସଖାଲୁଁ ଉଠି ଗାଧୁଆ ପାଧୁଆ ସାରି ନୂଆ ଶାଢି ପିନ୍ଧି ଘରର୍ ପୁରୁଖା, ଦେ ଧାର୍ମିର ଲାଗି ଯାଉ, ଖିରି, ପିଠା, ଆଏରସା, କାକରା ଛଅ ତୁନ୍, ନଅ ଭଜା କରି ପହେଲା ଭୋଗ୍ ଚଢାହେସି ।

ଘରର ମୁରବି ଯିଏ ଥିସି ସେ, ପାରମ୍ପରିକ ରୀତି ଅନୁସାରେ ମାଆଁ ଆରାଧ ଦେବୀ ସମ୍‌ଲେଇ ମାଆନେ ପହେଲା 'ନୂଆଁଚରା' ଅର୍ପନ୍ କରସନ୍ । ତା'ପରେ ସମସ୍ତେ ଏକାନେ ବସି ହରିବୋଲ୍ ହୁଲୁହୁଲି ଦେଇ 'ନୂଆଁଚର' ଚାବ୍‌ସନ୍ । ଆଉ ଇ ଦିନେ ଘରର ଖୁରି, ବାସନ ଗିନା କିଛି ବ୍ୟବହାର ନି କରନ୍ । କୁରେଇ ପତର, ଭେଲୁଆଁ ପତର ଆଉ ସର୍ଗିପତରର ଦନା, ଖଲି ଟିପି ସେଥିରେ ସେଦିନ ସଭେ ଖାଦ୍ୟ ଖାଏସନ୍ । ଇ ଦିନର ମୁଖ୍ୟ ଖାଦ୍ୟ ହେଲା 'ନୂଆଁଚୂଡା' । ନୂଆଁଚୂଡା, ସାଙ୍ଗେ ବିଭିନ୍ନ ପ୍ରକାର ଫଲ, ମୂଲ୍, ଗୁର ସବୁ ମିଶେଇ ପ୍ରସାଦ କରାଯିସି । ପ୍ରସାଦ୍ ଖାଇ ସାର୍ଲା ପରେ ସାନ୍ ମାନେ ବଡ୍ ମାନ୍‌କର ପାଦ ଛୁଇଁ ମୁଡିଆ ମାରି ନୂଆଁଖାଇ ଜୁହାର ହେସନ୍ । ବଡମାନେ ସାନ ମାନ୍‌କେ ସେନୋ ଶ୍ରଦ୍ଧା ବାଟ୍‌ସନ୍ ।

ଜିଁ ଜାଗିଥିଲେ ବଛରେ ଇ ଶବଦ୍‌ଟା ଆଏଯେ ସବୁ ରାଗ୍, ରିଶ୍‌ମି କେ ପାଶ୍‌ରି କରି ଏକା ହୋଇ ନାଚ, ଗୀତ୍, କରି ସବୁ ଭୁଲି ଯିସନ୍ । ନୂଆଖାଇ ସାର୍ଲା ପରେ ମହାଗୁରୁ ଦର୍ଶନ ଲାଗି ଯିସନ୍, ଗିନି, ମୃଦୁଙ୍ଗ କୀର୍ତ୍ତନ କରି ଦଲବାନ୍ଧି ମନ୍ଦିର ଦର୍ଶନ କର୍ସନ୍ । ଘଣ୍ଟ, ଶଙ୍ଖ୍ ହୁଲୁହୁଲି ଥି କମ୍ପି ଉଠୁଥିସି ଗାଁ ଭୂଇଁ ।

ବେଲ୍‌ବୁଡଲେ ଦୁଲ୍‌କି ପିସି ଗାଁର ଖୁଲି, ରସରକେଲି, ମାଏଲଜଡ, ଡାଲଖାଇ ନାଚ ସାଙ୍ଗେ ଢୋଲ, ମୁହରୀ, ତାସା ଗର୍ଜି ଉଠସି । ବୁଢା, ବୁଢୀ, ଧାଙ୍ଗରା, ଧାଙ୍ଗରୀ, ଛୁଆପିଲାନୁ ସଭେ ଝୁମି ଯିସନ୍ ବଜାର ତାଲେ ତାଲେ ନୂଆଁଖାଇ ହେଉଛେ 'ଭାଇଚାରା' ର ପର୍ବ । ଜାତୀୟ ଏକତା, ଜାତୀୟ ସଂହତି ର ଚିହ୍ନ । ଆଏଇ ପରବ୍ । ହେଥିର୍ ଲାଗି ତାହାକେ ସରକାର 'ଗଣପର୍ବ' ର ମାନ୍ୟତା ଦେଲାନ । ଶାନ୍ତି, ମୈତ୍ରୀ, ଏକତା, ସଦ୍‌ଭାବ ଲାଗି ଇ ପରବ୍ କେ ଆଉ ଟିକେ ସୁଦର ଆଉ ସରସ ନାଗୁଛେ ।
ଶେଷରେ କହେବି –

ନୂଆଁ ଧାନ୍ କେ ନୂଆ ମନ୍
ବନେ ବନେ ଥାଉନ୍ ଆପନ୍
ନୂଆଁଖାଇ ହେଉଛେ ଆମର ସିଘାତିହାର୍
ବଡ ବଡ ଖା ସବକେ୍ ମୋର ନୂଆଁଖାଇ ଜୁହାର୍ ।

**ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡାବୁଡ଼, ସୁନ୍ଦରଗଡ**

# ଜୀବନ୍ତ ଠାକୁର

ମାମାଲି ଶବର, ଶ୍ରେଣୀ-ଅଷ୍ଟମ


ମନ୍ଦିର ଯିବା ଦରକାର ନାହିଁ
ହୃଦୟ ତୁମର ମନ୍ଦିର,
ଯାହାକୁ ପବିତ୍ର ରଖିପାରିଲେ,
ଜୀବନଟା ହେବ ସୁନ୍ଦର ।
ମନ୍ଦିର ଯିବା ଦରକାର ନାହିଁ
ଘର ପୁଣି ଏକ ମନ୍ଦିର,
ପିତାମାତା ସେଠି ଜୀବନ୍ତ ଠାକୁର
ପୂଅଝିଅ ଭକ୍ତ ତାଙ୍କର ।
ମନ୍ଦିର ଯିବା ଦରକାର ନାହିଁ
ବିଦ୍ୟାଳୟ ଅଟେ ମନ୍ଦିର,
ଗୁରୁଜୀ ଗୁରୁମା ଜ୍ଞାନ ବିତରନ୍ତି
ନରଖି ପାତର ଅନ୍ତର ।





ମନ୍ଦିର ଯିବା ଦରକାର ନାହିଁ
ମନ୍ଦିରେ ନାହାନ୍ତି ଠାକୁର,
ଜୀବନ୍ତ ଦେବତା ନ ପୂଜି କିମ୍ବା
ପୂଜିବି ପିତୁଳା ପଥର ।

**କାଳିଆଦମା ଆଶ୍ରମ ବିଦ୍ୟାଳୟ,**
**ଅନୁଗୋଳ**



ମାତୃଭୂମି ମାତୃଭାଷାରେ ମମତା, ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା, ଅଜ୍ଞାନ ରହିବେ କାହିଁ !

ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪)

# ବାପା

**ସ୍ୱପ୍ନାମୟୀ ଦିଗାଲ, ଶ୍ରେଣୀ-ଅଷ୍ଟମ**



ବାପା ଅଟନ୍ତି ଘର ମୁଖିଆ
ତାଙ୍କ ପରି ଆଉ କିଏ,
ପରିବାରର କଥା ବୁଝନ୍ତି
ବିବେକ ଖଟାଇ ସିଏ ।।

ଅରଜି କରି ଟଙ୍କା ଆଣନ୍ତି
ଚଳେ ଆମ ପରିବାର,
ଖାଦ୍ୟ ଦରବ ପୋଷାକ ପତ୍ର
ଅଭାବ କରନ୍ତି ଦୂର ।।

ବିପଦ କାଳେ ଧୈର୍ଯ୍ୟ ନ ହରାନ୍ତି
ଦେଇଥାନ୍ତି ଉପଦେଶ,
ଠିକ୍ କାମକୁ ଠିକ୍ ସମୟେ
କରିଥାଆନ୍ତି ସେ ଶେଷ ।।



ପୁଅ ଝିଅକୁ ଅଭୟ ଦେଇ
ବୁଝନ୍ତି ତାଙ୍କରି କଥା,
ପାଠ ପଢା ଆଉ ସ୍ୱାସ୍ଥ୍ୟ ରକ୍ଷାରେ
ନିଇତି କରନ୍ତି ଚିନ୍ତା ।।

ଦୁଃଖ କଥାରେ ବୋଧ ଦିଅନ୍ତି
ଦେଇ ତାଙ୍କ ବୁଦ୍ଧି ବଳ,
ଆମ ଜୀବନ ଧନ୍ୟ କରନ୍ତି
ଆନନ୍ଦରେ କାଟୁ କାଳ ।।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଗୋଛାପଡା, କନ୍ଧମାଳ**

# ଏକ ଭ୍ରମଣ ଅନୁଭୂତି

**ଶ୍ରୀ ଗୋବିନ୍ଦ ଧରୁଆ, ଶ୍ରେଣୀ-ଦଶମ**

ଦିନେ ହଠାତ୍ ଆମ ଦଶମ ଶ୍ରେଣୀର 'ପର୍ଯ୍ୟଟନ ଓ ଆତିଥ୍ୟ'ର ଧନ୍ଦାମୂଳକ ଶ୍ରେଣୀରେ ଶିକ୍ଷକ ଶ୍ରୀ ଶିବାଶିଷ ମହାପାତ୍ର ସାର ଆମକୁ ଗୋଟିଏ ଦିନ ପର୍ଯ୍ୟଟନ ସ୍ଥାନ ବୁଲିଯିବା କଥା କହିଲେ । ଏହା ଆମ ପାଇଁ ଏକ ନୂତନ ବିଷୟ ହୋଇଥିବାରୁ ମନରେ ଅନେକ ପ୍ରଶ୍ନ ଜାତ ହେଲା । ସାର୍ ଆମର  ପ୍ରଶ୍ନ ସବୁର ଉତ୍ତର ଦେଉଥିଲେ ମଧ୍ୟ ଆଉ କିଛି ପ୍ରଶ୍ନ ବାକି ରହିଯାଇଥିଲା। ତାରିଖ ଘୋଷଣା ହେବା ପରେ ମନର ଉତ୍କଣ୍ଠା ଅନେକ ମାତ୍ରାରେ ବଢ଼ିଗଲା ।

ଧାର୍ଯ୍ୟ ତାରିଖର ପୂର୍ବ ଦିନ ସାର୍ ଆମକୁ ଅନେକ ନୀତି ନିୟମ, କ'ଣ କରିବା ନ କରିବା ବିଷୟରେ କହିଲେ। ସେ ଦିନ ସ୍କୁଲ ଛୁଟି ପରେ ଆମେ ସମସ୍ତେ ଗାଧୁଆ ଘରେ ଭିଡ଼ ଜମାଇ ପ୍ୟାଣ୍ଟ୍ ସାର୍ଟ ସଫା କଲୁ । ହଷ୍ଟେଲରେ ରାତ୍ରି ଭୋଜନ ପରେ ଆମ ଭିତରେ କଥା ହେଲୁ । ସକାଳୁ ସମସ୍ତେ ଶୀଘ୍ର ଉଠିବାର କଥା ରଖିଲୁ । କିନ୍ତୁ ଭ୍ରମଣର ଉତ୍କଣ୍ଠା ଯୋଗୁଁ ଭଲ ନିଦ ହେଲା ନାହିଁ ।

ତଥାପି ସକାଳୁ ଠିକ୍ ସମୟରେ ଉଠି ନିତ୍ୟକର୍ମ ସାରି ସଫା ପ୍ୟାଣ୍ଟ୍ ସାର୍ଟ ପିନ୍ଧି ବାହାରିଲୁ । ସକାଳର ହଷ୍ଟେଲ ଖାଇବାରେ ମନ ଲାଗିଲା ନାହିଁ । ଠିକ୍ ନଅଟା ତିରିଶ ସମୟରେ ଏକ ଛୋଟ ବସ



ଆସିଲା । ଆମ ପାଇଁ ଆସିଛି ଭାବି ସାର୍ ଜଣାଇବା ଆଗରୁ ଆମେ ବସ୍‌ରେ ବସିସାରିଲୁ। ମୁଁ ଜୋର୍ କରି ଝରକା ପାଖ ସିଟ୍‌ରେ ବସିଲି । ଗାଁ ମନ୍ଦିରରେ ପୂଜା କରି ବଲାଙ୍ଗୀର ଅଭିମୁଖେ ବାହାରିଲୁ। ବାଟସାରା ସମ୍ବଲପୁରୀ ଗୀତ ବାଦ୍ୟରେ ତାଳ ଦେଇ କେତେ ଜଣ ସାଙ୍ଗ ଚମତ୍କାର ନୃତ୍ୟ ପରିବେଷଣ କଲେ ।

ବଲାଙ୍ଗୀର ସହରର ଏକ ବିଶାଳ ଓ ଭବ୍ୟ ହୋଟେଲ୍ ସମ୍ମୁଖରେ ଗାଡ଼ି ରହିଲା । ଗୋଟିଏ ଧାଡ଼ିରେ ଆମେ ସମସ୍ତେ ଭିତରକୁ ପ୍ରବେଶ କଲୁ । ଏତେ ବଡ଼ ହୋଟେଲ ଆମେମାନେ କେବେ ଆଗରୁ ଦେଖିନଥିଲୁ । ଏହାର ଲାଇଟ୍, ସୋଫା ସବୁ ଉନ୍ନତମାନର ଥିଲା । ସେଠାରେ କେତେ ଜଣ ସାର୍ ଆମକୁ ହୋଟେଲର ବିଭିନ୍ନ ବିଭାଗ, କାର୍ଯ୍ୟପ୍ରଣାଳୀ ବିଷୟରେ ବୁଝାଇ କହିଲେ । ଏ ସବୁ ଆମେ ଆଗ୍ରହର ସହିତ ଶୁଣିଲୁ । ହୋଟେଲର ବିଭିନ୍ନ ବିଭାଗକୁ ବୁଲି ଦେଖିଲୁ । ଏଠାରୁ ବାହାରି ମଧ୍ୟାହ୍ନ ଭୋଜନ କଲୁ ।

ଭୋଜନ ସାରି ସାର୍ ଆମକୁ ବଲାଙ୍ଗୀର ଜିଲ୍ଲାର ଏକମାତ୍ର ରାଜ ମହଲ "ବାଦଲ ମହଲ" କୁ ବୁଲାଇ ନେଲେ । ଭିତରକୁ ପ୍ରବେଶ କଲେ ଏହା ଏକ ଜଙ୍ଗଲର ଭ୍ରମ ସୃଷ୍ଟି କଲା । ଏକ ବିରାଟ କୋଠା ଦେଖି ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ। ଆମ ସାର୍ କହିଲେ ଏହାକୁ ରାଜସ୍ଥାନର ଲୋକ ତିଆରି କରିଛନ୍ତି। ମହଲ ଭିତରେ ବଡ ବଡ ପଶୁମାନଙ୍କ ମୁଣ୍ଡ, ରାଜାଙ୍କ ରହିବା ଘର, ଦରବାର, ମନ୍ଦିର ଆଦି ସବୁ ବୁଲି ଦେଖିଲୁ ।

ଏହାପରେ ଆମେ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ୍ କଲେଜକୁ ବୁଲିବାକୁ ଗଲୁ । ଏହିଠାରେ ହୋଟେଲ୍ ପରିଚାଳନା ବିଷୟରେ ତାଲିମ ଦିଆଯାଏ । କାଚର ବିରାଟ ବିରାଟ ଘର । ପୂର୍ବରୁ ଦେଖିଥିବା ହୋଟେଲ୍ ଭଳିଆ । ସାର୍‌ମାନେ ଆସି ଆମକୁ ପାଠ୍ୟକ୍ରମ, ତାଲିମ ଓ ନିଯୁକ୍ତି ଉପରେ ବୁଝାଇ ଦେଲେ ।

ଏଠାରୁ ଆମେ ଗଲୁ ପାଖରେ ଥିବା ଏକ ଉଦ୍ୟାନକୁ। ସେଠାରେ ଅନେକ ଫୁଲ ଗଛ, ଫଳ ଗଛ ଦେଖିଲୁ । ପାର୍କରେ ଥିବା ବ୍ୟାୟାମ ଖେଳନାରେ ଖେଳିଲୁ । ଦିନଟି ଧୀରେ ଧୀରେ ସରି ଆସୁଥାଏ । ସାର୍‌ଙ୍କ ଡାକରେ ଆମେ ବିଦ୍ୟାଳୟ ଆଡ଼କୁ ଯିବା ପାଇଁ ଗାଡ଼ିରେ ବସିଲୁ । ବାଟରେ ଦିନ ସାରା ବୁଲି ଦେଖିଥିବା ଦୃଶ୍ୟ ଉପରେ ଆଲୋଚନା କରୁ କରୁ ବିଦ୍ୟାଳୟରେ ପହଞ୍ଚିଲୁ ।

ଆମେ ଗାଡ଼ିରୁ ଓହ୍ଲାଇବା ମାତ୍ରେ ହଷ୍ଟେଲର ଅନ୍ୟାନ୍ୟ ପିଲା ତାଳି ମାରି ବଡ଼ ପାଟିରେ ଚିତ୍କାର କରି ଅଭିନନ୍ଦନ ଜଣାଇଲେ । ଭିତରକୁ ଗଲା ପରେ ସମସ୍ତେ ଆମକୁ ଘେରି ଅନେକ କଥା ପଚାରିଲେ ।

ଏ ଭିତରେ ଦୂରରୁ ଘଣ୍ଟାର ଶବ୍ଦ ଶୁଭିଲା । ଯାହା ଆମ ହଷ୍ଟେଲର ରାତ୍ରି ଭୋଜନର ସମୟ ବୋଲି ସୂଚାଇ ଦେଲା । ଖାଇସାରି ସାରା ଦିନର କଥା ଭାବି ଭାବି ଆଖିରେ ନିଦ ଆସିଗଲା । ପରଦିନ ଠାରୁ ବିଦ୍ୟାଳୟରେ ରୁଟିନ୍ ବନ୍ଧା ପାଠପଢା ଆରମ୍ଭ ହୋଇଯାଇଛି। ଏବେ ଆଗାମୀ ଭ୍ରମଣ ନିମନ୍ତେ ଆମେ ଉତ୍ସୁକତାର ସହ ଅପେକ୍ଷା କରିରହିଛୁ।

**ସରକାରୀ ଉଚ୍ଚ ବିଦ୍ୟାଳୟ (ଏସ୍.ଏସ୍.ଡି),**
**ରାମପୁର, ବଲାଙ୍ଗୀର**




ମନିକା ବାସ୍କେ, ଶ୍ରେଣୀ : ଦଶମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶାଳବତୀ ସାମିଲ, ନହଣ୍ଡାଶୋଳ, ମୟୂରଭଞ୍ଜ

ବିପିନ ରାଉତ, ଶ୍ରେଣୀ : ଦଶମ
ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି



# ଆମ ଲୋକକଳା, ଆମ ଗୌରବ

**ଖୁସବୁ ଲୋହାର, ଶ୍ରେଣୀ-ସପ୍ତମ**

ଆମ ଲୋକକଳା, ଆମ ସଂସ୍କୃତିର ବାହକ,
ବିଶ୍ୱଦରବାରେ ତାହା ବଢ଼ାଉଛି ଟେକ।
ଆମ ତାରକସି ଆଉ ଆମ ସମ୍ବଲପୁରୀ ବସ୍ତ୍ର,
ବିଦେଶୀଙ୍କ ମନ କରୁଛି ଆକୃଷ୍ଟ ।
ଆମ ଡାଲଖାଇ, ଦାସକାଠିଆ ଘୁମୁରାନାଚ,
ଶାନ୍ତି ଭରିଦିଏ ଗୋଟିପୁଅ ନାଚ ।
ଆମ ଭାଷା ଆଉ ଚଳଣି ସବୁଠୁ ଭିନ୍ନ,
ଦେଶ ବିଦେଶରେ ଆମ ରହିଛି ମାନ ।
କେତେ ବୀର ଥିଲେ ପରା ଆମ ପୂର୍ବଜ,
ସମୃଦ୍ଧ ହୋଇଛୁ ପାଳି ପରବ ମଉଜ ।
ଲୋକକଳା ଆମ ଓଡିଶାର ଐତିହ୍ୟ,
ଗନ୍ତାଘର ପ୍ରାଚୀନ କଳା ହସ୍ତଶିଳ୍ପର ।।





ପୁରୀ ମନ୍ଦିରେ ବିଜେ ପ୍ରଭୁ ଜଗନ୍ନାଥ,
ଚାରି ଅକ୍ଷର ଯାହାଙ୍କର ବିଶ୍ୱ ବିଖ୍ୟାତ ।
କେତେ ମନୋହର ମନ୍ଦିର ମାଳିନୀ,
କୋଣାର୍କ ମନ୍ଦିର କୀର୍ତ୍ତିମାଳିନୀ ।
ସଂସ୍କୃତିର ବାର୍ତ୍ତା ଦିଏ ଆମ ଉନ୍ନତି,
ଆମ ଲୋକକଳା ଆମ ସଂସ୍କୃତି,
ସଭିଏଁ ମିଶି ରଖିବା ତାର ମହତ,
ଲୋକକଳାର ବିକାଶ ଆମ ଦାୟିତ୍ୱ ।

**ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ,**
**ବିଜାଢୋଲ, ବରଗ ଡ**

# ରକ୍ଷା ବନ୍ଧନ

**ରଞ୍ଜିତା ପୂଜାରୀ, ଶ୍ରେଣୀ - ଦଶମ**

ଜିତା ଓ ଲିତା ଦୁଇ ସାଙ୍ଗ ଥିଲେ । ଦୁହେଁ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଦିନେ ଜିତା ମନ ଦୁଃଖରେ ବସିଥାଏ । ଏହା ଦେଖି ଲିତା ପଚାରିଲା, "ତୋର ଆଜି କ'ଣ ହୋଇଛି, ତୁ' ଦୁଃଖରେ ଥିଲା ଭଳି ମନେ ହେଉଛି । ତୋତେ କିଏ କିଛି କହିଛି କି ?" ଜିତା କହିଲା , "ନା ସେମିତି କିଛି ନାହିଁ । ମୁଁ ତ ତତେ କିଛି ଲୁଚାଏ ନାହିଁ । ପ୍ରକୃତ କଥା ହେଉଛି ରକ୍ଷାବନ୍ଧନ ଆସିଲେ ମୋତେ ବହୁତ ଖରାପ ଲାଗେ । ସବୁ ପିଲା ବଜାରକୁ ଯାଉଛନ୍ତି । ନିଜ ଭାଇମାନଙ୍କ ପାଇଁ ରାକ୍ଷୀ କିଣୁଛନ୍ତି । କିନ୍ତୁ ମୋର ତ କେହି ଭାଇ ନାହାନ୍ତି। କାହା ପାଇଁ ମୁଁ ରାକ୍ଷୀ କିଣିବି ?"

"ମୋତେ ଦେଖ, ମୋର ବି ତ କେହି ଭାଇ ନାହିଁ । ତଥାପି ମୁଁ ଦୁଃଖୀ ନୁହେଁ ।" ଲିତା ହସିହସି କହିଲା। "ଭାଇ ବିନା ରାକ୍ଷୀ ପର୍ବ କେମିତି ପାଳନ କରିହେବ, ସେ ବିଷୟରେ ମୁଁ ତତେ କହିବି।" ଏହାପରେ ଜିତାର କାନରେ ଲିତା କିଛି କଥା ଚୁପ୍ ଚୁପ୍ କରି କହିଲା । ସେହି ମୁହୂର୍ତ୍ତରେ ଯେମିତି ତାର ଦୁଃଖ ଦୂର ହୋଇଗଲା। ସେ ଖୁସିରେ ଡେଇଁଲା।



ଲିତା, ଜିତାକୁ କହିଲା, "ଆମେ ଦୁହେଁ ଠିକ୍ ଚାରିଟା ପରେ ରାକ୍ଷୀ କିଣିବାକୁ ଯିବା ।" ଯୋଜନା ମତେ ଉଭୟ ନିଜ ନିଜ ପସନ୍ଦର ରାକ୍ଷୀ କିଣିଲେ । ସେମାନେ ନର୍ସରୀକୁ ଯାଇ ଦୁଇଟି ଆମ୍ବଗଛ ବି କିଣିଲେ । ପରଦିନ ସକାଳେ ରାକ୍ଷୀ ପର୍ବ ପାଳିବା ପାଇଁ ଦୁହେଁ ସକାଳୁ ଉଠି ନିତ୍ୟକର୍ମ ସାରି କପାଳରେ ତିଳକ ଲଗାଇ ଥାଳି ସଜାଡ଼ିଲେ। ପ୍ରତିବର୍ଷ ରାକ୍ଷୀରେ ଦୁଃଖୀ ହୋଇ ରହୁଥିବା ଜିତା ଆଜି ବହୁତ ଖୁସି ଦେଖାଯାଉଛି କେମିତି ? ଏହା ଦେଖି ମା' ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।

"କଥା କ'ଣ " ମାଆ ପଚାରିଲେ । "ମାଆ ତମେ ଜାଣିଛ ଆଜି ରାକ୍ଷୀ ପୂର୍ଣ୍ଣିମା, ମୁଁ ମୋ ଭାଇକୁ ରାକ୍ଷୀ ବାନ୍ଧିବି" ଜିତା ଆନନ୍ଦର ସହ କହିଲା । "କୋଉ ଭାଇ" ? ଆଶ୍ଚର୍ଯ୍ୟ ହୋଇ ମାଆ ପଚାରିଲେ। ଜିତା ମାଆଙ୍କୁ ସାଙ୍ଗରେ ନେଇ ବାଡ଼ିରେ ଥିବା ଆମ୍ବ ଗଛର ଚାରାକୁ ଦେଖେଇ କହିଲା, "ମାଆ ଏଇ ମୋର ଭାଇ। ମୁଁ ଆଜି ଏହାକୁ ରାକ୍ଷୀ ବାନ୍ଧିବି । ଲିତା ଓ ମୁଁ ଗତକାଲି ବଜାରରୁ ଏଇ ଚାରା ଆଣିଥିଲୁ । ଗଛ ଆମକୁ ଆଜୀବନ ରକ୍ଷା କରିଥାଏ । ପରିବେଶକୁ ସୁରକ୍ଷା ଦେଇଥାଏ। ଆମେ ଶ୍ୱାସକ୍ରିୟା ନେବା ପାଇଁ ଶୁଦ୍ଧ ବାୟୁ ଅମ୍ଳଜାନ ପ୍ରଦାନ କରିଥାଏ । ଏହା ଗଛରେ ପରିଣତ ହେଲେ ଆମକୁ ଖାଇବାକୁ ସୁଆଦିଆ ଫଳ ଦେବ। ସବୁ ଦୃଷ୍ଟିରୁ ଏହି ଗଛ ଭାଇର ଧର୍ମକୁ ଅନୁସରଣ କରିବ। ଲିତା ମୋତେ ଏସବୁ କଥା ବୁଝାଇ କହିଛି।"

ଝିଅ ଠାରୁ ଏସବୁ କଥା ଶୁଣି ମାଆ ତାକୁ ଖୁସିରେ କୁଣ୍ଢେଇ ପକାଇଲେ । ଆମ୍ବ ଚାରା ସହ ବାଡ଼ିରେ ଥିବା ସବୁ ଗଛରେ ଆଣିଥିବା ରାକ୍ଷୀ ବାନ୍ଧି କହିଲେ, "ଚାରାକୁ ବଢ଼ିବା ପର୍ଯ୍ୟନ୍ତ ସୁରକ୍ଷା ଦେବାକୁ ମୁଁ ପ୍ରତିଶ୍ରୁତି ଦେଉଛି । ରାକ୍ଷୀରେ ଭାଇ ଭଉଣୀକୁ ସୁରକ୍ଷା ଦେବା ପାଇଁ ଶପଥ ନେଉଥିବା ବେଳେ ଆଜି ଜଣେ ଭଉଣୀ ନିଜ ପ୍ରିୟ ଭାଇକୁ ସୁରକ୍ଷା ଦେବା ପାଇଁ ଶପଥ ନେଉଛି।"

ଜିତାର କଥା ଶୁଣି ମାଆଙ୍କ ଆଖିରେ ଲୁହ ଆସିଲା । ସେ ମନେମନେ କହିଲେ, ଏଭଳି ଚିନ୍ତାଧାରା ରଖିଲେ ସମାଜ ହସି ଉଠିବ, ପରିବେଶ ସୁନ୍ଦର ହେବା ସହିତ ବହୁତ ସମସ୍ୟାର ସମାଧାନ ହୋଇପାରିବ ।

**ସରକାରୀ (ଏସ୍. ଏସ୍. ଡି) ବାଳିକା ଉଚ୍ଚ ବିଦ୍ୟାଳୟ,**
**ଡାବୁଗାଁ, ଜିଲ୍ଲା - ନବରଙ୍ଗପୁର**



ଶମନ ଶ୍ମଶାନ ଚିତା ଚିତ୍ରେ ବିଭୀଷିକା
ମୃତ୍ୟୁକାମୀ ହୃଦେ ସୁଦ୍ଧା ଦିଅଇ ସେ ଦକା,
ତେଣୁ ଇହ ଲୋକେ ନୁହେଁ କେହି ମୃତ୍ୟୁଞ୍ଜୟ
ଭୌତିକ ସୃଜନ ନୁହେଁ ଅଜେୟ ଅକ୍ଷୟ ।

ଡକ୍ଟର ରାଧାନାଥ ରଥ (୧୮୯୬-୧୯୯୮)

# ଗଛରେ ଗଛ ନଇଁଯା ..

**ସଜନି ମଳିକ, ଶ୍ରେଣୀ-ଅଷ୍ଟମ**



ଗଛରେ ଗଛ ନଇଁଯା'
ଫଳଟିଏ ମୁଁ ତୋଳିବି,
ଦିନରେ ଦିନ ରହିଯା
ପଢ଼ା ସରିଲେ ଖେଳିବି ।

ଫୁଲରେ ଫୁଲ ଫୁଟିଯା'
ବାସନା ତୋର ପାଇବି,
ଗୁଡ଼ିରେ ଗୁଡ଼ି ଉଡ଼ି ଯା
ଗୀତଟିଏ ମୁଁ ଗାଇବି ।



ମେଘରେ ମେଘ ଝରିଯା'
ଦେହ ତୋହର ଛୁଇଁବି,
ସବୁଜ ବେଶ ଆମରି ଦେଶ
କାହାଣୀ ତା'ର କହିବି ।

ପରଜାପତିଲୋ ଉଡିଯା'
ରଙ୍ଗିଲା ଡେଣା ଦେଖିବି,
ସିଲଟ ମୋର ଶୁଖିଯା'
ପାଠ ତହିଁରେ ଲେଖିବି ।।

**ଆଶ୍ରମ ବିଦ୍ୟାଳୟ, ତଟରଙ୍ଗ,**
**ଗଜପତି**



ଭକ୍ତକବି ମଧୁସୂଦନ ରାଓ (୧୮୫୩-୧୯୧୨)

ଶୁଦ୍ଧ ଅନୁରାଗ ବିନା ଜଗତର
ସମ୍ପଦ ସମ୍ଭାର,
ଧନବଳ ବାହୁବଳ ଅଟଇ ହେ
ନିତାନ୍ତ ଅସାର ।

# ମିଲେଟ୍ : ପୁଷ୍ଟିର ଭଣ୍ଡାର

**ଟିକେଶ୍ୱର ମାଝୀ, ଶ୍ରେଣୀ-ଦଶମ**

ପୃଥିବୀରେ ସମସ୍ତ ଜୀବଙ୍କୁ ବଞ୍ଚିବା ପାଇଁ ଖାଦ୍ୟ ଦରକାର। ଖାଦ୍ୟରେ ଥିବା ବିଭିନ୍ନ ଉପାଦାନ ଶରୀରର ସର୍ବାଙ୍ଗୀନ ବିକାଶ ନିମନ୍ତେ ସହାୟକ ହୋଇଥାଏ । ମଣିଷର ଶାରୀରିକ, ମାନସିକ ଓ ସାମାଜିକ ବିକାଶରେ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ରୋଗ-ପ୍ରତିରୋଧକ ଶକ୍ତିର ବିକାଶ ନିମନ୍ତେ କୌଣସି ଔଷଧ ଫଳପ୍ରଦ ହୋଇପାରେ ନାହିଁ। କେବଳ ପୁଷ୍ଟିକର ଖାଦ୍ୟ ଏବଂ ସୁସ୍ଥ ଜୀବନ ଶୈଳୀ ହିଁ ଏକମାତ୍ର ବିକଳ୍ପ ଅଟେ । ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ । ଏଣୁ ଖାଦ୍ୟ ଥାଳିରେ ଯଦି ଆମେ ମାଣ୍ଡିଆ ଭଳି ପାରମ୍ପରିକ ଖାଦ୍ୟକୁ ଆଣିପାରିବା, ତା'ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ଆମେ ନୀରୋଗ ରହିପାରିବା । ଏହି କଥାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୭ ମସିହାଠାରୁ ମିଲେଟ୍ ମିଶନ ବା ପୁଷ୍ଟିଶସ୍ୟ ମିଶନ୍ ଆରମ୍ଭ କରିଛନ୍ତି ।

ମିଲେଟ୍ କହିଲେ ସାଧାରଣତଃ ଛୋଟ ଛୋଟ ଦାନାର ପୁଷ୍ଟି ଶସ୍ୟକୁ ବୁଝାଏ । ଏହି ମିଲେଟରେ ବାଜରା, କାଙ୍ଗୁ, ଯୁଆର ବା ଯଅ, ସୁଆଁ, ଗୁଲୁଚି, ଗହମ ପରି ଛୋଟ ଛୋଟ ଦାନାର ପୁଷ୍ଟିଶସ୍ୟଗୁଡ଼ିକ ଆସେ । କିନ୍ତୁ ଆମ ରାଜ୍ୟରେ ପୁଷ୍ଟିଶସ୍ୟ କହିଲେ ସାଧାରଣତଃ ଆମେ ମାଣ୍ଡିଆକୁ ବୁଝୁ । ଏଣୁ ଓଡିଶା ମିଲେଟ୍ ମିଶନରେ ମାଣ୍ଡିଆକୁ ହିଁ ଗୁରୁତ୍ୱ ଦିଆଯାଇଛି । ଓଡିଶା ଏକ ସଂସ୍କୃତିସମ୍ପନ୍ନ ରାଜ୍ୟ । ରାଜ୍ୟରେ ମାର୍ଗଶୀର ମାସ ପ୍ରଥମ ଗୁରୁବାର ଦିନଟି ଅନେକ ଗୁରୁତ୍ୱ ବହନ କରେ । ସେଥିପାଇଁ ଏହିଦିନକୁ 'ମିଲେଟ୍ସ ଡେ' ବା 'ମାଣ୍ଡିଆ ଦିବସ' ରୂପେ ମାନି ନିଆଯାଇଛି ।



ମାଣ୍ଡିଆରେ ଅନେକ ଗୁଣକାରୀ ଉପାଦାନ ରହିଛି। ଜନ ସଚେତନତା ଅଭାବରୁ ଅନେକ ଲୋକ ଏଥିରେ କି କି ଉପାଦାନ ଭରି ରହିଛି ଜାଣି ନାହାନ୍ତି। ବିଶେଷ କରି ଧନୀଶ୍ରେଣୀୟ ଲୋକମାନେ ଏହାକୁ ଗରିବର ଖାଦ୍ୟ ବୋଲି ବିବେଚନା କରନ୍ତି ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ଯେଉଁମାନେ ମାଣ୍ଡିଆ ଚାଷ କରନ୍ତି ସେମାନେ ମଧ୍ୟ ନିଜେ ନ ଖାଇ ବିକ୍ରି କରିଦିଅନ୍ତି । ତେବେ ମାଣ୍ଡିଆର ଚାହିଦା ବର୍ତ୍ତମାନ ବିଶ୍ୱ ବଜାରରେ ଢେର ଅଧିକ। ଆମ ରାଜ୍ୟ ସରକାର ମାଣ୍ଡିଆ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଅନେକ କାର୍ଯ୍ୟକ୍ରମ କରୁଛନ୍ତି ।

ପାରମ୍ପରିକ ଖାଦ୍ୟ ମାଣ୍ଡିଆରେ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ଭରି ରହିଛି । କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍ ଓ ଶ୍ୱେତସାର। ଏଥିରେ ଖଣିଜ ଭଳି ଅତି ଆବଶ୍ୟକୀୟ ଉପାଦାନ ମଧ୍ୟ ଭରପୂର ମାତ୍ରାରେ ରହିଛି । ଏଣୁ ଏହି ଖାଦ୍ୟ ଖାଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢିବା ସଙ୍ଗେ ସଙ୍ଗେ ହାଡ଼ ମଜବୁତ ରହେ । ଏହା ହଜମ କ୍ରିୟାରେ ଉନ୍ନତି ଆଣେ, ରକ୍ତହୀନତା ଦୂର କରେ ଏବଂ ଏହା ରକ୍ତଶର୍କରାକୁ ନିୟନ୍ତ୍ରଣ କରେ । ଏଥିରେ ଥିବା ଉଚ୍ଚ ଫାଇବର୍ ଓଜନ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ମାଣ୍ଡିଆରେ ବିଭିନ୍ନ ରକମର ଖାଦ୍ୟ ତିଆରି କରାଯାଏ । ଯଥା - ସୁପ୍, ପିଠା, ରୁଟି, ନୁଡ଼ଲ୍ସ୍, ସରବତ ଇତ୍ୟାଦି । ଏତଦ୍‌ବ୍ୟତୀତ ଚାଉଳ ସହିତ ମିଶାଇ ଜାଉ ପ୍ରସ୍ତୁତ କରାଯାଏ । ଏହା ଉଚ୍ଚ ରକ୍ତ ଚାପକୁ ନିୟନ୍ତ୍ରଣ କରିବା ସହିତ ଗ୍ରୀଷ୍ମକାଳରେ ଶରୀରକୁ ଥଣ୍ଡା ରଖେ । ସେଥିପାଇଁ ଏହାକୁ ଗ୍ରୀଷ୍ମକାଳରେ ଅନେକ ଲୋକ ବ୍ୟବହାର କରନ୍ତି । ଏଥିରେ ଥିବା ମ୍ୟାଗ୍ନେସିୟମ୍ ମଧୁମେହ ବା ଡାଇବେଟିକ୍ ରୋଗୀଙ୍କ ପାଇଁ ଅମୃତସମ । ଏହା କ୍ୟାନ୍ସର୍ ପରି ରୋଗକୁ ମଧ୍ୟ ଦୂର କରିପାରେ। ଏସିଆ ମହାଦେଶରେ ୮୦ ପ୍ରତିଶିତ ମିଲେଟ୍ ଭାରତରେ ଉତ୍ପାଦିତ ହୁଏ ।

ଓଡିଶାରେ ମିଲେଟ୍‌ର ଚାଷ ବୃଦ୍ଧି ପାଉଛି । ବଜାରରେ ମଧ୍ୟ ଏହାର ଚାହିଦା ବେଶ୍ ଅଧିକ । ବର୍ତ୍ତମାନ ଦୋକାନୀମାନେ ମାଣ୍ଡିଆରୁ ବିଭିନ୍ନ ରକମର ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ଶିକ୍ଷିତ ଓ ବୁଦ୍ଧିମାନ ଲୋକ ମଧ୍ୟ  ଘରେ ତିଆରି କରି ଖାଉଛନ୍ତି । ବିଶେଷ କରି ଅଙ୍ଗନୱାଡ଼ି ଓ ହଷ୍ଟେଲ୍‌ରେ ରହୁଥିବା ଛାତ୍ର ଛାତ୍ରୀମାନଙ୍କୁ ଜଳଖିଆ ହିସାବରେ ମାଣ୍ଡିଆ ଲଡୁ ଦିଆଯାଉଛି ।

ମିଲେଟ୍‌ର ଉପକାରିତା ଖୁବ୍ ସୁଦୂର ପ୍ରସାରୀ। ସେଥିପାଇଁ ଏହାକୁ ସୁପରଫୁଡ୍ ବୋଲି କୁହାଯାଇଛି। ଜନସଚେତନତା ସୃଷ୍ଟି ହେଉଥିବାରୁ ଏହା ବର୍ତ୍ତମାନ ସମୟରେ ଅଧିକ ପରିମାଣରେ ଉତ୍ପାଦିତ ହେଉଛି। ସେଥିପାଇଁ ସରକାର ମଧ୍ୟ ସହଯୋଗ କରୁଛନ୍ତି । ଓଡିଶା ମିଲେଟ୍ ବର୍ତ୍ତମାନ ସାରା ଦେଶରେ ଆଦୃତି ଲାଭ କରିଛି । ଆସନ୍ତୁ ଆମେ ସମସ୍ତେ ମିଲେଟ୍ ଖାଇବା, ସୁସ୍ଥ ଓ ନିରୋଗ ରହିବା। ସରକାରଙ୍କର ମିଲେଟ୍ ମିଶନକୁ ମଧ୍ୟ ସାଫଲ୍ୟମଣ୍ଡିତ କରିବା ।

**ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,**
**ଖଲିଆଭଟା, କଳାହାଣ୍ଡି**

# ଖାଇଲା କିଏ ?

**ଜ୍ୟୋତିରାଣୀ ବାପୁଙ୍ଗା, ଶ୍ରେଣୀ - ଦଶମ**

ଗୋଟିଏ ଗାଁରେ ରାମବାବୁ ବୋଲି ଜଣେ ଲୋକ ରହୁଥିଲେ । ରାମବାବୁଙ୍କର ଘର ଜଙ୍ଗଲ ପାଖରେ। ସେ ସବୁଦିନ ବାହାରକୁ କାମ କରିବା ପାଇଁ ଯାଆନ୍ତି ଏବଂ ସନ୍ଧ୍ୟା ସମୟରେ ଘରକୁ ଫେରନ୍ତି । ଦିନକର କଥା, ରାମବାବୁ କାମ କରି ଗଲେ ଓ ତାଙ୍କ ସ୍ତ୍ରୀ କହିଲେ ମୁଁ ଗାଧୋଇ ଯାଏ ତା'ପରେ ଭାତ ଖାଇବି।

ରାମବାବୁଙ୍କର ସ୍ତ୍ରୀ ପୋଖରୀରୁ ଗାଧୋଇ ସାରି ଘରକୁ ଫେରିଲେ । ଭାତ ଖାଇବା ପାଇଁ ସେ ରୋଷେଇ ଘରକୁ ଯାଇ ଦେଖିଲେ ଡେକ୍‌ଚିରେ ଭାତ ନାହିଁ କି ତୁ'ଣ ବି ନାହିଁ । ସେ ଭାବିଲେ କିଏ ଖାଇଲା । ଭାତ ଓ ତୁ'ଣ ନ ଥିବାରୁ ରାମବାବୁଙ୍କ ସ୍ତ୍ରୀ ଆଉଥରେ ରୋଷେଇ କଲେ। ସବୁଦିନ ସେମିତି ହିଁ କିଏ ଭାତ ଓ ତୁ'ଣ ଖାଇ ଚାଲିଲା । ରାମବାବୁଙ୍କ ସ୍ତ୍ରୀ ଭାବିଲେ ମୁଁ ରାନ୍ଧୁଥିବା ଖାଇବା ବୋଧେ ହୁଏ ଭୂତ ଖାଇଦେଉଛି । ତାଙ୍କ ସ୍ତ୍ରୀ ଡରିଗଲେ । ଆଗରୁ ଏ କଥା ସେ ଭାବିନଥିଲେ ।

କିଛି ସମୟ ପରେ ରାମବାବୁ ଘରକୁ ଫେରିଲେ ଏବଂ ସେ ଦେଖିଲେ ତାଙ୍କ ସ୍ତ୍ରୀ ଡରି ଠିଆ ହୋଇଛନ୍ତି। ରାମବାବୁ ତାଙ୍କ ସ୍ତ୍ରୀଙ୍କୁ ପଚାରିଲେ କ'ଣ ପାଇଁ ଡରୁଛ ? ସ୍ତ୍ରୀ କହିଲେ, ଆମର ଭାତ ଓ ତୁ'ଣ ଭୂତ



ଖାଇଦେଉଛି। ରାମବାବୁ ହସିଦେଲେ । ପୁଣି ତାଙ୍କ ସ୍ତ୍ରୀ କହିଲେ କି ଆଜି ଦ୍ୱିପହର ବେଳକୁ ଦେଖିଲି ଭାତ ଓ ତୁ'ଣ ନଥିଲା। ଯଦି ମୋ କଥା ବିଶ୍ୱାସ କରୁନ ତେବେ କାଲି ଦ୍ୱିପହର ବେଳକୁ ଭାତ ଓ ତୁ'ଣ ନଥିବ । ରାମବାବୁ କହିଲେ "ଆଛା ! ଭିତରେ ଲୁଚି ରହିଲେ ଠିକ୍ ହେବ। ସେଇଆ ହେଲା ।"

ଦୁହେଁ ଲୁଚି ବସିଲେ, କିଛି ସମୟ ପରେ ଗୋଟିଏ ମାଙ୍କଡ ଘର ସ୍କାଇଲାଇଟ୍ ଦେଇ ପଶି ଆସିଲା। ସେମାନେ ଦେଖିଲେ ସେ ଭାତ ଓ ତୁ'ଣ ଖାଉଛି ଏବଂ ପନିପରିବା ମଧ୍ୟ ନଷ୍ଟ କରୁଛି । ଏହା ଦେଖି ରାମବାବୁଙ୍କ ସ୍ତ୍ରୀ କବାଟ କିଳି ଦେଲେ ଏବଂ ମାଙ୍କଡକୁ କହିଲେ "ମୁଁ ଭାବୁଥିଲି ଭାତ ଓ ତୁ'ଣ ଭୂତ ଖାଇ ଦେଉଛି । ଦେଖିଲା ବେଳକୁ ମାଙ୍କଡ ତୁ' ଖାଉଛୁ ।" ତା'ପରେ ମାଙ୍କଡକୁ ଗୋଡେଇବାକୁ ଲାଗିଲେ। ମାଙ୍କଡ ଡରିଯାଇ ଜଙ୍ଗଲକୁ ଫେରିଗଲା ଏବଂ ଆଉ କେବେ ଗାଁକୁ ଆସିଲା ନାହିଁ ।

ରାମବାବୁ ଓ ତାଙ୍କ ସ୍ତ୍ରୀ ଶାନ୍ତିରେ ନିଶ୍ୱାସ ମାରିଲେ ।

**ମାଲ୍ୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, ମାଲ୍ୟଗିରି**
**ଗ୍ରା - ମୁକ୍ତାପୁର, ପୋ/ଥ-ପାଳଲହଡା, ଜିଲ୍ଲା - ଅନୁଗୋଳ**





ଶୁଣ ହେ ମଣିଷ ଭାଇ, ଝୁରିମରିବାକୁ ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ,
ଶୁଣ ହେ ମଣିଷ ଭାଇ, ଅମୃତ ଦୀପ୍ତ ସନ୍ତାନ ତୁମେ
ମରଣ ତୁମର କାହିଁ ?

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ (୧୯୦୧-୧୯୩୮)



ବିଶ୍ୱର କଲ୍ୟାଣ ଆଶେ
ମରଣ ଯେ କରଇ ବରଣ,
ମର ଏ ମରତ ପଥେ
ସେଇଏକା ଲଭଇ ଜୀବନ ।

ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ (୧୯୧୧-୨୦୦୦)

# ମୁଁ ଚାଷୀ

**ରବୀନ୍ଦ୍ର ମାଝୀ, ଶ୍ରେଣୀ-ଦଶମ**



ଅନ୍ୟ ପେଟ ପାଇଁ
କରେ ମୁଁ ଶ୍ରମ,
ନିଜ ସୁଖ ଛାଡ଼ି
କରେ ମୁଁ କାମ ।
ସଭିଙ୍କ ଖୁସିରେ
ଦିଏ ମୁଁ ହସି,
ସମସ୍ତେ କହନ୍ତି
ମୁଁ ଅଟେ ଚାଷୀ ।

ସୂର୍ଯ୍ୟୋଦୟ ହେଲେ
ବିଲକୁ ଯାଏ,
ଶ୍ରମ ସାରି ମୁଁ ଯେ
ଲେଉଟି ଥାଏ ।
ଘରେ ପହଞ୍ଚିଣ
ଦି' ମୁଠା ଖାଏ,
ଶାନ୍ତିରେ ମୁଁ ଟିକେ
ଶୋଇଣ ଯାଏ ।



**ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**
**ଖଲିଆଭଟା, କଳାହାଣ୍ଡି**





ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।

ସନ୍ଥକବି ଭୀମଭୋଇ (୧୮୫୦-୧୮୯୫)




ଚୈତନ୍ୟ ମାର୍ଡ଼ି, ଶ୍ରେଣୀ : ଅଷ୍ଟମ
ସରକାରୀ (ଏସ୍ଏସ୍ଡି) ଉଚ୍ଚ ବିଦ୍ୟାଳୟ, ଭଗାମୁଣ୍ଡା, କେନ୍ଦୁଝର

ଅନୁରାଧା ନାଏକ, ଶ୍ରେଣୀ : ନବମ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଚିଲିକା, ଜୁରୁମୁଙ୍ଗା, କେନ୍ଦୁଝର



# ରାକ୍ଷସ ଓ ଦରଜୀ


**ଚମରା ମୁଣ୍ଡା, ଶ୍ରେଣୀ - ସପ୍ତମ**

ଗୋଟିଏ ଗାଁରେ ଜଣେ ଦରଜୀ ରହୁଥିଲା। ସେ ଭଲଭଲ ପୋଷାକ ତିଆରି କରୁଥିଲା ଏବଂ ପାଖରେ ଥିବା ଗାଁମାନଙ୍କୁ ଯାଇ ପୋଷାକ ବିକ୍ରି କରୁଥିଲା ।

ସେ ଦିନେ ଯାଉଥିବାବେଳେ ବାଟରେ ଗୋଟିଏ ବିରାଟ ରାକ୍ଷସକୁ ଭେଟିଲା । ତା'କୁ ଦେଖି ସେ ବହୁତ ଡରିଗଲା। ରାକ୍ଷସ କହିଲା, "ମୁଁ ତୁମକୁ ଖାଇବି।" ଦରଜୀ କହିଲା- "ମୁଁ ସବୁ ପୋଷାକ ବିକ୍ରି କରି ଆସିଲେ, ତୁମେ ମୋତେ ଖାଇବ।" ରାକ୍ଷସ କହିଲା- "ସତରେ ତୁ ଆସିବୁ ! ଚାଲାକି କରିବୁନି ତ ?"

ରାକ୍ଷସକୁ ଫେରିବାର କଥା ଦେଇ ଦରଜୀ ସେଠାରୁ ଗଲା । ଗଲାବେଳେ ବାଟରେ ଗୋଟିଏ ଜଙ୍ଗଲ ପଡ଼ିଲା । ଜଙ୍ଗଲ ମଧ୍ୟରେ ଗୋଟିଏ ବାଘ ମରି ପଡ଼ିଥିବାର ସେ ଦେଖିଲା । ବାଘ ଦେହରୁ ସେ ଚମଡ଼ା ବାହାର କଲା । ସେହି ଚମଡ଼ାକୁ ନେଇ ଜଙ୍ଗଲ ଆରପଟ ଗାଁରେ ପହଞ୍ଚିଲା । ସେଠାରେ ସବୁ ପୋଷାକକୁ ବିକ୍ରି କରିଦେଲା। ତା'ପରେ ନିଜ ଗାଁକୁ ଫେରିଲା। ଫେରିଲାବେଳେ ବାଘ ଚମଡ଼ାକୁ ଘୋଡ଼େଇ ହୋଇ ଫେରିଲା।

ସେ ବାଘ ପରି ଚାଲିଲା । ବାଟରେ ରାକ୍ଷସ ତାକୁ ଭେଟିଲା । କହିଲା - "ଆରେ ବାଘ, ତୁ ଜଣେ ଦରଜୀକୁ ଦେଖିଥିଲୁ କି ?" ବାଘ କହିଲା- "ସେ ଏହି ଜଙ୍ଗଲରେ ବହୁତ ଦୂରରେ ଅଛି ।" ରାକ୍ଷସ ତା' କଥାକୁ ବିଶ୍ୱାସ କରି ଜଙ୍ଗଲ ଆଡ଼କୁ ଫେରିଲା । ଦରଜୀ ବାଘ ଚମଡ଼ାକୁ ଖୋଲି ଖୁସି ମନରେ ଘରକୁ ଚାଲିଲା। ଦରଜୀର ଚତୁରତା ପାଇଁ ତା' ଜୀବନ ବଞ୍ଚିଗଲା।



**କାଳିଆଦମା ଆଶ୍ରମ ବିଦ୍ୟାଳୟ, କାଳିଆଦମା, ଜିଲ୍ଲା - ଅନୁଗୋଳ**

# ଖାଦ୍ୟ ସାର

**ରାକେଶ୍ ଦେହୁରୀ, ଶ୍ରେଣୀ-ସପ୍ତମ**



ଆସରେ ଭାଇ ଖାଇବା ପାଇଁ,
ଶ୍ୱେତସାର ଦ୍ରବ୍ୟ ଆଣିଛି ମୁହିଁ ।
ଭାତ, ରୁଟି, ଆଳୁ, ଚୁଡା ଚକଟା,
ଖାଇଲେ ଜାଣିବ ଶ୍ୱେତସାର ଏଇଟା ।
ସ୍ନେହସାର ବୋଲି ଗୋଟିଏ ସାର,
ଲହୁଣି, ତେଲ, ଘିଅ, ଅଣ୍ଡାର ।
ଏ ସାର ଭାଇ ଯିଏ ଖାଇବ,
ଦେହକୁ ଚିକ୍କଣ ସୁନ୍ଦର କରିବ ।
ଏହାପରେ ପୁଣି ପୁଷ୍ଟିସାର,
ଏହା ଭାଇ ସବୁ ଡାଲି ଜାତିର ।
ଡାଲି, ଶିମ୍ବ, ଆଉ ମଟର,
ମାଛ, ମାଂସ, ଛେନା ଓ କ୍ଷୀର ।
ତା'ପରେ ରହିଛି ଜୀବସାର,
ସାର ମଧ୍ୟରେ ସେ ଅଟଇ ସାର ।
ଶାଗ, ପିଜୁଳି, କରମଙ୍ଗା,
ଗାଜର, ଅଁଳା, କଞ୍ଚାଲଙ୍କା ।
ମନେରଖ ଭାଇ ଏହି ଚାରିଟି
ତିଆରି କରିଛି ଆମ ପ୍ରକୃତି ।
ଖାଇଲେରେ ଭାଇ ରୋଗରୁ ମୁକ୍ତ
ନ ଖାଇଲେ ହୁଏ ରୋଗ ବହୁତ ।



**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ସାହାରପୁର, କେନ୍ଦୁଝର**

# ବାବା ତିଲ୍‌କା ମାଝୀ

ବ୍ରଜ ସୋରେନ୍, ଶ୍ରେଣୀ - ନବମ

ପ୍ରାୟ ୨୦୦ ବର୍ଷ ପୂର୍ବେ ଯେତେବେଳେ ରାଜା ମହାରାଜାମାନେ ଇଂରେଜ ବିରୋଧରେ ଯୁଦ୍ଧ କରିବା କଥା ଚିନ୍ତା କରିପାରୁ ନଥିଲେ, ସେ ସମୟରେ ବିହାର ଭଗଲପୁର ଅଞ୍ଚଳର ଜଣେ ସାନ୍ତାଳ ବୀର ତିଲ୍‌କା ମାଝୀ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ କରି ଫାଶୀ ପାଇଥିଲେ ।

ତିଲ୍‌କା ୧୭୫୦ ମସିହା ବିହାର ଭଗଲପୁର ନିକଟସ୍ଥ ଏକ ଛୋଟ ଗ୍ରାମର ମୁର୍ମୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ଗ୍ରାମଟିକୁ ଏବେ ତିଲକପୁର କୁହାଯାଉଛି । ତିଲ୍‌କା ମାଝୀ ବାଲ୍ୟ କାଳରୁ "ମାରାଙ୍ଗ ଗୁରୁ"ଙ୍କୁ ପୂଜା କରୁଥିଲେ । ଜଙ୍ଗଲର ହିଂସ୍ର ପଶୁପକ୍ଷୀଙ୍କୁ ଭୟ ନକରି ତାଙ୍କ ସହ ଖେଳିବାକୁ ଚେଷ୍ଟା କରୁଥିଲେ । ପିଲାକାଳରୁ ଡର କି ଭୟ କ'ଣ ସେ ଜାଣି ନଥିଲେ । ଦିନ ବିତିଗଲା ଏବଂ ସେ ଜଣେ ଧାର୍ମିକ ବ୍ୟକ୍ତିରେ ପରିଣତ ହେଲେ ଏବଂ ଲୋକେ ସ୍ନେହରେ ତାଙ୍କୁ ତିଲକ୍ ବାବା ଡାକୁଥିଲେ ।



ତିଲ୍‌କା ମଧ୍ୟ ଧନୁଶର ବିଦ୍ୟାରେ ନିପୁଣ ଥିଲେ । ଧନୁଶର ବିଦ୍ୟାରେ ତାଙ୍କ ଅଞ୍ଚଳର କେହି ଜଣେ ତାଙ୍କୁ, ଅତିକ୍ରମ କରିପାରୁ ନଥିଲେ । ଶର ବିନ୍ଧିବା କଳା ଶିଖିବାକୁ ଗ୍ରାମର ଯୁବକମାନେ ତାଙ୍କ ପାଖରେ ଭିଡ଼ କରୁଥିଲେ । ବର୍ଷକୁ ଥରେ ବା ଦୁଇଥର ରାଜାଙ୍କୁ ସାହାଯ୍ୟ କରିବାକୁ ପଡୁଥିଲା ।

ପଲାସୀ ଯୁଦ୍ଧ ପରେ, ଇଂରେଜମାନେ ବଙ୍ଗ, ବିହାର ଏବଂ ଓଡିଶାର ଶାସକ ପାଲଟି ଗଲେ । ଉଗଲପୁରର ରାଜା ଇଂରେଜମାନଙ୍କ ଅଧୀନକୁ ଆସିଲେ । ଇଂରେଜମାନେ ଲୋଭରେ ଅଧିକ ଖଜଣା ସଂଗ୍ରହ କରିବାକୁ ଇଚ୍ଛା କଲେ । ସେମାନେ ଉଗଲପୁର ରାଜାଙ୍କୁ ଅଧିକ ଖଜଣା ଦେବାକୁ ବାଧ କଲେ । ଫଳରେ ରାଜା ଆଦିବାସୀମାନଙ୍କ ଠାରୁ କର ଆଦାୟ ନିମିତ୍ତ ରାଜ୍ୟ ବାହାରର ଲୋକଙ୍କୁ ନିଯୁକ୍ତ କଲେ ।

କେତେକ ଆଦିବାସୀ ଗ୍ରାମକୁ ଜମିଦାରମାନଙ୍କ ଦ୍ୱାରା ପଟ୍ଟା ପ୍ରଦାନ କରାଯାଇଥିଲା । ଜମିଦାରମାନେ ଖଜଣା ଦେଇ ନପାରିଲେ ଜମିର ପଟ୍ଟା ଛଡ଼ାଇ ନିଆଯାଉଥିଲା । ତିଲ୍‌କା ବାବାଙ୍କୁ ଏହା ଭଲ ଲାଗିଲା ନାହିଁ । ଫଳରେ ଇଂରେଜ ବିରୋଧରେ ତିଲ୍‌କା ବାବା ସ୍ୱର ଉତ୍ତୋଳନ କଲେ ।

ଇଂରେଜମାନଙ୍କୁ ପ୍ରତିରୋଧ କରିବାକୁ ସେ ବାଟ ଖୋଜିଲେ । ସୁଯୋଗ ଆସିଲା ୧୭୮୪ ମସିହା ଜାନୁୟାରୀ ୨୩ ତାରିଖ ସକାଳେ । ବ୍ରିଟିଶ୍ ସରକାରଙ୍କ କ୍ଲେରେଲାଣ୍ଡ ସାହେବ ଘୋଡ଼ା ସବାରରେ ତାଙ୍କର ବସାକୁ ଫେରୁଥିଲେ । ତିଲ୍‌କା କିଛି ଦୂରରୁ ଗୋଟିଏ ତୀର ଲକ୍ଷ୍ୟ କରି ମାରିଲେ ଏବଂ ଘଟଣା ସ୍ଥଳରେ ସାହେବଙ୍କର ମୃତ୍ୟୁ ହେଲା ।

କ୍ଲେରେଲାଣ୍ଡଙ୍କ ମୃତ୍ୟୁ ଖବର ସବୁଆଡେ ବ୍ୟାପିଗଲା । ସରକାର ଅଧିକ ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ମଗାଇଲେ । କିନ୍ତୁ ତିଲ୍‌କା ଏବଂ ତାଙ୍କ ଲୋକମାନେ ଏକ ବର୍ଷବ୍ୟାପୀ ଯୁଦ୍ଧ କରି ଧନୁଶର ସାହାଯ୍ୟରେ ଅନେକ ଇଂରେଜ ସୈନ୍ୟଙ୍କୁ ନିପାତ କଲେ ।

ପରିଶେଷରେ ସେମାନେ ତିଲ୍‌କା ଏବଂ ତାଙ୍କ ଲୋକମାନଙ୍କ ଉପରେ ଯୋଜନାବଦ୍ଧ ଭାବରେ ଆକ୍ରମଣ କଲେ । ତିଲ୍‌କାଙ୍କୁ ବନ୍ଦୀ କରାଗଲା । ତାଙ୍କୁ ନିଷ୍ଠୁର ଭାବରେ ପ୍ରହାର କରାଗଲା । ତାଙ୍କ ହାତକୁ ଗୋଡ ସହିତ ବାନ୍ଧି ଦିଆଗଲା ଏବଂ ଉଗଲପୁର ସହର ସାରା ଘୋଷାଡ଼ି ଘୋଷାଡ଼ି ନିଆଗଲା । ଏ ସବୁଥିରେ ତିଲ୍‌କାଙ୍କ ମୃତ୍ୟୁ ହୋଇନଥିଲା । ତେଣୁ ସେମାନେ ତାଙ୍କୁ ଗୋଟେ ଛୋଟ ଗଛରେ ଫାଶୀ ଲଗାଇ ଝୁଲାଇ ଦେଲେ । ସେ ସ୍ଥାନଟିର ନାମ ଏବେ ତିଲ୍‌କା ଛକ ହୋଇଛି ।

ବୀର ତିଲ୍‌କା ମାଝୀଙ୍କ ମୃତ୍ୟୁରେ କିନ୍ତୁ ବ୍ରିଟିଶ୍ ବିରୋଧୀ ସଂଗ୍ରାମ ଶେଷ ହୋଇଗଲା ନାହିଁ । ବିଦେଶୀ ଶାସନରୁ ମୁକ୍ତି ପାଇଁ ବଙ୍ଗ-ବିହାର ଓଡ଼ିଶା ତଥା ଅନ୍ୟ ରାଜ୍ୟର ଜନଜାତି ଓ ସାଧାରଣ ବ୍ୟକ୍ତି ଅଧିକ ସଂଗଠିତ ହୋଇ ଆନ୍ଦୋଳନ ଓ ବିଦ୍ରୋହ ଜାରି ରଖିଲେ । ଶେଷରେ ବିଦେଶୀ ଶକ୍ତି ଏ ଦେଶ ଛାଡ଼ି ଚାଲି ଯିବାକୁ ବାଧ୍ୟ ହେଲେ । ୧୯୪୭ ସମିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ପାଇଲା ।

**ତପୋବନ ଉଚ୍ଚ ବିଦ୍ୟାଳୟ,**
**ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା**

# ଆମେ ଅଟୁ ସୂତ୍ରଧର

ପ୍ରଶାନ୍ତ ନାଏକ, ଶ୍ରେଣୀ-ଦଶମ



ସରଗର ଫୁଲ ଆମେ ସରଗିଫୁଲ,
ସରଗ ସୁଷମା ବୋଳା ମୂଳ ଅମୂଳ ।
ଜନମ ମାଟି ଆମ ଗହନ ବନ,
ତା' କୋଳେ ଥାଇ ଦେଖୁ ନାନା ସପନ ।
ପାଠପଢ଼ି ଆମେ ବଡ଼ ମଣିଷ ହେବୁ,
ମାଟି ମାଆ ପାଇଁ ବହୁ କାମ କରିବୁ ।
ସମାଜରୁ ହଟାଇବୁ ଅମା ଅନ୍ଧାର,
ଭରି ଦେବୁ ପ୍ରାଣେ ଦିବ୍ୟ ସଂସ୍କାର ।
ପରିବର୍ତ୍ତନର ଆମେ ଅଟୁ ସୂତ୍ରଧର,
ରୋକିବୁ ବାଲ୍ୟ ବିବାହ ପଣ ଆମର ।

ଚେଙ୍କ ନୁହେଁ ଚିକିତ୍ସାରେ ହୁଏ ରୋଗ ଦୂର,
ବୁଝାଇବୁ, ଶିଖାଇବୁ ବୁଲି ଦ୍ୱାର ଦ୍ୱାର ।



ପୁଅଝିଅ ଭେଦ ଭାବ ବୋଲି କିଛି ନାହିଁ,
ଶିକ୍ଷାଲାଭ ଅଧିକାର ସଭିଙ୍କର ପାଇଁ ।
ଝିଅ ବି ହୋଇଅଛି ରାଷ୍ଟ୍ରର ମୁଖ୍ୟ,
ପ୍ରତିଟି କ୍ଷେତ୍ରରେ ଆଜି ଅଟେ ସୁଦକ୍ଷ ।
ପଣ କରିଅଛୁ ଯେତେ ଝଡଝଞ୍ଜା ପଛେ ଆସୁ,
ମୁକ୍ତ କରିବୁ ସମାଜକୁ ଅନ୍ଧ ବିଶ୍ୱାସର ଫାଶୁ ।

ସରକାରୀ ଉଚ୍ଚ ବିଦ୍ୟାଳୟ,
କାଦକଳା, କେନ୍ଦୁଝର

# ବରଗଛ ଓ ବାଟୋଇ

**ଦେହ୍ଲ ମାର୍ଣ୍ଡି, ଶ୍ରେଣୀ - ନବମ**

ଦିନେ ଜଣେ ବାଟୋଇ ଖରାରେ ଚାଲି ଚାଲି ଯାଉଥିଲା । ଖରା ଟାଣ ହେବାରୁ ହାଲିଆ ହୋଇ ସେ ଗୋଟିଏ ବରଗଛ ଛାଇରେ ଆସି ଶୋଇ ପଡ଼ିଲା । ନିଦ ଭାଙ୍ଗିବା ପରେ ବାଟୋଇର ବରଗଛ ଉପରେ ଆଖି ପଡ଼ିଗଲା । ଦେଖିଲା ବରଗଛରେ ଛୋଟ ଛୋଟ ଲାଲ୍ ଫଳଗୁଡ଼ାଏ ଫଳିଛି ।

ବାଟୋଇ ମନେ ମନେ ଭାବିଲା "ଠାକୁର ଭାରି ବୋକା, ନ ହେଲେ କିଏ ଏତେ ବଡ ଗଛରେ ଏତିକି ଛୋଟ ଛୋଟ ଫଳ ଫଳେଇ ଥାନ୍ତେ ? "

ସେତିକି ବେଳେ ବରଫଳ ଗୋଟିଏ ଖସି ବାଟୋଇର ମୁଣ୍ଡ ଉପରେ ପଡ଼ିଲା "ଓ ହୋ ! ଠାକୁର କାହିଁକି ବୋକା ହେବେ ? ମୁଁ ନିଜେ ବୋକା ! ବରଗଛରୁ ଯେବେ ବଡ଼ଫଳଟିଏ ଆଜି ଖସି ଥାଆନ୍ତା, ମୁଣ୍ଡ ମୋର ନିଶ୍ଚିତ ଫାଟି ଯାଇଥାନ୍ତା ।"

ବାଟୋଇ ଭାବିଲା ଓ ମନେମନେ ଗୁଣୁଗୁଣେଇଲା "ଭଗବାନ ଯାହା କରନ୍ତି ଜଗତର ମଙ୍ଗଳ ପାଇଁ କରିଥାନ୍ତି ।"



**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,**

**ଶାଳବଣୀ, ଜିଲ୍ଲା - ମୟୂରଭଞ୍ଜ,**

# ଚନ୍ଦ୍ରକୁ ଛୁଇଁଲୁ ଆମେ

ପପିନା ନାଏକ, ଶ୍ରେଣୀ-ଦଶମ

ଚନ୍ଦ୍ରଯାନ ଆମ ଦେଶର ସମ୍ମାନ
ଚନ୍ଦ୍ରପୃଷ୍ଠେ ଅବତରି,
ନାନା ତଥ୍ୟ ସେହୁ କରିଲା ପ୍ରଦାନ
ନୁହେଁ କେହି ତା'ର ସରି ।
ନୂଆ ଇତିହାସ ରଚିଲା ଭାରତ
ଚନ୍ଦ୍ର ଅଭିଯାନ ନେଇ,
ପ୍ରଜ୍ଞାନ୍-ବିକ୍ରମ ସଫଳ ହୋଇଲେ
ଚନ୍ଦ୍ର ପୃଷ୍ଠରେ ଓହ୍ଲାଇ ।
ବିଶ୍ୱ ଦରବାରେ ଏଇ ଆମ ଦେଶ
ଅର୍ଜିଲା ସ୍ୱର୍ଣ୍ଣିମ ନାମ,
ସବୁ ଦେଶବାସୀ ସାଥେ ବିଶ୍ୱବାସୀ
ଦେଖିଲେ ଇସ୍ରୋର କାମ ।





ଅନ୍ୟ ରାଷ୍ଟ୍ର ଯାହା କରି ନ ପାରିଲେ
ତାହା କରିଲା ଏ ଦେଶ,
ଚନ୍ଦ୍ରଯାନ-୩ ପଠାଇ ଚନ୍ଦ୍ରକୁ
ଇସ୍ରୋ ହେଲା ସର୍ବଶ୍ରେଷ୍ଠ ।
ଆଜି ଛୋଟ ଅଛୁ କାଲି ବଡ଼ ହେବୁ
ଦେଖିବୁ ନୂଆ ସପନ,
କୁନି ବୈଜ୍ଞାନିକ ସବୁତ ଆମେରେ
ବିଜ୍ଞାନରେ ଦେବୁ ମନ ।
ଦେଖିବ ଏ ଦେଶ ଦେଖିବ ଏ ବିଶ୍ୱ
ଦେଖିବ ଆମର କୀର୍ତ୍ତି,
ବିଜ୍ଞାନ ଯୁଗ ଏ ପୁରାତନ ନୁହେଁ
ପାହିବ ଅଜ୍ଞାନ ରାତି ।


**ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**
**ରାଇଡ଼ିହା, କେନ୍ଦୁଝର**

# ନୃସିଂହନାଥ ମହାପ୍ରଭୁ

**ନିହାରିକା ଲୁହାର, ଶ୍ରେଣୀ - ଦଶମ**

ନୃସିଂହନାଥ ଓଡିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ । ଏହା ବରଗଡ଼ ଜିଲ୍ଲା ପାଇକମାଲରେ ରହିଛି । ଗନ୍ଧମାର୍ଦ୍ଦନ ପର୍ବତ ନିକଟରେ ଅବସ୍ଥିତ ପ୍ରଭୁ ନୃସିଂହନାଥଙ୍କର ଐତିହାସିକ ଭବ୍ୟ ମନ୍ଦିର । ଏହି ମନ୍ଦିରଟି ୧୩୧୩ ମସିହାରେ ପାଟଣାଗଡ଼ର ରାଜା ବୈଜଳ ସିଂଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମନ୍ଦିରର ଉଚ୍ଚତା ୪୫ ଫୁଟ ଥିବାବେଳେ ଏହା ଦୁଇଭାଗରେ ବିଭକ୍ତ । ଗୋଟିଏ ଭାଗରେ 'ନୃସିଂହ ମହାପ୍ରଭୁ' ପୂଜା ପାଉଥିବାବେଳେ ଅନ୍ୟ ଭାଗରେ 'ଜଗମୋହନ' ପୂଜା ପାଉଛନ୍ତି ।

ଶୁଣାଯାଏ, ଆଜକୁ ପ୍ରାୟ ୮୦୦ ବର୍ଷ ପୂର୍ବେ ମନଭଙ୍ଗ ଗାଆଁର ହରି ଏବଂ ଯମୁନା ନାମକ ଦୁଇ ପତି ପତ୍ନୀ ଜଙ୍ଗଲକୁ କନ୍ଦା ଖୋଳିବା ପାଇଁ ଯାଇଥିଲେ । ଯେତେବେଳେ ସେମାନେ କୋଦାଳ ଚୋଟ ମାରି ମାଟିରୁ କନ୍ଦା ଖୋଳିବା ପାଇଁ ଚେଷ୍ଟା କଲେ । ହଠାତ୍ ମାଟିରେ ଥିବା ଏକ ମୂର୍ତ୍ତିରୁ ରକ୍ତ ବୋହିଲା, ତାହା



ହିଁ ଥିଲା ପ୍ରଭୁ ନୃସିଂହନାଥଙ୍କ ମୂର୍ତ୍ତି । ଏହା ଦେଖି ଯମୁନା ଏବଂ ହରି ଦୌଡ଼ି ଦୌଡ଼ି ନିଜ ଗାଆଁକୁ ଫେରି ଆସିଲେ । ଗାଁରେ ପଡୋଶୀଙ୍କୁ ସବୁ କଥା ଜଣାଇଲେ ।



ଏମିତି କିଛିଦିନ ପରେ ସାରା ଗାଆଁରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଗଲା । ଯମୁନା ଏବଂ ହରି ଦେଖିଥିବା ଏହି ରକ୍ତର କଥା ଗାଆଁ ଗାଆଁରେ ପହଞ୍ଚି ଶେଷରେ ପାଟଣାଗଡ଼ର ରାଜା 'ବୈଜଳ ସିଂ'ଙ୍କ ପାଖକୁ ଗଲା ।

ବୈଜଳ ସିଂ ଯମୁନା ଏବଂ ହରିକୁ ଡ଼ାକରା ଦେଲେ । ଯମୁନା ଏବଂ ହରି ଯାଇ ରାଜାଙ୍କ ପାଖରେ ପହଞ୍ଚିଲେ । ରାଜାଙ୍କୁ ସମସ୍ତ କଥା କହିଲେ । ରାଜା ଏହି ସବୁ କଥାଶୁଣି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲେ ନିଜ ରାଜକର୍ମଚାରୀ ବର୍ଗଙ୍କୁ ନେଇ ଜଙ୍ଗଲର ସେହି ସ୍ଥାନକୁ । ରାଜା ଯାହା ଦେଖିଲେ ତା'କୁ ବିଶ୍ୱାସ ହେଲା ନାହିଁ । ସେ ଜଙ୍ଗଲରୁ ଫେରି ଆସି ଘରେ ରାତ୍ରଭୋଜନ କରି ଶୋଇ ପଡ଼ିଲେ । ଶୋଇଥିବା ସମୟରେ ସ୍ୱପ୍ନରେ ଆସି ପ୍ରଭୁ 'ନୃସିଂହ ନାଥ' କହିଲେ "ଶୁଣ, ରାଜା ବୈଜଳ ! ମତେ ଏହି ସ୍ଥାନରେ ତୁ ମାର୍ଜାର ରୂପେ ପୂଜା ଦେବୁ ଏବଂ ଓଡ଼ିଶା କଳା ଭାସ୍କର୍ଯ୍ୟ ଶୈଳୀରେ ମୋର ଏକ ଭବ୍ୟ ମନ୍ଦିର ନିର୍ମାଣ କରିବୁ ।" ଏତିକି କହି ପ୍ରଭୁ ଗୋଲକ ବିହାରୀ ବିଷ୍ଣୁ ସ୍ୱପ୍ନରୁ ଚାଲିଗଲେ । ସେହିଠାରେ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହେଲା । ସେବେଠାରୁ ଏହି ମନ୍ଦିରରେ ପ୍ରଭୁ ନୃସିଂହନାଥଙ୍କ ପୂଜାର୍ଚ୍ଚନା ହୋଇଆସୁଛି ।

**ସରକାରୀ (ଏସ୍.ଏସ୍.ଡି)ଉଚ୍ଚ ବିଦ୍ୟାଳୟ,**
**ନୃସିଂହନାଥ, ପାଇକମାଲ, ବରଗଡ଼, ଓଡ଼ିଶା**




ମାନବଧର୍ମ ଭୁଲିଛି ମାନବ
କରିଛି ପଶୁକୁ ଗତି,
ହିଂସାନୀତିରେ ଘାତକ ରୀତିରେ
ପଶୁରେ ଗଲାଣି ଜିତି ।

ଗୋଦାବରୀଶ ମହାପାତ୍ର (୧୮୮୬-୧୯୫୬)



ବିଜୁ ସଏ, ଶ୍ରେଣୀ : ସପ୍ତମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଜି : ଯାଜପୁର

ପ୍ରେମଚାନ୍ଦ ମାଝୀ, ଶ୍ରେଣୀ : ଦଶମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଖଲିଆଭଟା, ଜୟପାଟଣା, କଳାହାଣ୍ଡି



# ଆମ ଜହ୍ନମାମୁ

**ପପିନା ନାଏକ, ଶ୍ରେଣୀ-ଦଶମ**

ଆମ ଜହ୍ନମାମୁ ସରଗ ଶଶୀ,
ଭାରତ ସହିତ ସମ୍ପର୍କ ବେଶୀ ।
ବିକ୍ରମ ଯାଇଛି ମାମୁ ଘରକୁ,
ବୁଲିବ ସେଠାରେ ମନ ଇଛାକୁ ।
ପ୍ରଜ୍ଞାନ ଯାଇଛି ସାଙ୍ଗରେ ତାର,
ଫଟୋ ଉଠାଇବ ଥରକୁ ଥର ।
ମାମୁଘରେ ମାଇଁ ଅଛି କି ନାହିଁ,
ଖବର ବୁଝିବେ ସେ ଦୁଇ ଭାଇ ।
ବୁଲିବେ ମାମୁଙ୍କ ଘର ଦୁଆର,
ବାଡ଼ି ବଗିଚା କି ଅଛି ସେଠାର ?
କଠିନ ମାଟି କି ଅବା ନରମ,
ଜଳବାୟୁ ଥଣ୍ଡା କିବା ଗରମ ?
ମାଟି ତଳେ ମାମୁ ରଖିଛ କିସ,
ସୁନା, ହୀରା ନୀଳା ଅବା ପୀୟୂଷ ।
ଭଣଜା ହାତରେ ଦେବ ପଠାଇ,
ସାଙ୍ଗରେ ତ ଗାଡ଼ି ନେଇଛି ସେଇ ।

ବୋଉ ଏଠି ଅଛି ତୁମେ ସେଠାରେ,
ଭଲ ମାମୁ ତମେ ଏତେ ଦୂରରେ ।
ଜହ୍ନମାମୁ ବୋଲି ଡ଼ୁରି ପଡୁଛି,
ଭଣଜାକୁ ଛାଡି ମାମୁ ବୁଲୁଛି ।
ସେ କଥା ତୁମେ କି ପାଶୋରି ଅଛ,
ଭଣଜାମାନଙ୍କୁ ଭୁଲି ଯାଇଛ ।
ଆମେ ଭୁଲି ନାହୁଁ ମାମୁ ତୁମକୁ,
ଆଜି ଗଲୁ ତେଣୁ ତୁମ ଘରକୁ ।
ଭଣଜାଙ୍କ ଭଲମନ୍ଦ ବୁଝିବ,
ତୁମ ଘର କଥା ସବୁ ଲେଖିବ ।
'ଇସ୍ରୋ' ଅଟେ ଆମ ଘର ଠିକଣା,
ଉଡୁଥିବ ସେଠି ତ୍ରିରଙ୍ଗା ବାନା ।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**କାଦକଳା, କେନ୍ଦୁଝର**



# ଚତୁର କିଏ ?

**ସୁଚିସ୍ମିତା କେହ୍ଲୁ, ଶ୍ରେଣୀ - ଦଶମ**

ଥରେ ଗୋଟିଏ ନଈ ମଝିରେ ଥିବା ଦ୍ୱୀପରେ କୋକିଶିଆଳିଟିଏ ରହୁଥିଲା । ନଈର ବଢ଼ି ପାଣିରେ ଭାସି ଭାସି କୂଳରେ ଲାଗୁଥିବା ଛୋଟ ଛୋଟ ଜୀବଙ୍କୁ ଖାଇ ସେ ବଞ୍ଚୁଥିଲା । ଦିନେ ଗୋଟିଏ ଛେଳି ଓ ଦଳେ ଠେକୁଆ ସେହି ଦ୍ୱୀପ କୂଳରେ ଭାସି ଭାସି ଆସି ପହଞ୍ଚିଲେ । ଏହା ଦେଖି କୋକିଶିଆଳି ଖୁବ୍ ଖୁସି ହୋଇଗଲା । ସେ ଠେକୁଆମାନଙ୍କୁ ଧରି ଗୋଟିଏ ପରେ ଗୋଟିଏ ଖାଇ ଚାଲିଲା ।

ଏହି ସବୁ କଥା ଛେଳିଟି ଦେଖୁଥିଲା । କୋକିଶିଆଳିର ଭୟରେ ଛେଳିର ନିଦ ହଜିଗଲା । ଦିନେ ଗୋଟିଏ ଠେକୁଆ ପଛରେ ଧାଇଁ ଧାଇଁ କୋକିଶିଆଳି ଏକ ଗଭୀର କୂଅ ଭିତରେ ପଡ଼ିଗଲା । ଛେଳିଟି ଘାସ ଚରୁଚରୁ କୂଅ ପାଖକୁ ଆସିଲା । "ରକ୍ଷା କର ! ରକ୍ଷା କର !" କହି କୋକିଶିଆଳି ବଡ଼ ପାଟିରେ ଚିତ୍କାର କଲା ।



"ଇଏ କିଏ ?" ଛେଳିଟି ନିଜ ଚାରି ପାଖକୁ ଅନେଇଲା। ଏହାପରେ ସେ କୂଅ ପାଖକୁ ଆସିଲା ଏବଂ ଭିତରକୁ ଚାହିଁଲା । ସେ ଦେଖିଲା କୋକିଶିଆଳି ମୁଣ୍ଡ ଉପରକୁ କରି ସେଠାରେ ରହିଛି। କୋକିଶିଆଳି ବିକଳ ହୋଇ ଅନୁରୋଧ କଲା, "ବନ୍ଧୁ ମୋତେ ରକ୍ଷାକର । ଏହି କୂଅ ଭିତରୁ ମୋତେ ରକ୍ଷା କର । ଛେଳି ଉତ୍ତର ଦେଲା "ତୁମକୁ କୂଅ ଭିତରୁ ବାହାର କରି ମୁଁ ନିଜ ପାଇଁ ବିପଦକୁ ଡାକି ଆଣିବି କାହିଁକି ?"

"ମୁଁ ମୋର ଦୃଷ୍ଟିଶକ୍ତି ହରାଇଛି । ମୁଁ ତୁମକୁ ଖାଇବି ନାହିଁ । ମୁଁ କଥା ଦେଉଛି ।" କୋକିଶିଆଳି କହିଲା । "ଠିକ୍ ଅଛି, ଯଦି ତୁମେ କଥା ଦେଉଛ, ତେବେ ମୁଁ ତୁମକୁ ସାହାଯ୍ୟ କରିବି ।" ଏହା କହି ଛେଳି ଗୋଟିଏ ବଡ଼ ଲଟା ଆଣିଲା ଓ କୂଅ ଭିତରକୁ ପକାଇ ଦେଲା । କହିଲା, ତୁମେ ଲଟାଟିକୁ ଧର ଏବଂ ଉପରକୁ ଚଢ଼ି ଆସ ।"

କୋକିଶିଆଳିଟି ଲତାକୁ ଧରି ଚଢ଼ିଲା ଓ ନିରାପଦରେ ଉପରକୁ ଉଠି ଆସିଲା । ତାପରେ ସେ ଛେଳିକୁ ଗୋଡ଼ାଇବାକୁ ଲାଗିଲା । ରକ୍ଷା ପାଇବାର କୌଣସି ବାଟ ନ ଦେଖି, ଛେଳିଟି ଏକ ଉପାୟ ଚିନ୍ତାକଲା ଓ କହିଲା, "ମୁଁ ଏବେ ବୁଢ଼ୀ ହୋଇଗଲିଣି । ମୋର ଶୁଖିଲା ମାଂସ ଖାଇବାକୁ ତୁମକୁ ଭଲ ଲାଗିବ ନାହିଁ ।" କୋକିଶିଆଳି କହିଲା "ତେବେ ମୋ ପାଇଁ ଗୋଟିଏ ଠେକୁଆ ଆଣ" ।

"ଏହା ଏତେ କଠିନ କାର୍ଯ୍ୟ ନୁହେଁ, ମୁଁ ସେହି କୂଅ ଭିତରକୁ ଏବେ ଏକ ଠେକୁଆକୁ ଫିଙ୍ଗି ଦେଇଛି।" ଛେଳିଟି ଉତ୍ତର ଦେଲା । "କ'ଣ ଏହା ସତ ? କୋକିଶିଆଳି ପଚାରିଲା।" ଯଦି ଏହା ମିଛ ହୋଇଥାଏ ତେବେ ତୁମେ ମତେ ଖାଇପାର । ଏହା କହି ଛେଳି କୋକିଶିଆଳିକି କୂଅ ପାଖକୁ ନେଇଗଲା। କୂଅ ଭିତରକୁ ଉଙ୍କିମାରି ଚାହିଁ, କୋକିଶିଆଳି ଆଗ୍ରହର ସହ ପଚାରିଲା, "ଠେକୁଆ କାହିଁ।" ଛେଳି ଉତ୍ତର ଦେଲା, ସାଙ୍ଗ ତୁମେ ପରା କହିଲ ତୁମେ ଭଲ ଭାବେ ଦେଖିପାରୁନ, ସେଥିପାଇଁ ବୋଧେ ତୁମକୁ ଠେକୁଆ ଦିଶୁନାହିଁ । ତୁମେ ଏହି ଲଟା ସାହାଯ୍ୟରେ ତଳକୁ ଯାଅ, ଠେକୁଆକୁ ପାଇଯିବ। ଠେକୁଆକୁ ଖାଇସାରିବାପରେ ମୋତେ ଡାକିବ । ମୁଁ ତୁମକୁ କୂଅ ଭିତରୁ ବାହାରକୁ ନେଇ ଆସିବି ।

ଲଟାକୁ ଧରିଧରି କୋକିଶିଆଳି କୂଅ ଭିତରକୁ ଗଲା । ସେ ଠେକୁଆଟିକୁ ଖୋଜିଲା କିନ୍ତୁ ସବୁ ବୃଥା। ପୁଣି ଥରେ ସାହାଯ୍ୟ ପାଇଁ ସେ ଛେଳିକୁ ନେହୁରା ହେଲା । ଛେଳି କେବଳ 'ବିଦାୟ' ବୋଲି କହି ସେଠାରୁ ଅଦୃଶ୍ୟ ହୋଇଗଲା ।

**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗଡପୋଷ**
**ବ୍ଲକ- ବାମରା, ଜିଲ୍ଲା - ସମ୍ବଲପୁର**

# ଦିଅ ବୁଦ୍ଧି ବଳ

ବେଲାର୍ ସେନ୍ ମାଝୀ, ଶ୍ରେଣୀ-ନବମ

ଏମିତି ହେଉ ହେ ପ୍ରଭୁ ଜୀବନ ମୋ'ର,
ସବୁ ବେଳେ ଜପୁଥିବି ନାମ ତୁମର ।
କର୍ଣ୍ଣ ମୋ'ର ଶୁଣୁ ସଦା ମଙ୍ଗଳ ବାରତା,
ତୁଣ୍ଡ ମୋ'ର କହୁଥାଉ ସୁମଧୁର କଥା ।
ଚଞ୍ଚଳ ମନଟି ମୋ'ର ଏକାଗ୍ରତା ଲଭୁ,
ସ୍ଥିର ହୋଇ ରଖିବାକୁ ବଳ ଦିଅ ବିଭୁ ।
ମୋର ଆଜ୍ଞାଧୀନ ଥା'ନ୍ତୁ ଇନ୍ଦ୍ରିୟ ସକଳ,
ଶୁଭ କାମ କରିବାକୁ ଦିଅ ବୁଦ୍ଧି ବଳ ।
ଏ ସଂସାରେ ଯେତେ ଦିନ ବଞ୍ଚିରହିଥିବି,
ସମାଜର ହିତ ପାଇଁ କାମ କରୁଥିବି ।
ଅଙ୍ଗ ସବୁ ଦୃଢ ହେଉ ହେଉ ବଳବାନ,
କରୁଥିବି ତୁମ ନାମ ସତତ ଚିନ୍ତନ ।



ସରକାରୀ ଉଚ୍ଚ ବିଦ୍ୟାଳୟ (ଏସ୍.ଏସ୍.ଡି),
ଦେଶିଲ, ବଲାଙ୍ଗିର

# ଲୋକନୃତ୍ୟ ଘୁମୁରା

**ବଳଦେବ ମାଝୀ, ଶ୍ରେଣୀ - ଦଶମ**

"ଅଦ୍ୱିତୀୟ ବୀରବାଦ୍ୟ ବୀର ଭୈରବ,
ଘୁମୁରା କଳାହାଣ୍ଡିର ଗର୍ବ ଓ ଗୌରବ"

କଳାହାଣ୍ଡି ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ଏ ବୀରବାଦ୍ୟ ଘୁମୁରା, ବିଶ୍ୱ ଦରବାରରେ କଳାହାଣ୍ଡି ପାଇଁ ପରିଚୟ ଆଣିପାଇଛି । ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ, ଘୁମୁରା ଯଦିଓ କଳାହାଣ୍ଡିର ନିଜସ୍ୱ ତଥାପି ଏହି ବାଦ୍ୟ ଓଡିଶାର ଏକ ପ୍ରମୁଖ ବାଦ୍ୟ ।

ଐତିହାସିକ ପୃଷ୍ଠଭୂମି - ପୁରାଣ ଯୁଗରୁ ଦେଖିବାକୁ ଗଲେ ସାରଳା ଦାସଙ୍କ ମହାଭାରତ, ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ ପ୍ରଭୃତିରେ ଏ ବାଦ୍ୟର ବର୍ଣ୍ଣନା କରାଯାଇଛି । ଚଣ୍ଡୀପୁରାଣ କୁହନ୍ତି, ମାଁ ଦୁର୍ଗା ମହିଷାସୁର ସହିତ ସଂଗ୍ରାମ କରୁଥିବା ସମୟରେ ଦେବୀଙ୍କର ରଣବାଦ୍ୟ ଥିଲା ଘୁମୁରା ।



ସାରଳା ମହାଭାରତ ଅନୁସାରେ, ସତ୍ୟ ଯୁଗରେ ଜେନାବଳୀ-ପାଟଣା ନାମରେ ଏକ ରାଜ୍ୟ ଥିଲା ଏବଂ ତାର ଅଧିପତି ଥିଲେ ଗୋସିଂହ ଦୈତ୍ୟ, ଯିଏକି ମହିଷାସୁରର ନାତି । ତାଙ୍କର ମଧ ରଣବାଦ୍ୟ ଥିଲା ଘୁମୁରା, ସେହି ଜେନାବଳୀପାଟଣା ଅଧୁନା ଜୁନାଗଡ଼ ନାମରେ ପ୍ରସିଦ୍ଧ । ଯେତେବେଳେ ରାବଣ ନିଧନ ପରେ ଲଙ୍କାଗଡ଼ ଛାରଖାର ହୋଇଗଲା, ପରବର୍ତ୍ତୀ ସମୟରେ ଲଙ୍କାଗଡ଼ର ଅଧିଷ୍ଠାତ୍ରୀ ଦେବୀ ଲଙ୍କେଶ୍ୱରୀ ଜୁନାଗଡ଼ଠାରେ ଅବସ୍ଥାନ କଲେ ।

ମହାଭାରତର ମଧ୍ୟପର୍ବରେ ମଧ ଘୁମୁରା ବିଷୟରେ ବର୍ଣ୍ଣନା ଥିବାର ଦୃଷ୍ଟାନ୍ତ ମିଳେ । ପ୍ରତ୍ନତତ୍ତ୍ୱବିତମାନଙ୍କ ମତରେ, କଳାହାଣ୍ଡିର ଗୁଡ଼ହାଣ୍ଡି ଓ ନୂଆପଡାର ଯୋଗୀମଠ ଚିତ୍ର ବର୍ତ୍ତମାନର ଘୁମୁରାର ଅବିକଳ ନକଲ ଏବଂ ଏହା ଖ୍ରୀଷ୍ଟପୂର୍ବ ୮୦୦୦ ବେଳର କାରୁକାର୍ଯ୍ୟ ବୋଲି ବିବେଚନା କରାଯାଏ । ଏଥିରୁ ପ୍ରମାଣ ମିଳେ ଯେ ଘୁମୁରା ନିଶ୍ଚିତ ଭାବରେ ପୌରାଣିକ ଯୁଗରୁ ରହି ଆସିଛି ।

ବୀରବାଦ୍ୟ ଘୁମୁରା ଓ କଳାହାଣ୍ଡିର ସମ୍ପର୍କ ସମ୍ବନ୍ଧରେ କହିବାକୁ ଗଲେ କଳାହାଣ୍ଡି ପୁରାତନ ଯୁଗରୁ ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ଏବଂ ଏକ ଉନ୍ନତ ସଭ୍ୟତା ଥିବାର ପରିଚୟ ଦିଏ । ଘୁମୁରା ନୃତ୍ୟର ଉତ୍ପତ୍ତି ସମ୍ପର୍କରେ କଳାହାଣ୍ଡିର ଅନେକ ଘୁମୁରା ଗବେଷକ ମତ ଦିଅନ୍ତି ଯେ ବହୁବର୍ଷ ପୂର୍ବେ କଳାହାଣ୍ଡିକୁ ଅତୀତରେ କାରୁଣ୍ଡ ବୋଲି କୁହାଯାଉଥିଲା। ଏହି ରାଜ୍ୟରେ ନାଗବଂଶର ରାଜା ରାଜୁତି କରୁଥିଲେ । ସେହି ସମୟରେ ତତ୍କାଳୀନ ରାଜା ନିଜର ରାଜଧାନୀକୁ ଯୁଗସାଇପାଟଣାରୁ ଜୁନାଗଡ଼କୁ ପରିବର୍ତ୍ତନ କରିବା ସମୟରେ କଲମପୁର ଅଞ୍ଚଳର ବାଙ୍କୀ ପାଇକମାନେ ଘୁମୁରାର ବାଦ୍ୟ ତାଳେ ତାଳେ ଦେବୀଙ୍କୁ ପାଛୋଟି ନେଇଥିଲେ।

ଆହୁରି କେତେକଙ୍କ ମତରେ ଇନ୍ଦ୍ରାବତୀ ନଦୀ ଉପକୂଳସ୍ଥ ଅଞ୍ଚଳ ଯାହାକୁ ଚକ୍ରକୋଟ ବୋଲି କୁହାଯାଇଥିଲା, ସେହି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପ୍ରଥମ କରି ଏ ବାଦ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଇନ୍ଦ୍ରାବତୀ ନଦୀ ଉପକୂଳସ୍ଥ ଅଞ୍ଚଳ ଏବଂ ମହାନଦୀ ଉପକୂଳରେ ଏହା ବ୍ୟାପ୍ତ ହୋଇଗଲା ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଘୁମୁରା ବାଦ୍ୟ ଏକ ଲୋକପ୍ରିୟ ବାଦ୍ୟ ତଥା ନୃତ୍ୟ ଭାବରେ ଜଣାଗଲା । ଯାହାର ପ୍ରତ୍ୟକ୍ଷ ପ୍ରମାଣ କୋଣାର୍କ ମନ୍ଦିର ଗାତ୍ରରେ ବିଦ୍ୟମାନ । ବର୍ତ୍ତମାନ ଘୁମୁରା କଳାହାଣ୍ଡିର ପରିଚୟ। ଏହା ସାଧାରଣତଃ ବାରଜଣ ଘୁମୁରା ବାଦକ, ୨ ଜଣ ନିଶାନ ବାଦକ, ଜଣେ ତୂରୀ ବାଦକ ଏବଂ ୨ଜଣ ତାଳ ତଥା ଜଣେ ମୟୂରପୁଚ୍ଛ ଧରିଥିବା ନୃତ୍ୟକାର ଏହିଭଳି ଭାବରେ ୧୮ ଜଣକୁ ନେଇ ଘୁମୁରାନୃତ୍ୟ ପରିବେଷଣ କରାଯାଏ । ଏଥିରେ ସାଧାରଣତଃ ବଡ଼ ରସରେ ନୃତ୍ୟ ପରିବେଷଣ କରାଯାଉଥିଲେ ମଧ ବିଶେଷ ଭାବରେ ବୀରରସ ହିଁ ବହୁତ ମାତ୍ରାରେ ପରିବେଷଣ କରାଯାଏ ।


ଏ ଘୁମୁରା ନୃତ୍ୟ କଳାହାଣ୍ଡି ଜିଲ୍ଲାର ସଂସ୍କୃତି ପରମ୍ପରା ଓ ପର୍ବପର୍ବାଣୀ ସହିତ ଜଡ଼ିତ। ଚିତାଲାଗି ଅମାବାସ୍ୟା ଦିନ ପ୍ରଥମ ପର୍ଯ୍ୟାୟରେ ଘୁମୁରା ପୂଜା ପୂର୍ବକ ଅଭ୍ୟାସ ଆରମ୍ଭ କରି ନୂଆଖାଇରେ ପରିବେଷଣ ପର୍ଯ୍ୟାୟର ଆରମ୍ଭ ଏବଂ ବିଜୟା ଦଶମୀ ଦିନ ଏହାର ପରିସମାପ୍ତି ଘଟେ । କଳାହାଣ୍ଡି ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏବଂ ଯୁବକମାନଙ୍କଠାରେ ଏ ଘୁମୁରା ନୃତ୍ୟ ଦେଖିବାକୁ ମିଳେ ।

ଘୁମୁରା ନୃତ୍ୟ ସହିତ ପ୍ରକୃତିର ଅନେକ ସମ୍ପର୍କ ରହିଛି । ଘୁମୁରା ନୃତ୍ୟରେ ଯେଉଁ ସବୁ ମୁଦ୍ରା ପରିଲକ୍ଷିତ ହୁଏ, ତାହା ଏ କଳାହାଣ୍ଡି ଅଞ୍ଚଳର ଜନଜୀବନ ସହିତ ସଂପର୍କିତ । ଏଠି ବେଙ୍ଗ ଡିଆଁ ରହିଛି, ମୟୂର ଡିଆଁ, ବଗଡିଆଁ, ଗୋସ୍ବଦଛନ୍ଦ, ଗୋଡିଆଁ ଏମିତି ଅନେକ ପ୍ରକାର ନୃତ୍ୟ ରହିଛି ।

ଘୁମୁରା ନୃତ୍ୟ ବୀରରସର ନୃତ୍ୟ ହେଲେ ହେଁ ସେଥିରେ ଶୃଙ୍ଗାର ରସ ମଧ୍ୟ ରହିଛି । ପଡି ଓ ଛାକ୍‌ଡି ନାମରେ ଦୁଇଗୋଟି ବାଦ୍ୟଶୈଳୀ ଓ ନୃତ୍ୟଶୈଳୀ ଏଥିରେ ଦେଖିବାକୁ ମିଳେ । ପଡି ବୀରରସକୁ ଏବଂ ଶୃଙ୍ଗାର ରସକୁ ପ୍ରତିଫଳିତ କରେ । ଏହା ସହିତ ପଡ଼ି, ଶାବେରୀ, ତ୍ରିପୁଟା ତାଳରେ ଘୁମୁରା ନୃତ୍ୟ ପରିବେଷିତ ହୋଇଥାଏ । ଘୁମୁରାର ଆଉ ଏକ ସ୍ୱତନ୍ତ୍ରତା ହେଉଛି ଏହାର ଛଇ, ଯେପରିକି ରାଧେ ରାଧେ, ହୋ, ଛାଛା ଇତ୍ୟାଦି ଯାହାକି ଅନ୍ୟ କୌଣସି ନୃତ୍ୟରେ ଦେଖିବାକୁ ମିଳେନାହିଁ ।

ଇନ୍ଦ୍ରବଜ୍ର ନାଦିନୀ ସଦୃଶ ଏ କଳାହାଣ୍ଡିର ଲୋକବାଦ୍ୟ ଘୁମୁରା ଗୁରୁଗମ୍ଭୀର ନାଦ ସୃଷ୍ଟି କରୁଥିବା ଯୋଗୁଁ ଏହାକୁ ଘୁମୁରା ବୋଲି ନାମିତ କରାଗଲା । କଳାହାଣ୍ଡିର ଐତିହ୍ୟ ପରମ୍ପରାକୁ ଜନମାନସରେ ଦ୍ୱିଗୁଣିତ କରି ଆସୁଥିବା ଲୋକନୃତ୍ୟ 'ଘୁମୁରା' କଳାହାଣ୍ଡି ସାଂସ୍କୃତିକ ଭିତ୍ତିଭୂମିରେ ଏକ ସାଂସ୍କୃତିକ ବିପ୍ଳବ ସୃଷ୍ଟିକରି ବିଶ୍ୱ ଦରବାରରେ ଏ କଳାହାଣ୍ଡି ମାଟିକୁ ଏକ ଉନ୍ନତ ଏବଂ ଗୌରବମୟ ମାଟି ଭାବରେ ପରିଚିତ କରିପାରିଛି ।

**ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,**
**ଖଲିଆଭଟା, ଜୟପାଟଣା, ଜିଲ୍ଲା-କଳାହାଣ୍ଡି**



ଜାତି ନନ୍ଦିଘୋଷ ଚଳିବ କି ଭାଇ,
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡା ମୁହେଁ ବନ୍ଧା ଥିଲେ ।

ଉତ୍କଳ ଗୌରବ ମଧୁସୁଦନ ଦାଶ (୧୮୪୮-୧୯୩୪)

# ପକ୍ଷୀଟିଏ ଯଦି ହେଇଥାନ୍ତି

ପୂଜା ପୂର୍ତ୍ତୀ, ଶ୍ରେଣୀ-ଦଶମ

ପକ୍ଷୀଟିଏ ଯଦି ହୋଇଥାନ୍ତି,
ମୁକ୍ତ ଆକାଶରେ ଉଡ଼ି ବୁଲନ୍ତି ।

ନଥାନ୍ତା ଆକାଶେ ଭୟ କାହାକୁ,
ବୁଲି ଲେଉଟି ଆସନ୍ତି ବସାକୁ ।

ଖୁସିରେ ମୁଁ ଯେବେ ଗୀତ ଗାଆନ୍ତି,
ନିଜେ ଶୁଣି ମୁହିଁ ଖୁସି ହୁଅନ୍ତି ।

ଶତ୍ରୁ ମୋର ଯେତେ ପକ୍ଷୀ ଶିକାରୀ,
ସେମାନଙ୍କୁ ଦେଖି ଯାଆନ୍ତି ଡରି ।

ଶ୍ରଦ୍ଧା ଯେଉଁମାନେ କରନ୍ତେ ମୋତେ,
ସେମାନଙ୍କୁ ଭଲ ପାଆନ୍ତି ସେତେ ।





ମଣିଷ ଜୀବନେ ଅନେକ ଦୁଃଖ,
ପକ୍ଷୀ ହୋଇଥିଲେ ପାଆନ୍ତି ସୁଖ ।

ମଣିଷ ଜୀବନେ ସବୁ ମିଳିବ,
ପକ୍ଷୀ ପରି ସ୍ୱାଧୀନତା ନ ଥିବ ।

ଈଶ୍ୱରଙ୍କଠାରେ ଏହି ମିନତି,
ପକ୍ଷୀଟିଏ ମୁହିଁ ହୋଇଯାଆନ୍ତି ।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଚଣ୍ଡିଖୋଲ, ଯାଜପୁର**

# ଆସ ଲଗେଇବା ଗଛ

ରମେଶ ଡମ୍ବ, ଶ୍ରେଣୀ-ସପ୍ତମ



ଆସ ଲଗେଇବା ଗଛ,
ଅମୃତ ସମ ଶୁଦ୍ଧ ଅମ୍ଳଜାନ
ହେବ ନାହିଁ କେବେ ଶେଷ ।

ପତ୍ର ଫୁଲ ଫଳ ରସ,
ଚେର ମୂଳ ଡାଳ କାଠ ବା ଜାଳେଣି
ମିଳନ୍ତା କେତେ ସରସ ।

କୋମଳ ଶୀତଳ ଛାଇ,
ପ୍ରଚଣ୍ଡ ଗ୍ରୀଷ୍ମରୁ ଉଦ୍ଧାର ପାଇବ
ପଥରେ ପଥିକ ଭାଇ ।

ଋତୁ ଚକ୍ର ଠିକ୍ ହେବ,
ଜଳାଭାବ କଷ୍ଟ ଦୂରୀଭୂତ ହେବ
ଯଥା ରୀତି ବରଷିବ ।

ସବୁଜ ଶ୍ୟାମଳ ଭରା,
ସୁଜଳା ସୁଫଳା ଶୋଭାମୟୀ ମାତା
ପୁଲକିତ ହେବ ଧରା ।



ଆସ ଲଗେଇବା ଗଛ,
କୋଟିଏ ପୂଣ୍ୟର ଅଧିକାରୀ ହୋଇ
ବିତେଇବା ବର୍ଷ ମାସ ।

ସୁଶୋଭିତ ସସାଗରା,
କୋଟି ଆଶୀର୍ବାଦ ଯାଚିଦେବ ନିଶ୍ଚେ
ଦୀର୍ଘାୟୁ ହେଇବା ପରା ।

**ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ,**
**ତେନ୍ତୁଳିଗୁମ୍ମା, ବୈପାରିଗୁଡ଼ା, ଜି-କୋରାପୁଟ**

# ଲୋଭୀ ବ୍ରାହ୍ମଣ ଓ ବୁଢ଼ା ବାଘ

**ପାର୍ବତୀ ମାର୍ଣ୍ଡି, ଶ୍ରେଣୀ - ଦଶମ**

ଗୋଟିଏ ବଣରେ ବାଘଟିଏ ରହୁଥାଏ । ସେ ଜଙ୍ଗଲରେ ଥିବା ଅନ୍ୟ ଜୀବଜନ୍ତୁମାନଙ୍କୁ ମାରି ନିଜର ଭୋକ ମେଣ୍ଟାଇ ଥାଏ । ସେ ଧୀରେ ଧୀରେ ବୁଢ଼ା ହେବାକୁ ଲାଗିଲା । ବାଘଟି ବୁଢ଼ା ହୋଇଯାଇଥିବାରୁ ଆଉ ଶିକାର କରି ଖାଇ ପାରିଲା ନାହିଁ । ଦିନେ ସେ ନିଜ ଗୁମ୍ଫାକୁ ଫେରୁଥିବାବେଳେ ଗୋଟିଏ ଚକ୍ ଚକ୍ କରୁଥିବା ଜିନିଷ ଦେଖିବାକୁ ପାଇଲା । ପାଖକୁ ଯାଇ ଦେଖିଲା ସୁନା ହାରଟିଏ । ସୁନା ହାରଟିକୁ ଧରି ନିଜ ଗୁମ୍ଫାକୁ ଫେରୁଥିବାବେଳେ ମନରେ ଗୋଟିଏ ଉପାୟ ଚିନ୍ତା କଲା ।


ଅଳ୍ପ ଦୂରରେ ଗୋଟିଏ ପୋଖରୀ ଥାଏ । ସେ ହାତରେ ସୁନା ହାରଟି ଧରି ପୋଖରୀ କୂଳକୁ ଯାଇ ଗୋଟିଏ ଗଛ ମୂଳରେ ବସି ରହିଲା । ସେ ଜାଣିଥିଲା ଯେ ଏହି ପୋଖରୀର ପାଣି ଅଳ୍ପ ପରିମାଣରେ ଅଛି । ସେହି ରାସ୍ତା ଦେଇ କେହି ଯିବାର ଦେଖିଲେ ବୁଢ଼ା ବାଘଟି ମନଦୁଃଖରେ ଡାକୁଥାଏ – "ହେ ଭାଇମାନେ ! ମୁଁ ଏହି ସୁନାହାର ଦାନ କରିବାକୁ ଇଚ୍ଛା କରୁଛି, ଯଦି ତୁମେ ଇଚ୍ଛା କରୁଛ ତେବେ ମୋ ପାଖରୁ ହାରଟି ନେଇଯାଅ" କିନ୍ତୁ ତା'ପାଖରୁ କେହି ହେଲେ ବି ସୁନାହାରଟି ନେଲେ ନାହିଁ ।"



ଏମିତି ପାଞ୍ଚଦିନ କଟିଗଲା ସେହି ଗଛମୂଳରେ। ଦିନେ ଜଣେ ବ୍ରାହ୍ମଣ ସେହି ବାଟ ଦେଇ ଯାଉଥାଏ। ସୁନା ହାର ଦେଖି ବ୍ରାହ୍ମଣଙ୍କ ମନରେ ଲୋଭ ଜନ୍ମିଲା । ଭାବିଲେ ଇଏତ ଗୋଟିଏ ବାଘ, ଯା ଉପରେ କି ବିଶ୍ୱାସ ଅଛି ? ତଥାପି ଯଦି ଅଳ୍ପ ପରିଶ୍ରମରେ ସୁନା ହାରଟି ମିଳିଯାଏ ତେବେ କ୍ଷତି କ'ଣ ? ବୁଢ଼ା ବାଘ ଲୋଭୀ ବ୍ରାହ୍ମଣଙ୍କୁ ଦେଖି କହିଲା - "ହେ ବ୍ରାହ୍ମଣ। ମୋତେ ଭୟ କରିବାର କିଛି ନାହିଁ । ଦେଖୁଛ ତ ମୁଁ ବହୁତ ବୁଢ଼ା ହୋଇଗଲିଣି, ମୋର ଦାନ୍ତ ସବୁ ପଡ଼ିଗଲାଣି, ଆଉ ଆଖିକୁ ମଧ୍ୟ ଭଲ ଦିଶୁ ନାହିଁ । ଉଠାବସା କରିବା ମୋ ପାଇଁ ବହୁତ କଷ୍ଟକର ହେଉଛି । ମୋତେ ଲାଗୁଛି ଯେ ମୁଁ କେଉଁ ପାପର ଫଳ ଏଠି ଭୋଗ କରୁଛି । ଶୁଣ ବ୍ରାହ୍ମଣ ଜଣେ ସାଧୁ କହିଛନ୍ତି କି ମୋତେ ପ୍ରତିଦିନ ଜଣେ ବ୍ରାହ୍ମଣଙ୍କୁ ସୁନା ଦାନ କରିବାକୁ ପଡ଼ିବ । ତାଙ୍କର ଆଦେଶ ପାଳନ କରି ମୁଁ ଏହି ପୋଖରୀ କୂଳରେ ପ୍ରତିଦିନ ସୁନା ଦାନ କରୁଛି। ତୁମେ ମୋ' ଠାରୁ ଏହି ସୁନାହାରଟି ଗ୍ରହଣ କରି ମୋତେ ଆଶୀର୍ବାଦ ଦିଅ । ମୋର ପାପ ସବୁ କଟିଯାଉ ।" ବୁଢ଼ା ବାଘ କଥାରେ ବ୍ରାହ୍ମଣ ବିଶ୍ୱାସ କଲେ। ଖୁସିରେ ବାଘ ପାଖକୁ ଆସିଲେ ସୁନା ହାରଟି ନେବାକୁ । ବାଘ କହିଲା - "ଏହି ହାରଟି ନେବାକୁ ହେଲେ ପ୍ରଥମେ ତୁମକୁ ଏହି ପୋଖରୀରେ ଗାଧୋଇବାକୁ ପଡ଼ିବ ।"

ବ୍ରାହ୍ମଣ ଲୋଭ ସମ୍ଭାଳି ପାରିଲେ ନାହିଁ । ସେ ଗାଧୋଇବାକୁ ଗଲେ, ଦେଖିଲେ ପୋଖରୀରେ ବେଶି ପାଣି ନାହିଁ । ଉପରକୁ ସିନା ଅଳ୍ପ ପାଣି ଦେଖାଯାଉଛି କିନ୍ତୁ ପାଣି ଭିତରେ ପଙ୍କ କାଦୁଅ ଭର୍ତ୍ତି ହୋଇଯାଇଥିଲା। ସେ ଗାଧୋଇବାକୁ ଯେମିତି ପୋଖରୀକୁ ପଶିଛନ୍ତି ଗୋଡ଼ ପଙ୍କରେ ଅଟକିଗଲା, ଯେତେ ଚେଷ୍ଟା କଲେ ବି ପୋଖରୀରୁ ବାହାରି ପାରିଲେ ନାହିଁ। ବ୍ରାହ୍ମଣ ଭାବିଲେ ଯଦି ସେ ବାହାରକୁ ବାହାରି ନ ପାରିବେ ତେବେ ସୁନାହାରଟିକୁ କେମିତି ନେବେ ? ବାଘ ବ୍ରାହ୍ମଣଙ୍କୁ ଦେଖି ମନେ ମନେ ହସିଲା । ବାଘ ଏଇ ସୁଯୋଗକୁ ବହୁତ ଦିନରୁ ଅପେକ୍ଷା କରି ରହିଥିଲା । ଏବେ ବାଘ ଦୌଡ଼ି ଆସି ପୋଖରୀ କୂଳରେ ଠିଆ ହୋଇ କହିଲା "କିଛି ଡରିବାର ନାହିଁ, ମୁଁ ଅଛି ତୁମକୁ ପଙ୍କ ଭିତରୁ ଉଦ୍ଧାର କରିବି ।" ଏହା କହି ବୁଢ଼ା ବାଘଟି ବ୍ରାହ୍ମଣଙ୍କ ଉପରକୁ ଡେଇଁ ପଡ଼ିଲା, ବ୍ରାହ୍ମଣଙ୍କୁ ମାରି ମନ ଖୁସିରେ ଖାଇଲା ଓ ସୁନା ହାରଟି ଧରି ନିଜ ଗୁମ୍ଫାକୁ ପ୍ରତ୍ୟାବର୍ତ୍ତନ କଲା ।

**ସରକାରୀ (ଏସ୍.ଏସ୍.ଡି) ଉଚ୍ଚ ବିଦ୍ୟାଳୟ,**
**ଅଙ୍ଗାର ପଦା, ଯଶିପୁର, ମୟୂରଭଞ୍ଜ ଓଡ଼ିଶା**



ଯେତେ ଧର୍ମ ଯେତେ ବର୍ଣ୍ଣ ଜାତିକୁଳ,
ଭାରତଜନନୀ ସମସ୍ତଙ୍କ ମୂଳ ।
ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି ।

**ଉତ୍କଳମଣି ଗୋପବନ୍ଧୁ ଦାସ** (୧୮୭୭-୧୯୨୮)



କଲ୍ୟାଣୀ ମାଣ୍ଡି, ଶ୍ରେଣୀ : ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଠାକୁରମୁଣ୍ଡା

ମାର୍କଣ୍ଡ ନାଏକ, ଶ୍ରେଣୀ : ଦଶମ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, ସା:ପୋ : ନରଣପୁର, ଜିଲ୍ଲା ; କେନ୍ଦୁଝର



# ପିମ୍ପୁଡ଼ି ଭାଇ

ଭକ୍ତିରାଣୀ ମଣ୍ଡଳ, ଶ୍ରେଣୀ - ନବମ

ପିମ୍ପୁଡ଼ି ଭାଇରେ ପିମ୍ପୁଡ଼ି ଭାଇ,
କେତେ ପରିଶ୍ରମ କରୁଛୁ ତୁଇ ।

ଏତେ ଛୋଟ ପୁଣି ଶରୀର ତୋ'ରି,
ବାଳକେ ଦେଖିଲେ ଯାଆନ୍ତି ଡରି ।



ଦିନ ରାତି ତତେ ନାହିଁରେ ଡର,
କିଏ ବୁଝିପାରେ କଷ୍ଟ ତୋହର ।

କୃଷକ ଯେବେ କ୍ଷେତରୁ ଯାଏ,
ଜାଣିଥାଉ ଶସ୍ୟ କେଉଁଠି ଥାଏ ।

କୃଷକ ବୁଣନ୍ତି ବିହନ ଯେବେ,
ଅଧା ନେଇଯାଉ ଘରକୁ ତେବେ ।

ଖରା ସମୟରେ ଶ୍ରମ ତୁ କରୁ,
ବରଷା ସମୟେ ଆନନ୍ଦ ଭରୁ ।



ନିଜଠୁ ଅଧିକ ଓଜନ ବୋହି,
ଭରିଦେଉ ସବୁ ଘରକୁ ନେଇ ।

ପିମ୍ପୁଡ଼ି ଭାଇରେ ପିମ୍ପୁଡ଼ି ଭାଇ,
ତୋ' ପରି କାମିକା ଜଗତେ ନାହିଁ ।


ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେରେବା, ପୋ-ଶଗଡ଼ା,
ବ୍ଲକ-ଗୁଣପୁର, ଜିଲ୍ଲା-ରାୟଗଡ଼ା

# କୁନି ବେଙ୍ଗ ବୁଝିଲା

**କ୍ରିଷ୍ଣା କୁମାରୀ ଯାନୀ, ଶ୍ରେଣୀ – ଦଶମ**

କୁନି ବେଙ୍ଗଟିଏ ଥିଲା । ତାକୁ ତାର ରୂପ ଆଦୌ ଭଲ ଲାଗୁନଥିଲା । ତ୍ରିକୋଣାକାର ମୁଣ୍ଡ । ମୁଣ୍ଡ ଓ ଗଣ୍ଡି ମଧ୍ୟରେ ବେକ ନାହିଁ । ମୁଣ୍ଡର ଦି ପାଖରେ ବଡ଼ ବଡ଼ ଆଖି । ଆଖି ଖୋଳ ଭିତରେ ନାହିଁ । କାନ କଥା ନ କହିଲେ ଭଲ । ଆଗ ଗୋଡ ଛୋଟ ଓ ପଛ ଗୋଡ଼ ଲମ୍ବା । ଆଗ ଗୋଡ଼ରେ ଚାରୋଟି ଆଙ୍ଗୁଳି ଏବଂ ପଛ ଗୋଡ଼ରେ ପାଞ୍ଚଟି ଲେଖାଏଁ ଆଙ୍ଗୁଳି । ସବୁ ପ୍ରକାର ବେଙ୍ଗଙ୍କ ଆଗରେ ଅଦ୍ଭୁତ ବେଙ୍ଗଟି ନିଜ ରୂପ ସମ୍ପର୍କରେ ଗପିଲା । ପାଣି ବେଙ୍ଗ ହସିଲେ ଆଉ ଭର୍ତ୍ସନା କଲେ । କିନ୍ତୁ କାଠ ବେଙ୍ଗ କିଛି ନ କହି ତା'ର ଲମ୍ବା ଜିଭ ବାହାର କରି ସମ୍ମତି ପ୍ରଦାନ କଲାପରି ବ୍ୟବହାର କଲା ।

କୁନି ବେଙ୍ଗଟି ଟିକିଏ ବଡ଼ ହେଲା । ଦୈବାତ୍ ସେ ଏକ ଦହି ହାଣ୍ଡିରେ ପଡ଼ିଗଲା । ବିଚରା ଛଟପଟ ହେଲା, କିନ୍ତୁ ଉଠିପାରିଲା ନାହିଁ । ଗୋଡକୁ ଛାଟି ଖଣ୍ଡି ପହଁରା ମାରୁଥାଏ । ମଝିରେ ମଝିରେ ହାଣ୍ଡିର ଫନ୍ଦ ଆଡକୁ ଡିଆଁ ମାରୁଥାଏ, କେମିତି ହାଣ୍ଡି ମଧ୍ୟରୁ ମୁକୁଳି ଆସିବ । କିନ୍ତୁ ତାର ସମସ୍ତ  ଚେଷ୍ଟା ବିଫଳ




ହେଉଥାଏ । ପହଁରି ପହଁରି ବେଙ୍ଗଟି କ୍ଳାନ୍ତ ହୋଇ ପଡ଼ି ଭାବିଲା – "ତାର ଜୀବନ ଆଜି ଶେଷ ।" ଏଣୁ ସେ ଭଗବାନଙ୍କୁ ସ୍ମରଣ କରିବାକୁ ଲାଗିଲା । ହଠାତ୍ ସେ ଦେଖିଲା ତାର କ୍ରମାଗତ ଡିଆଁଡେଇଁ କରିବା ହେତୁ ଦଧି ମନ୍ଥିତ ହୋଇଯାଇଛି ଏବଂ ଲହୁଣି ଏକ କଠିନ ଆସ୍ତରଣ ସଦୃଶ ହୋଇଯାଇଛି । ବେଙ୍ଗଟି ସେହି ଲହୁଣି ଉପରକୁ ଆସି ଚଟ୍‌କିନା ହାଣ୍ଡିର ଫନ୍ଦ ଉପରକୁ ଡେଇଁ ପଡିଲା । ହାଣ୍ଡି ଉପରୁ ତଳକୁ ଆସିବା ମଧ ସହଜ ଥିଲା । କାଠ ବେଙ୍ଗ ତଳେ ଥାଇ ଏହି ଦୃଶ୍ୟ ଦେଖୁଥିଲା ।

ଇତି ମଧ୍ୟରେ କାଠବେଙ୍ଗ ବୁଢ଼ା ହୋଇଯାଇଥିଲା । ସେ କୁନି ବେଙ୍ଗକୁ ଡାକି କହିଲା – "ଏବେ କହ ତୋ' ଦେହ ଓ ତୋ' ରୂପ କଦାକାର ନା ଉପଯୁକ୍ତ ଅଙ୍ଗ ପ୍ରତ୍ୟଙ୍ଗରେ ଗଢ଼ା ଶରୀରଟିଏ । ଯେଉଁ ବେଙ୍ଗ ଫୁଲା ଲମ୍ବା ଲାଞ୍ଜକୁ ଦେଖି ତୁ' ନାକ ଟେକୁଥିଲୁ, ସେଥିରୁ ତୋ'ର ପଛଗୋଡ଼ ବାହାରିଛି । ତୋ' ଆଙ୍ଗୁଳି ମଧ୍ୟରେ ସୂକ୍ଷ୍ମ ଚମଡା ଥିବାରୁ ତୁ ପହଁରି ପାରିଲୁ । ତୋ' ଆଖି ଖୋଳ ଭିତରେ ନଥିବାରୁ ତୋ'ର ଦୃଷ୍ଟି ସୁଦୂରପ୍ରସାରୀ ହୋଇପାରିଲା । ଏଣୁ ହାଣ୍ଡି ଉପରୁ ତୁ ତଳକୁ ମଧ ଡେଇଁ ପାରିଲୁ । ଏସବୁ ତୋ' ପାଖେ ନ ଥିଲେ ତୁ ଜୀବନ ବଞ୍ଚାଇ ପାରୁଥାନ୍ତୁ କି ? ଏଣୁ ଯାହାକୁ ଯେପରି ରୂପ ମିଳିଛି, ଦେହ ମିଳିଛି ତାହା ଈଶ୍ୱରଙ୍କ ବରଦାନ, ପରମେଶ୍ୱରଙ୍କ ପରିକଳ୍ପନା । ସେଥିରେ ତ୍ରୁଟି ଥାଇପାରେ କିନ୍ତୁ ତା' ଦ୍ୱାରା ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧିତ ହେବ, ଏବେ ନ ହେଲେ କେବେ ବି ।"

ପ୍ରତ୍ୟେକ ପ୍ରାଣୀର ବାହ୍ୟ ସୌନ୍ଦର୍ଯ୍ୟକୁ ନ ଦେଖି ଅର୍ନ୍ତନିହିତ ଶକ୍ତିକୁ ପରଖିବା ଦରକାର, ତାହା ହେଲେ ଆମେ ଉଭୟ କର୍ମ ଓ ଜ୍ଞାନର ସମନ୍ୱୟ କରିପାରିବା ଓ ଜୀବନରେ ଅଗ୍ରସର ହୋଇପାରିବା ।



**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,**
**ପୋ.-ସଇଁତଳା, ଜି.-ବଲାଙ୍ଗିର**



ମିଶୁ ମୋର ଦେହ, ଏ ଦେଶ ମାଟିରେ,
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

**ଉତ୍କଳମଣି ଗୋପବନ୍ଧୁ ଦାସ** (୧୮୭୭-୧୯୨୮)

# ମୋ ମାଆ

**ଶୁଭସ୍ମିତା ବାଲ୍ ମୁଛ, ଶ୍ରେଣୀ - ଅଷ୍ଟମ**

କୋମଳ ହୃଦୟ ତା'ର
ମମତାର ମନ୍ଦିର,
ମୋ' ପାଇଁ ଏ ଜୀବନେ
ସେ ଚଳନ୍ତି ଠାକୁର ।

ଦୁନିଆର ସବୁ ଖୁସି
ମୋତେ ଦେବା ପାଇଁ,
ଜାଣେ ମୁହିଁ କେତେ କଷ୍ଟ
ସହିଛି ତ ସେହି ।






ଅଳି ଅଝଟକୁ ମୋର
ସବୁତ ସହିଛି,
ସ୍ନେହରେ ବାନ୍ଧି ମୋତେ
ବଡ଼ ସେ କରିଛି ।
ଶିଖାଇଛି ସତ୍ୟ ନ୍ୟାୟ
ପଥେ ଚାଲିବାକୁ,
ଭୁଲିବିନି କେବେ ମୁହିଁ,
ସେ ମହା ମନ୍ତ୍ରକୁ ।

ଯିବି କିଆଁ ମନ୍ଦିର ମୁଁ
ପୂଜିବାକୁ ପଥର,
ମା' ତୋର ପାଦତଳେ
କୋଟି କୋଟି ଜୁହାର ।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଚଣ୍ଡିଖୋଲ, ଚଣ୍ଡିଖୋଲ, ଜି. - ଯାଜପୁର**

# ଜଗନ୍ନାଥଙ୍କ କରୁଣା

ଦୁଃଖୀ ହେମ୍ବ୍ରମ୍, ଶ୍ରେଣୀ - ଅଷ୍ଟମ

ଏକଦା ନଇଛଣପୁର ଗ୍ରାମରେ ଜଣେ ଜ୍ଞାନୀ, ଗୁଣୀ, ଧର୍ମପରାୟଣ, ମିଷ୍ଟଭାଷୀ, ଶାନ୍ତ, ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କ ନାମ ନରହରି ସୋରେନ । ତାଙ୍କର ଗୁଣ ଚାରିଆଡ଼େ ସୁବାସିତ ଫୁଲ ପରି ମହକୁ ଥିଲା । ଗ୍ରାମବାସୀମାନେ ତାଙ୍କୁ ସମ୍ମାନ ଦିଅନ୍ତି ଓ ସବୁକଥାରେ ଗାଁ ମୁଖିଆ ଭାବରେ ଗ୍ରହଣ କରନ୍ତି । ଗ୍ରାମଟି ଯାକ ଲୋକଙ୍କର ଭଲମନ୍ଦ ବୁଝିବା ଠାରୁ ସୁଖ ଦୁଃଖରେ ସବୁବେଳେ ସେ ଛିଡ଼ା ହୁଅନ୍ତି । ଗ୍ରାମବାସୀମାନଙ୍କ ସହିତ ଧର୍ମ ଆଲୋଚନା କରିବା, ସନ୍ଧ୍ୟା ସମୟରେ ଖଞ୍ଜଣି, ଢୋଲ ଓ କରତାଳ ବଜାଇ ଭଜନ କୀର୍ତ୍ତନ କରିବା ଇତ୍ୟାଦି କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥାନ୍ତି ।

ଭାଗବତ ଟୁଙ୍ଗୀରେ ଭାଗବତ, ମହାଭାରତ, ରାମାୟଣ ଓ ହରିବଂଶ ଇତ୍ୟାଦି ପାଠକରି ସେ ଗ୍ରାମବାସୀମାନଙ୍କୁ ଶୁଣାଇଥାନ୍ତି । ଗ୍ରାମର ସମସ୍ତ ଗ୍ରାମବାସୀ ଦିନର କର୍ମମୟ ଜୀବନ ସମାପ୍ତ କରି ଭଗବାନଙ୍କର ଗୁଣଗାନ ଶୁଣିବା ପାଇଁ ଭାଗବତ ଟୁଙ୍ଗୀରେ ଉପସ୍ଥିତ ହୁଅନ୍ତି । ଦିନଟି ଯାକର ପରିଶ୍ରମକୁ ଇଶ୍ୱରଙ୍କର ଭଜନ କୀର୍ତ୍ତନ ଶୁଣି ଶ୍ରମ ଲାଘବ କରିଥାନ୍ତି । ଆନନ୍ଦମନରେ ରାତିରେ ଘରକୁ ଫେରି ଭୋଜନ ଗ୍ରହଣ କରିସାରି ଶୟନକୁ ଯାଆନ୍ତି । ଏହା ସମସ୍ତ ଗ୍ରାମବାସୀମାନଙ୍କର ନିତିଦିନିଆ କାର୍ଯ୍ୟ । ନରହରି ସୋରେନଙ୍କର ତିନି ପୁଅ



ଓ ଦୁଇ ଝିଅ ଥିଲେ । ବଡ ପୁଅ ନାମ ମହାପ୍ରସାଦ ସୋରେନ୍, ମଝିଆ ପୁଅ ନାମ କୈବଲ୍ୟ ସୋରେନ୍ ଓ ସାନ ପୁଅ ନାମ ନିର୍ମାଲ୍ୟ ସୋରେନ୍ । ବଡ ଝିଅ ତୃପ୍ତିରେଖା ସୋରେନ୍, ଓ ସାନଝିଅ ସାଗରିକା ସୋରେନ୍ । ଲକ୍ଷ୍ମୀପ୍ରିୟା ଥିଲେ ତାଙ୍କର ସହଧର୍ମିଣୀ । ସେ ଜଗନ୍ନାଥଙ୍କର ଆଶ୍ରିତ ଥିଲେ । ଦୀନ ଦୁଃଖୀଙ୍କର ସେ ମାଆ ଥିଲେ। ପରିବାର ସାରା ସମସ୍ତ ସଦସ୍ୟ ସରଳ, ପରୋପକାରୀ ଓ ସତ୍ୟ ପଥରେ ରହି ନିରାମୟ ଜୀବନଯାପନ କରୁଥିଲେ । ପତ୍ନୀ ବେଶୀ ପାଠ ପଢି ନଥିଲେ, କିନ୍ତୁ ତାଙ୍କୁ ବହି ପଢ଼ିବା, ମନ୍ତ୍ର ଲେଖିବା, ଭାଗବତ ଓ ଗୀତା ପଢିବା ଇତ୍ୟାଦି ଜଣାଥିଲା । ସବୁବେଳେ ସ୍ୱାମୀଙ୍କର ଆଜ୍ଞାବହ ହୋଇ ଅତି ସୁନ୍ଦର ଭାବରେ ଘର ସଂସାର କରିଥିଲେ । ପରିବାରର ସମସ୍ତ ସଦସ୍ୟ ଧଳାବସ୍ତ୍ର ପରିଧାନ କରିଥାନ୍ତି । ରାତି ୪ରୁ ଉଠି ନିତ୍ୟକର୍ମ ସାରି ସ୍ନାନ କାର୍ଯ୍ୟ ଶେଷ କରି ଭଗବାନଙ୍କ ସେବାରେ ଲାଗି ପଡ଼ନ୍ତି। ସେ ଅଞ୍ଚଳରେ ସେହି ପରିବାରଟି ଏକ ଆଦର୍ଶ ପରିବାର ରୂପେ ସୁନାମ ଅର୍ଜନ କରିଥିଲା ।

ସନ୍ଧ୍ୟା ସମୟରେ ଲକ୍ଷ୍ମୀପ୍ରିୟା ତାଙ୍କର ରାତ୍ରିଭୋଜନ ପ୍ରସ୍ତୁତ କରିସାରି ସ୍ୱାମୀଙ୍କ ସେବାରେ ନିଜକୁ ସାମିଲ୍ କରିଥାନ୍ତି ଓ ଧର୍ମଗ୍ରନ୍ଥ ଆଦି ଶୁଣିଥାନ୍ତି । ଧର୍ମପତ୍ନୀଙ୍କର ଅଫୁରନ୍ତ ଆନନ୍ଦ ଯେ ତାଙ୍କର ସ୍ୱାମୀ ଆଧ୍ୟାତ୍ମିକ ଗୁଣରେ ଅଧିକାରୀ । ଏତେ ଶାସ୍ତ୍ରପୁରାଣ ଆଲୋଚନା କରି ଗ୍ରାମବାସୀଙ୍କୁ ନିଜର କରିପାରିଛନ୍ତି । ନିଜେ ମଧ୍ୟ ଶାସ୍ତ୍ର ପୁରାଣ ଶୁଣିବାର ସୁଯୋଗ ସ୍ୱାମୀଙ୍କ ଠାରୁ ପାଇଛନ୍ତି ।

ଏହିଭଳି ସୁଖଶାନ୍ତିରେ ପରିବାରର ସମସ୍ତ ସଦସ୍ୟବୃନ୍ଦ ସତ୍ୟ ଓ ନ୍ୟାୟ ପଥରେ ରହି ସଂସାର ରୂପକ ସାଗରରେ ବୁଡ଼ି ରହିଥିଲେ । ତାଙ୍କର ପରିବାରଟି ଥିଲା ମଧ୍ୟବିତ୍ତ ପରିବାର । ନରହରି ବାବୁ ଲୋକମାନଙ୍କ ଦ୍ୱାରା ଚାଷବାସ କରି ସୁଖରେ ପରିବାର ପ୍ରତିପୋଷଣ କରୁଥିଲେ । କୌଣସି ଅଭାବ ଅନଟନ ନଥାଏ । ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟାଙ୍କର ଜଗନ୍ନାଥଙ୍କ ପ୍ରତି ଅତୁଟ ବିଶ୍ୱାସ ଥାଏ ।

ଦିନେ ଲକ୍ଷ୍ମୀପ୍ରିୟା ସ୍ୱାମୀଙ୍କୁ କହିଲେ ଆମ ଘରେ ଗୀତା ଜୟନ୍ତୀ କଲେ ଭଲ ହୁଅନ୍ତା । ଅର୍ଦ୍ଧାଙ୍ଗିନୀଙ୍କର କଥାରେ ସ୍ୱାମୀ ନରହରି ବାବୁ ସହମତି ପ୍ରକାଶ କଲେ । ତା' ପରଠାରୁ ସବୁ ଆୟୋଜନ ଆରମ୍ଭ ହେଲା । ସାତଦିନ ଧରି ଗୀତା ଜୟନ୍ତୀ ପାଳିତ ହେଲା । ନବ ବସ୍ତ୍ର ପରିଧାନ କରି ଅରୁଆ ଅନ୍ନ ସେବନ କରି ପୂଜାକର୍ମରେ ଲାଗି ପଡ଼ିଲେ ସେ । ଲକ୍ଷ୍ମୀପ୍ରିୟା ପ୍ରଫୁଲ୍ଲିତ ମନରେ ସ୍ୱାମୀଙ୍କର ପୂଜା କାର୍ଯ୍ୟରେ ନିଜକୁ ସାମିଲ କଲେ। ସେତେବେଳେ ଆଶ୍ୱିନ ମାସ ଚାଲିଥାଏ । ଧାନ କ୍ଷେତରେ ଧାନଗଛ ଫୁଲ ଉଡ଼ାଉଥାଏ। ଏହି ସମୟରେ ଧାନ ଗଛ ପ୍ରଚୁର ଜଳ ଆବଶ୍ୟକ କରେ ।

ପ୍ରାୟ ପନ୍ଦର କୋଡ଼ିଏ ଦିନ ହେବ ବର୍ଷା ହୋଇ ନଥାଏ । ଚାଷୀକୁଳ ହତାଶ ହୋଇପଡ଼ିଲେ । ସରକାର ଚାଷୀଭାଇମାନଙ୍କର ଉପକାର ପାଇଁ କେନାଲରେ ପାଣି ଯୋଗାଇ ଦେଲେ । ଚାଷୀଭାଇମାନେ ନିଜନିଜ ଜମିରେ ପାଣି ମଡ଼ାଇଲେ । କିନ୍ତୁ ନରହରି ବାବୁ ଘରର ପୂଜାକର୍ମରେ ଲିପ୍ତ ଥିବାରୁ ବିଲବାଡ଼ିରେ ଜଳଯୋଗାଣର ବ୍ୟବସ୍ଥା କରିପାରିଲେ ନାହିଁ । ଗ୍ରାମବାସୀମାନେ ଆସି କହିଲେ, ମହାପ୍ରଭୁ ଆପଣଙ୍କ


ଚାଷଜମି ଫାଟିବାକୁ ଲାଗିଲାଣି । ଗ୍ରାମବାସୀଙ୍କ ଠାରୁ ଏକଥା ଶୁଣି ନରହରି ବାବୁଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା। ପରିବାର ଚଳାଇବାର ଏକମାତ୍ର ଉତ୍ସ ହେଉଛି ଧାନଚାଷ । ଧାନଚାଷ ନଷ୍ଟ ହୋଇଗଲେ ପରିବାର ପ୍ରତିପୋଷଣ କରିବେ କିପରି ? ସ୍ତ୍ରୀ କଥାରେ ଜୟନ୍ତୀ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିବାରୁ ତାଙ୍କ ଚାଷଜମି ନଷ୍ଟ ହେବାକୁ ବସିଲାଣି । ଏଥିପାଇଁ ସେ ଲକ୍ଷ୍ମୀପ୍ରିୟାଙ୍କ ଉପରେ ବିରକ୍ତ ହେଲେ।

ନରହରି ବାବୁ ଧର୍ମକାର୍ଯ୍ୟ ଛାଡ଼ି ଚାଷଜମି ଦେଖିବାକୁ ପଳାଇଗଲେ । ସ୍ତ୍ରୀ ସ୍ୱାମୀଙ୍କୁ କିଛି ନକହି କାନ୍ଦି କାନ୍ଦି ଜଗନ୍ନାଥଙ୍କୁ ଗୁହାରି ଜଣାଇଲେ । ପ୍ରଭୁ ତୋହରି କାର୍ଯ୍ୟରେ ମୋ ସ୍ୱାମୀଙ୍କୁ ନିୟୋଜିତ କଲି । ଶେଷରେ ଆମଚାଷ ଜମି ଜଳ ଅଭାବରୁ ନଷ୍ଟ ହୋଇଯିବ । ଏହା ତୋ'ର କି ବିଚାର ? ଯଦି ସତରେ ଜଗତର ନାଥ ଜଗନ୍ନାଥ ହୋଇଥିବୁ ତୁ ମୂଷଳ ଧାରାରେ ବର୍ଷା କରାଇବୁ । ତତେ ଆମ ଚାଷଜମି ଲାଗିଲା ।

ସତକୁ ସତ କିଛି ସମୟ ପରେ ଜଗନ୍ନାଥଙ୍କ କରୁଣା ସ୍ୱରୂପ ଆକାଶରେ କଳାହାଣ୍ଡିଆ ବାଦଲ ଘୋଟି ଆସିଲା । ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ହେବାକୁ ଲାଗିଲା । ଚାଷଜମି ବର୍ଷା ପାଣିରେ ପୂର୍ଣ୍ଣ ହୋଇଗଲା। ବର୍ଷା ପାଣିରେ ଭିଜି ଭିଜି ନିରହରି ବାବୁ ଘରକୁ ଫେରିଲେ । ଘରେ ପହଞ୍ଚି ଦେଖିଲେ ସ୍ତ୍ରୀ ଜଗନ୍ନାଥଙ୍କ ପାଖରେ ଧ୍ୟାନରେ ବସିଛନ୍ତି । ନରହରିବାବୁ ଧର୍ମପତ୍ନୀଙ୍କ ଜଗନ୍ନାଥଙ୍କ ପ୍ରତି ଥିବା ଅତୁଟ ବିଶ୍ୱାସ ଦେଖି ମନେ ମନେ ନିଜକୁ ଗୌରବାନ୍ୱିତ ମନେକଲେ ।

ଧର୍ମପତ୍ନୀଙ୍କୁ ଧ୍ୟାନରୁ ଉଠାଇ କରିଥିବା ଭୁଲ ପାଇଁ କ୍ଷମା ମାଗିଲେ । ଧର୍ମପତ୍ନୀଙ୍କର ଆଖି ଛଳ ଛଳ ହୋଇଗଲା ଓ ସେ କାନ୍ଦିବାକୁ ଲାଗିଲେ । ଉଭୟଙ୍କର ମାନ ଅଭିମାନ ଆଖି ଲୁହରେ ଧୋଇ ହୋଇଗଲା । ବାସ୍ତବରେ ପ୍ରଭୁଙ୍କ କରୁଣା ଅପାର । ଯିଏ ଭଗବାନଙ୍କୁ କରୁଣାଭରା ହୃଦୟରେ ପ୍ରାର୍ଥନା କରେ ଭଗବାନ ତା'ର ସମସ୍ତ ଦୁଃଖ ଦୂରୀଭୁତ କରିଥାନ୍ତି ।

**ସରକାରୀ ଉଚ୍ଚ ବିଦ୍ୟାଳୟ, ଭଗାମୁଣ୍ଡା**
**ସା/ପୋ - ଭଗାମୁଣ୍ଡା, ଜିଲ୍ଲା - କେନ୍ଦୁଝର**



ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

**ସ୍ୱଭାବକବି ଗଙ୍ଗାଧର ମେହେର** (୧୮୬୨-୧୯୨୪)

# ମଦନା - ପଦନା କଥା

**ସୋନାଲି ଧୁରୁଆ, ଶ୍ରେଣୀ - ଦଶମ**

ମଦନା କହିଲା, "ଆରେ ପଦନା" !
ଚାଲ୍ ଯିବା ବୁଲି ସଦର ଥାନା,
ଥାନାରେ ଅଛି ମୋ' ବଡ଼ ଭାଇନା,
ଖାଇବାକୁ ଦବ ଅସଲ ଖାନା ।"
ପଦନା କହିଲା, "କେମିତି ଯିବା ?"
ମଦନା କହିଲା, "ଚୋରି କରିବା,"
ଚୋରି କରିଲେ ଧରିବ ପୁଲିସି,
ଥାନାକୁ ଯିବାରେ ଗାଡ଼ିରେ ବସି ।

ଏହା ଭାବି ଦୁହେଁ ଗଲେ ରାତିରେ,
ଚୋରି କରିବାକୁ ପଡ଼ିଶା ଘରେ ।
ଘରଲୋକେ ଯହୁଁ ଉଠି ପଡ଼ିଲେ,
ମଦନା ଚତୁର ଖସିଲା ଖରେ ।
ପଦନା ବିଚରା ପଡ଼ିଲା ଧରା,
ବାଜିଲା ପାହାର ଦେହଟା ସାରା ।
ତା'ପରେ ପୁଲିସି ବାବୁ ଆସିଲେ,
ଧରିନେଇ ତାକୁ ଥାନାକୁ ଗଲେ ।



**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ବଞ୍ଜାରୀ, ଜି. - ଝାରସୁଗୁଡ଼ା**

# ଶାବକ ହାତୀଟି ହୋଇଲା ଖୁସି

**ଅନିତା ମୁଣ୍ଡା, ଶ୍ରେଣୀ - ନବମ**

ଗୋଟିଏ  ଗାଁଆରେ ରମେଶ ବୋଲି ପିଲାଟିଏ ଥିଲା। ସେ ପ୍ରତ୍ୟେକ ଦିନ ସ୍କୁଲ ଯାଏ। ସନ୍ଧ୍ୟାରେ ଘରକୁ ଆସେ। ଦିନକର କଥା । ସେ ସ୍କୁଲରୁ ଆସିଲା ବେଳେ ଦେଖିଲା, ଗୋଟିଏ ପକ୍ଷୀ ଅଚେତ୍ ହୋଇ ତଳେ ପଡ଼ିଛି ।

ତାକୁ ଦେଖି ରମେଶ କ'ଣ କରିବ କିଛି ବୁଝି ପାରିଲା ନାହିଁ । ତା'ପରେ ଦେଖିଲା ରାସ୍ତା କଡ଼ରେ ଗୋଟିଏ ପାଣି ବୋତଲ ପଡ଼ିଛି । ବୋତଲରେ ପାଣି ଅଛି । ସେ ବୋତଲଟିକୁ ଆଣି ଟିକେ ପାଣି ପକ୍ଷୀଟିକୁ ପିଆଇଦେଲା । ପକ୍ଷୀ ଉଠି ପଡ଼ିଲା । ତା'ପରେ ଗଛ ଉପକୁ ଉଡ଼ିଗଲା ।

ରମେଶ୍ ଆଗକୁ ଚାଲିଲା । କିଛି ଦୂର ଗଲାପରେ ଦେଖିଲା, ଗୋଟିଏ ହାତୀ ଛୁଆ ରାସ୍ତା ପାର ହେବାକୁ ଚେଷ୍ଟା କରୁଥିଲା । ରମେଶ ଡରିଗଲା, ହାତୀ ଛୁଆ ବି ସେଇଠି ଠିଆ ହୋଇଗଲା।

କିଛି ସମୟ ପରେ ସାହସର ସହିତ ରମେଶ କହିଲା- "ହାତୀ ଭାଇ ନମସ୍କାର।" ହାତୀ ଛୁଆଟି ବି ତାକୁ ମୁଣ୍ଡ ଟେକି ନମସ୍କାର ଜଣାଇଲା । ରମେଶ ପଚାରିଲା – "ଭାଇ ଏତେ ଅନ୍ଧାରରେ ଏକୁଟିଆ କୁଆ




।ଡ଼େ ଯାଉଛ।" ପିଲା ହାତୀ କହିଲା – "ଭାଇ ଦୁଇ ଦିନ ହେବ ମୁଁ ଓ ମୋ ବାପା ମାଆ ହାତୀପଲ ସହ ତୁମ ଗାଁକୁ ଆସିଥିଲୁ, କାରଣ ଆମ ଜଙ୍ଗଲରେ ଖାଦ୍ୟ ଆଉ ନାହିଁ । ସେଦିନ ରାତିରେ ଆମେ ଗୋଟିଏ ଜାଗାରେ ଶୋଇଥିଲୁ । ସକାଳ ହେଲାବେଳକୁ ଦେଖିଲି ବାପା ମାଆ କେହି ନାହାନ୍ତି । ମୁଁ ଏକୁଟିଆ ଶୋଇଛି । ତା'ପରେ ଖୋଜାଖୋଜି କଲି, କେଉଁଠି ପାଇଲି ନାହିଁ । ମୁଁ ଛୁଆଟେ, ତାଙ୍କ ସହିତ ଯାଇପାରିଲି ନାହିଁ ।"

ରମେଶ କହିଲା ତୁମେ ତୁମ ଚନ୍ଦକା ଜଙ୍ଗଲ ଛାଡ଼ି ଆମ ଗାଆଁକୁ କାହିଁକି ଆସିଥିଲ ? ଛୁଆଟି ଉତ୍ତର ଦେଲା – "ଭାଇ ! ତୁମେ ମଣିଷମାନେ ଆମ ଜଙ୍ଗଲ କାଟି ସଫା କରିଦେଲଣି । ଆମେ ଆଉ ଖାଇବୁ କ'ଣ ? ଖାଦ୍ୟ ନ ପାଇ ତୁମ ଗାଁଆକୁ ଚାଲିଆସିଲୁ ।"

ରମେଶ ମନରେ ଦୁଃଖ ଆସିଲା । କିଛି ସମୟ ଚିନ୍ତା କଲା । ରମେଶ କହିଲା– "ଭାଇ ବଡ଼ ହେଲେ ମୁଁ ଓ ମୋ ସାଙ୍ଗସାଥୀ କେହି ଗଛ କାଟିବୁ ନାହିଁ ଏବଂ ଗାଆଁ ଲୋକମାନଙ୍କୁ ବୁଝେଇ କହିବୁ ଗଛ କେହି କାଟ ନାହିଁ । ସମସ୍ତେ ଗଛ ଲଗାଅ । ତୁମ ଜଙ୍ଗଲକୁ ପୁଣି ଥରେ ସବୁଜ କରିଦେବୁ ।" ରମେଶ କଥା ଶୁଣି ପିଲା ହାତୀଟି ମନ ଖୁସିରେ ଶୁଣ୍ଢ ହଲାଇ ରାସ୍ତା ପାର ହୋଇ ଜଙ୍ଗଲକୁ ଚାଲିଗଲା ।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ଜଡ଼ିପଦା, କେନ୍ଦୁଝର**



ଦେଇଥିଲେ କ୍ଷମା ମିଳେ ତା' ଅଧିକ
ବୁଣିଥିଲେ ପାଇ ଫଳ,
ଅପୂର୍ଣ୍ଣ ଏକାକୀ ଜୀବତ୍ମା ତରଇ
ମୃତ୍ୟୁ ସିନ୍ଧୁ କ୍ଷମା ବଳ ।

**ପଲ୍ଲୀକବି ନନ୍ଦ କିଶୋର ବଳ** (୧୮୭୫-୧୯୨୮)



ପାଳିବ ଆନନ୍ଦେ ସଦା ଗୁରୁଜନ କଥା
କଦାପି କାହାର ମନେ ଦେବ ନାହିଁ ବ୍ୟଥା ।

**ଭକ୍ତକବି ମଧୁସୂଦନ ରାଓ** (୧୮୫୩-୧୯୧୨)

# ମାଆ


**ବଂଶୀ ଶବର, ଶ୍ରେଣୀ - ନବମ**

ମାଆଟି ମୋର କେଡ଼େ ନିଜର,
କରେ ସେ ମତେ କେଡ଼େ ଆଦର ।
ତା' ସ୍ନେହ ସ୍ୱର୍ଶ ଅମୂଲ ମୂଲ,
ନୁହଇ କେହି ତାହାରି ତୁଲ ।
ଜୀବନ ଯିଏ ଦେଇଛି ମତେ,
ଗଢ଼ିଛି କେତେ ସରାଗେ ସତେ ।
ତା' ମିଠା ଗୀତ ବାଜିଲେ କାନେ,
ନିଦଟି ଆସେ ମୋର ନୟନେ ।
ଖଡ଼ି ଧରାଇ ଲେଖାଏ ପାଠ,
ଦେଖାଏ କେତେ ସୁଗମ ବାଟ ।

ତାହାରି ପୂଜା ଦେବ ଅର୍ଚ୍ଚନା,
ପୂର୍ଣ୍ଣ କରେ ମୋ ମନୋକାମନା ।
ସେ ଅଟେ ମୋର ରକ୍ଷା କବଚ୍,
ତା' ଲାଗି ଜିତେ ମୁଁ ସାରା ଜଗତ ।
ନିସ୍ୱାର୍ଥପର ସେବା ସେ କରେ,
ସବୁ ଦୁଃଖରେ ଥାଏ ପାଖରେ ।
ତା' ପରି କେହି ଜଗତେ ନାହିଁ,
ମମତାମୟୀ ମାଆଟି ସେହି ।

**ସରକାରୀ ଉଚ୍ଚ ବିଦ୍ୟାଳୟ**
**ଗୁଲୁଣ୍ଡି, ରମନାଗୁଡ଼ା, ରାୟଗଡ଼ା**






ପ୍ରେମଚାନ୍ଦ ଗମାଙ୍ଗ, ଶ୍ରେଣୀ : +୨ ଦ୍ୱିତୀୟ ବର୍ଷ (ବିଜ୍ଞାନ ସ୍ରୋତ)
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୋହନା, ଗଜପତି,

ବିଷ୍ଣୁପ୍ରିୟା ରଣା, ଶ୍ରେଣୀ : ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡମଶାଳ, ଭୁବନ



# ଦୁଷ୍ଟରୁ ଶିଷ୍ଟ

**ପ୍ରିୟଙ୍କା ସିଂ, ଶ୍ରେଣୀ - ଅଷ୍ଟମ**

ନୟାପଲ୍ଲୀ ବଜାର ନିକଟରେ ଗୋଟିଏ ମନ୍ଦିର ଥିଲା । ସେହି ମନ୍ଦିରର ନାମ ଥିଲା ସୁନାଦେଈ ମନ୍ଦିର। ମନ୍ଦିରରେ ମା' ସୁନାଦେଈଙ୍କ ମୂର୍ତ୍ତି ପୂଜା କରାଯାଏ । ସେଠାରେ ସବୁଦିନ ଲୋକଙ୍କର ଗହଳି ହୁଏ। ମନ୍ଦିର ପଛପଟେ ଗୋଟିଏ ବଡ଼ ବରଗଛ ଥିଲା । ଗଛରେ ଗୋଟିଏ ଦୁଷ୍ଟ ମାଙ୍କଡ଼ ବାସ କରୁଥିଲା। ମନ୍ଦିରକୁ ଆସୁଥିବା ଲୋକମାନଙ୍କୁ ସେ ବହୁତ ହଇରାଣ କରୁଥିଲା । ଆଣିଥିବା ନଡ଼ିଆ, କଦଳୀ, ଲଡୁ ସବୁକୁ ଛଡ଼େଇ ନେଇ ପଳେଇ ଯାଏ । ମନ୍ଦିର ନିକଟରେ ଆଶ୍ରମ ବିଦ୍ୟାଳୟଟିଏ ଥାଏ । ଆଶ୍ରମକୁ ମଧ୍ୟ ଦୁଷ୍ଟ ମାଙ୍କଡ଼ଟି ବେଳେବେଳେ ଆସି ପିଲାମାନଙ୍କୁ ହଇରାଣ କରେ । ପିଲାମାନେ ରାଗିଯାଇ ତାକୁ ଟେକା ମାରନ୍ତି । ହେଲେ ମାଙ୍କଡ଼ ପ୍ରତିଦିନ ବିଦ୍ୟାଳୟକୁ ଆସି ବୁଲାବୁଲି କରିବାରୁ ପିଲାମାନେ ତାକୁ ଆଉ ଟେକା ମାରିଲେ ନାହିଁ । ଖୁସିରେ ତା'କୁ ହନୁମାନ ହନୁମାନ ଡାକିଲେ ଓ ବିସ୍କୁଟ୍ ଖାଇବାକୁ ଦେଲେ। କିଛି ଦିନ ପରେ, ଦେଖାଗଲା ଦୁଷ୍ଟ ମାଙ୍କଡ଼ଟି ଆଉ ବିଦ୍ୟାଳୟର କୌଣସି ଫଳଗଛ ନଷ୍ଟ କଲାନାହିଁ ।



ପିଲାମାନଙ୍କ ସହିତ ତା'ର ବନ୍ଧୁତା ହୋଇଗଲା । ହନୁମାନ ଦିନେ ନ ଆସିଲେ ପିଲାମାନେ ତା'କୁ ଖୋଜି ବୁଲନ୍ତି । କିଛି ଦିନ ପରେ ଦେଖାଗଲା ମନ୍ଦିରକୁ ଆସୁଥିବା ଲୋକମାନଙ୍କୁ ମାଙ୍କଡ଼ ଆଉ ହଇରାଣ କଲାନାହିଁ । ସମସ୍ତେ କହିଲେ ଦୁଷ୍ଟ ମାଙ୍କଡ଼ଟି ଶିଷ୍ଟ ହୋଇଗଲା । ଏଥର ଲୋକମାନେ ତାକୁ ଆଦର କଲେ। ମନ୍ଦିରକୁ ଆସିଲେ ତା' ପାଇଁ ଫଳ, କଦଳୀ ଓ ବିସ୍କୁଟ୍ ଆଣନ୍ତି ।

**ସରକାରୀ ଆଶ୍ରମ ବିଦ୍ୟାଳୟ**
**ନୟାପଲ୍ଲୀ, ଶହୀଦନଗର, ଜି. - ଖୋର୍ଦ୍ଧା**

# ଗଛ ପରି ନାହିଁ କେହି

ତନୁଶ୍ରୀ ବେନିଆ, ଶ୍ରେଣୀ - ନବମ

ଗଛ ଦେଇଥାଏ ଫଳ ଫୁଲ ଭାଇ,
ଦେଇଥାଏ ପୁଣି ଜାଳ,
ପଥର ପଥିକ ହୋଇଗଲେ କ୍ଲାନ୍ତ
ରାହା ଖୋଜେ ଗଛ ତଳ ।

ଗଛ ଦେଇଥାଏ ରୋଗୀମାନଙ୍କର,
କେତେ ଔଷଧ ପାଚନ,
କାଠରେ ତିଆରି କେତେ ସରଞ୍ଜାମ,
ଗଢ଼ାହୁଏ ବାସସ୍ଥାନ।

ପରିବେଶକୁ ସେ କରଇ ନିର୍ମଳ
ଦିଏ ପୁଣି ଅମ୍ଳଜାନ,
ଖରାବରଷାର ସାଥୀ ଯେ ଆମର,
ସୀମା ନାହିଁ ତାର ଦାନ।

ଆସ ମୋର ଭାଇଭଉଣୀ ସଭିଏଁ
ଲଗାଇବା ଆମେ ଗଛ,
ସବୁଜ ସୁନ୍ଦର କରିଦେବା ବନ୍ଧୁ
ଆମ ଘର ଆଗପଛ ।

ପ୍ରାଣୀ ଓ ଉଦ୍ଭିଦ ସମାନ ଜୀବନ
ଗଛକଟା ମନୁ ପୋଛ,
ଧର୍ମ ଯଦି ଆମେ କରିବା ଅର୍ଜନ
ଆସ ଲଗାଇବା ଗଛ ।



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
କନ୍ଧ ମାଳିଗାଁ, ଜିଲ୍ଲା - ରାୟଗଡ଼ା

# ସାନ୍ତାଳୀ ଦୀପାବଳି

**ସୁଷମା ମାଝୀ, ଶ୍ରେଣୀ - ଦଶମ**

ବାହାରେ ଧାନପୁଞ୍ଜି । ଘରଦ୍ୱାର ସବୁ ସଫା ସୁତରା କରିବା, ରଙ୍ଗ ବେରଙ୍ଗ ଚିତ୍ର ଆଙ୍କିବା, ଗାଈଗୋରୁମାନଙ୍କ ଶିଙ୍ଗରେ ତେଲ ଲଗାଇବା, ସୂର୍ଯ୍ୟ ଅସ୍ତ ହେଉଥିବା ସମୟରେ ମାଦଳ ବାଜିବା ସହିତ ନୃତ୍ୟ ଇତ୍ୟାଦିରୁ ଜଣାଯାଏ ସାନ୍ତାଳୀ ଲୋକମାନଙ୍କ ଦୀପାବଳି ପର୍ବ ପହଞ୍ଚିଗଲାଣି ।

ଦୀପାବଳି ହେଉଛି ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ । ବିଶେଷତଃ ଏହା ହେଉଛି ସାନ୍ତାଳୀମାନଙ୍କ ବଡ଼ ପର୍ବ । ଏହି ପର୍ବ ଭିନ୍ନଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ଦିନ ଗୁଡ଼ିକରେ ପାଳନ କରାଯାଏ । ଇଂରାଜୀ କ୍ୟାଲେଣ୍ଡରରେ ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ଦୀପାବଳି ପରଦିନଠାରୁ ଆରମ୍ଭ ହୋଇ ଜାନୁୟାରୀ ମାସ ପର୍ଯ୍ୟନ୍ତ ପାଳନ କରାଯାଏ । ଦୀପାବଳି ପର୍ବ ଆମ ଦେଶ ଭାରତରେ ବିଶେଷ କରି ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆସାମ ରାଜ୍ୟରେ ପାଳନ କରାଯାଏ ।

ସାନ୍ତାଳୀମାନେ ଦୀପାବଳି କେବେ ଓ କାହିଁକି ପାଳନ କରନ୍ତି ତା'ର କୌଣସି ସୂଚନା ନାହିଁ । ଦୀପାବଳି ଗୋଟିଏ ମାନ୍ୟତାଯୁକ୍ତ ପର୍ବ । ବିଶ୍ୱାସ ଯେ ସାନ୍ତାଳୀମାନଙ୍କର ବଡ଼ ଠାକୁର (ମାରାଙ୍ଗ ବୁରୁ) ସେମାନଙ୍କୁ



ଏହି ଧରିତ୍ରୀରେ ସୃଷ୍ଟି କରିଥିଲେ। ସେତେବେଳେ ସାନ୍ତାଳୀ ଲୋକମାନେ ଚାଷବାସ କରିବା ଏବଂ କ୍ଷୀର ପିଇବା ପାଇଁ ପୃଥିବୀ ପୃଷ୍ଠକୁ ଗାଈଗୋରୁମାନଙ୍କୁ ନେଇ ଆସିଥିଲେ । ତା' ପରେ ଲୋକମାନେ ଗାଈଗୋରୁମାନଙ୍କ ସହ ବିଲରେ ହଳ କରି, ଚାଷକାମରେ ନିଜକୁ ନିୟୋଜିତ କରି, ନିଜେ ଖାଇବା ପାଇଁ ଧାନରୁ ଚାଉଳ ବାହାର କରି ଖାଦ୍ୟ ରୂପେ ବ୍ୟବହାର କରିଥିଲେ। ଏହି ସବୁ ଉତ୍ପାଦନ କରି ଲୋକମାନେ ସବୁ ଖୁସିରେ ନାଚି ବୁଲୁଥିଲେ । ଏଥିପାଇଁ ତିନିମାସ ବହୁତ ଖୁସିରେ ରହିଲେ । ଏତେ ଖୁସିଥିଲେ ଯେ ଘରଦ୍ୱାର ଓ ଗାଈଗୋରୁମାନଙ୍କୁ ସବୁ ଭୁଲିଗଲେ। ଖୁସିରେ ଲୋକମାନେ ଘରର ଜିନିଷପତ୍ର ଛିନ୍ନଭିନ୍ନ କରି ଏଣେତେଣେ ଫିଙ୍ଗାଫିଙ୍ଗି କରିଦେଲେ। ଏହା ଦେଖି ଗାଈଗୋରୁମାନେ ବହୁତ ଦୁଃଖିତ ହେଲେ ଏବଂ ସେମାନେ ପଡିଆ ଛାଡ଼ି ଅନ୍ୟ ସ୍ଥାନକୁ ପଳେଇ ଗଲେ। ଲୋକମାନେ ଯେତେବେଳେ ଗାଈଗୋରୁମାନଙ୍କୁ ପଡ଼ିଆରେ ପାଇଲେ ନାହିଁ, ସେତେବେଳେ ଭାବିଲେ କି ଗାଈ ଗୋରୁମାନେ ଗଲେ କୁଆଡେ ? ବିଭିନ୍ନ ସ୍ଥାନ ଯଥା - ପଡ଼ିଆ, ଜଙ୍ଗଲ ଆଦି ସ୍ଥାନରେ ଖୋଜିଲେ, ତଥାପି ଗାଈଗୋରୁମାନଙ୍କୁ ପାଇଲେ ନାହିଁ । ଶେଷକୁ ସେମାନେ ତାଙ୍କର ବଡ଼ ଠାକୁରଙ୍କ ପାଖକୁ ଗଲେ।

ଠାକୁଙ୍କୁ ଯାଇ ପ୍ରାର୍ଥନା କରି ପଚାରିଲେ ଗାଈଗୋରୁମାନେ କୁଆଡ଼େ ବି ଦେଖା ଯାଉନାହାନ୍ତି। ସେମାନେ ସବୁ ଗଲେ କୁଆଡ଼େ ? ଆମକୁ ଛାଡ଼ି ପଳେଇ ଗଲେ କି ? ବଡ଼ ଠାକୁର କହିଲେ ଗାଈଗୋରୁମାନେ କାହିଁକି ତୁମ ସମସ୍ତଙ୍କୁ ଛାଡି ପଳେଇଲେ, ତାହା ତାଙ୍କୁ  ପଚାର। ସେମାନେ ତୁମକୁ କହିବେ। ଏବେ ଯାଅ ଏଇ ବାଟରେ ତୁମେ ସେମାନଙ୍କୁ ପାଇବ।

ସାନ୍ତାଳ ଲୋକମାନେ ଜଙ୍ଗଲବାଟ ଦେଇ ଫେରୁଥିବା ସମୟରେ ଗାଈଗୋରୁମାନଙ୍କୁ ପାଇଲେ। ତା' ପରେ ସେମାନେ ତାଙ୍କୁ  ପଚାରିଲେ, ତୁମେ ଆମକୁ କାହିଁକି ଛାଡ଼ି ପଳେଇ ଯାଇଥିଲ ? ତୁମ ବିନା ଚାଷ ହୋଇପାରୁ ନାହିଁ । ଆମେ ଧାନଶସ୍ୟ ଉତ୍ପାଦନ କରିବୁ କିପରି ଏବଂ କ୍ଷୀର ପାଇବୁ କେଉଁଠୁ ? ଗାଈଗୋରୁମାନେ ଲୋକମାନଙ୍କୁ କହିଲେ ଆମେମାନେ ଆଉ ଫେରିବୁ ନାହିଁ। କାହିଁକି ନା ତୁମେମାନେ ଆମ ବଳ ସାହାଯ୍ୟରେ ଚାଷବାସ କରି ନିଜ ପାଇଁ ଖାଦ୍ୟ ଯୋଗଡ଼ କରିପାରୁଛ। ତା'ପରେ ଖୁସିରେ ମଜ୍ଜି ରହିଯାଉଛ ଏବଂ ଆମକୁ  ସବୁ ଭୁଲିଯାଉଛ। ତୁମମାନଙ୍କ ଘରଦ୍ୱାର ସହିତ ଆମ ରହିବା ଜାଗା ବି ସଫା କରିବା ପାଇଁ ଭୁଲି ଯାଉଛ। ଆମେ ସବୁ ସେମିତି ଅପରିଷ୍କାର ଜାଗାରେ ରହିପାରିବୁ ନାହିଁ।

ସାନ୍ତାଳୀ ଲୋକମାନେ ଗାଈଗୋରୁମାନଙ୍କୁ ମୁଣ୍ଡିଆ ମାରି ଜୁହାର କରି କହିଲେ ଏଥର ଆମକୁ କ୍ଷମା କରିଦିଅ । ଆଉ କେବେ ଏମିତି ଭୁଲ ହେବ ନାହିଁ । ଏବେ ଚାଲ ଘରକୁ ଯିବା । ତୁମମାନଙ୍କର ସେବା କରିବୁ ଏବଂ ତୁମକୁ ଖୁସିରେ ରଖିବୁ ।

ଲୋକମାନଙ୍କର ଏକଥା ଶୁଣି ଗାଈଗୋରୁ ସବୁ ଘରକୁ ଫେରିଲେ । ଘରକୁ ଫେରି ଲୋକମାନେ ଗାଈଗୋରୁମାନଙ୍କୁ ଖୁସି କରାଇବା ପାଇଁ ଦୀପାବଳି (ସାନ୍ତାଳୀ ସହରାଏ) ଆରମ୍ଭ କରିଲେ । ଏହି ପର୍ବଟି ଗାଈଗୋରୁମାନଙ୍କ ପାଇଁ ଲୋକମାନେ ପାଳନ କରନ୍ତି । ଦୀପାବଳି ପହଞ୍ଚିବା ପୂର୍ବରୁ ଘରଦ୍ୱାର, ପୋଷାକ ପତ୍ର ଏବଂ ଗାଈଗୁହାଳ ଆଦି ସଫା କରନ୍ତି । କାହିଁକି ନା ଗୋରୁମାନେ ଯେମିତି ଆଉଥରେ ଫେରିନଯା'ନ୍ତି।  ଘର ସବୁ ବିଭିନ୍ନ ଚିତ୍ରକଳାରେ ସଜ୍ଜିତ ହୋଇଥାଏ । ପାଞ୍ଚ ଦିନର ଦୀପାବଳିରେ ତିନି ଦିନ ଗୋରୁମାନଙ୍କ ସହିତ ପାଳନ କରାଯାଏ । ପ୍ରଥମ ଦିନକୁ ସାନ୍ତାଳୀମାନେ କୁବୁ କୁହନ୍ତି। ସେଦିନ ଗୁହାଳ ଦ୍ୱାରରେ ପୂଜା କରନ୍ତି ଏବଂ ଦ୍ୱିତୀୟ ଦିନକୁ ବଙ୍ଗା କୁହନ୍ତି । ସେଦିନ ସକାଳେ ଭିତର ଘର ପୂଜା କରିବା ସହିତ ଗାଈ ଗୁହାଳ ପୂଜା କରାଯାଏ । ତୃତୀୟ ଦିନକୁ ସାନ୍ତାଳୀମାନେ ଗୁଡ଼ଦାୟ କହନ୍ତି। ସେଦିନ ଗାଈଗୋରୁମାନଙ୍କ ସହିତ ଖେଳିମଜା କରିବା ସହିତ ଦୀପାବଳିକୁ ଉତ୍ସାହର ସହିତ ପାଳନ କରିଥାନ୍ତି ଏବଂ ଲୋକମାନଙ୍କ ମନୋରଞ୍ଜନ ପାଇଁ ମାଦଳ ବଜାଇ ନାଚ଼ଗୀତ ଆଦି କରନ୍ତି । ତା'ପର ଦିନକୁ "ଚାନ୍ଦେ" କୁହନ୍ତି । ସେଦିନ ଘରେ ଘରେ ନାଟଗୀତ ହୁଏ । ପଞ୍ଚମ ଦିନକୁ ହାଳାମ୍ ଜାଲେ କହନ୍ତି ।

ସାନ୍ତାଳୀମାନଙ୍କର ଏହି ନିଆରା ଦୀପାବଳି ପର୍ବ ପାଳନ ଆଦିବାସୀ ପର୍ବ ଓ ଗୌରବର ସ୍ୱାକ୍ଷର ବହନ କରି ସେମାନଙ୍କୁ ଯୁଗେ ଯୁଗେ ମହାନ୍ କରି ରଖିଥାଉ ।

"ଜୟ ମାରାଙ୍ଗବୁରୁ,
ଜୟ ସାନ୍ତାଳୀ" ।

**ସରକାରୀ ଉଚ୍ଚ ବିଦ୍ୟାଳୟ,**
**ବଣଭୂଇଁ, ଜି. - ବାଲେଶ୍ୱର**





ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ !
ଉଠ କଙ୍କାଳ, ଛିଡ଼ୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି,
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ।

**ବ୍ୟଙ୍ଗକବି ଗୋଦାବରୀଶ ମହାପାତ୍ର** (୧୮୮୬-୧୯୫୬)

# ଲେମ୍ବୁ ଅତି ଚିପୁଡ଼ିଲେ ପିତା

**ଗୀତାଞ୍ଜଳି ଗିଲୁଆ, ଶ୍ରେଣୀ - ସପ୍ତମ**

କଥାରେ କହନ୍ତି 'ଲେମ୍ବୁ ଅତି ଚିପୁଡ଼ିଲେ ପିତା' । ଶୁଣିବା ପାଇଁ କେବଳ ଦଶଟି ଅକ୍ଷର । ଲୋକମୁଖର ବାଣୀଟିଏ । ମାତ୍ର ଏଥିରେ ପୂରିରହିଛି ଏକ ଗୁଢ଼ ରହସ୍ୟ । ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ଏହାର ଅର୍ଥ ବୁଝିବା ଆବଶ୍ୟକ । ବାସ୍ତବରେ ଏହାର ଅର୍ଥ ହେଉଛି, କୌଣସି କାର୍ଯ୍ୟ ଅତି ବା ଅତ୍ୟଧିକ ହୋଇଗଲେ ତାହା ବ୍ୟର୍ଥ ହୁଏ। ତେଣୁ ଜ୍ଞାନୀ ବ୍ୟକ୍ତିମାନେ କୁହନ୍ତି 'ଅତି ସର୍ବତ୍ର ଗର୍ହିତମ୍' ଅର୍ଥାତ ଅତିଟା ସବୁବେଳେ ଖରାପ । ବାସ୍ତବିକ ଏହା ଅକ୍ଷରେ ଅକ୍ଷରେ ସତ । ଏହା ପ୍ରମାଣିତ ଯେ, ଯେଉଁ କାର୍ଯ୍ୟଟିକୁ ମଣିଷ ଅତି ଭଲ କରିବା ପାଇଁ ମାତ୍ରାଧିକ ଲାଗିପଡ଼େ ପରିଶେଷରେ ତାହା କଦର୍ଯ୍ୟ ଓ କଦାକାର ରୂପ ନିଏ। ଯେଉଁ ସନ୍ତାନଟିକୁ ପିତାମାତା ଅତ୍ୟଧିକ ସ୍ନେହ ଆଦର କରନ୍ତି ସେ ଶେଷରେ କୁଳାଙ୍ଗାର ହୁଏ ।

ମୋର ବାପା ଦୀନବନ୍ଧୁ ପ୍ରଧାନ ଆମ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ରମେଶ ମଉସା ବାପାଙ୍କର ସହକର୍ମୀ ଭାବେ ସେହି ବିଦ୍ୟାଳୟରେ କାମ କରନ୍ତି । ରମେଶ ମଉସା ଅତ୍ୟନ୍ତ ଭଲ ସ୍ୱଭାବର ଲୋକ । ମାତ୍ର ତାଙ୍କର ଗୋଟିଏ ବଡ଼ ଦୁର୍ଗୁଣ ସେ ପୁରୁଣା ଚିନ୍ତାଧାରର । ପୁଅଟିଏ ହେଲେ ବଂଶ ରକ୍ଷା ହେବ ଏହି ପ୍ରକାର ଭାବନାରେ ଗୋଟିଏ ପରେ ଗୋଟିଏ ଚାରୋଟି ଝିଅ ଜନ୍ମ କରିବା ପାଇଁ ପଛାଇ ନଥିଲେ । ଶେଷରେ ପୁଅଟିଏ ହେଲା । ମଉସା ମାଉସୀଙ୍କର ଆନନ୍ଦର ସୀମା ରହିଲା ନାହିଁ । ଭୋଜି ଭାତରେ ଗାଁ ଉଚ୍ଛୁଳି ଉଠିଲା । ହେଲେ ଝିଅମାନଙ୍କର ଦୁର୍ଦ୍ଦିନ ବଢ଼ିବାକୁ ଲାଗିଲା। ବଡ଼ ଝିଅ ଟୁନୀ ଅପା



ଭଲ ପଢୁଥିଲେ ମଧ୍ୟ ଭାଇର ଯତ୍ନ ନେବା ପାଇଁ ପାଠରେ ଡୋରି ବାନ୍ଧିଲା । ରମେଶ ମଉସାଙ୍କ ପାଇଁ ସେ ତ ପୁଅ ନଥିଲା ଥିଲା ମଥାର ଚନ୍ଦନ । ତେଣୁ ବାଛି ବାଛି ତା' ନା ରଖିଥିଲେ ଚନ୍ଦନ । କିନ୍ତୁ ସେ କ'ଣ ଜାଣିଥିଲେ ଦିନେ ଚନ୍ଦନ ବିଷ ବୃକ୍ଷଟିଏ ପାଲଟି ନିଃଶେଷ ହୋଇଯିବ ।

ଦିନ ଗଡ଼ି ଚାଲିଲା, ସମୟ ସହିତ ତାଳ ଦେଇ ଚନ୍ଦନ ମଧ୍ୟ କିଶୋର ଅବସ୍ଥାରେ ପଦାର୍ପଣ କଲା । ହେଲେ ପିଲାବେଳର ଦୁଷ୍ଟାମି କମିବା ବଦଳରେ ବଢ଼ିବାରେ ଲାଗିଲା । ସବୁ ଜାଣି, ସବୁ ଦେଖି ମଧ୍ୟ ରମେଶ ମଉସା ଓ ମାଉସୀ ଅଜଣା ରହୁଥିଲେ । ପୁତ୍ର ସ୍ନେହରେ ଅନ୍ଧ ହୋଇଯାଇଥିଲେ ସେମାନେ । ଚନ୍ଦନର ସମସ୍ତ ଆବଶ୍ୟକତା ମଉସା ଅନାୟାସରେ ପୂରଣ କରୁଥିଲେ । ଘରେ ସବୁଥିରେ ତାକୁ ଅଗ୍ରାଧିକାର ଦିଆ ଯାଉଥିଲା । ତା'ର ଦୋଷକୁ ଅନ୍ୟାୟରେ ଭଉଣୀମାନଙ୍କ ଉପରେ ଲଦି ଦିଆ ଯାଉଥିଲା । ଖାଦ୍ୟପେୟ ତଥା ପୋଷାକପତ୍ରରେ ସେ ବାଦଶାହ ପରି ଚଳୁଥିଲା । ତେଣୁ ସେ କାହାରିକୁ ଖାତିର ମଧ୍ୟ କରୁନଥିଲା ।

କ୍ରମେ ଘରୁ ଅଜସ୍ର ଟଙ୍କା ନେଇ ଚନ୍ଦନ ବଦ୍ ଖର୍ଚ୍ଚ କରିବାରେ ଲାଗିଲା । ଗୋଟିଏ ବୋଲି ପୁଅ ତେଣୁ ମାଉସୀ ତାର ପ୍ରତ୍ୟେକ ଦୁର୍ଗୁଣକୁ ଘୋଡ଼ାଇ ଦେଉଥିଲେ । କଷ୍ଟେମଷ୍ଟେ ମ୍ୟାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଚନ୍ଦନ ଉଚ୍ଚ ଶିକ୍ଷା ପାଇଁ ସମ୍ବଲପୁର ସହରକୁ ଗଲା । ପାଠ ପଢା ନାଁରେ ବାପାଙ୍କର ଅଜସ୍ର ଟଙ୍କା ବରବାଦ କରିବା କେବଳ ସାର ଥିଲା । ବାପା, ପୁଅର ବଡ଼ ମଣିଷ ହେବାର ସ୍ୱପ୍ନରେ ବିଭୋର ଥିବାବେଳେ, ପୁଅ ଚନ୍ଦନ କୁସଙ୍ଗରେ ପଡ଼ି ବିପଥଗାମୀ ହେବାରେ ଲାଗିଲା ।

ସାଧାରଣ ପ୍ରାଥମିକ ଶିକ୍ଷକଟିଏ ଥିଲେ ରମେଶ ମଉସା । ତେଣୁ ଚନ୍ଦନର ଅସୀମ ଆବଶ୍ୟକତାକୁ କିପରି ବା ପୂରଣ କରନ୍ତେ ? ଧୀରେ ଧୀରେ ଅର୍ଥର ଘୋର ଅଭାବ ହେଲା । ସେତେବେଳେକୁ ମଉସା ଅବସର ମଧ୍ୟ ନେଇ ସାରିଥିଲେ । ଅତି କଷ୍ଟରେ ବଡ଼ ଝିଅ ଟୁନୀକୁ ବିବାହ କରାଇଥିଲେ । ତୃତୀୟ ଝିଅ ରେଣୁ କାହା ସହିତ କେଉଁଆଡ଼େ ଗଲା ଯେ ଆଉ କେବେ ଗାଁକୁ ଫେରିନି । ଶେଷରେ ଚିନ୍ତା ଓ ରୋଗ ମାଉସୀଙ୍କୁ ଆରପାରିକୁ ନେଇଗଲା । ମା'ଙ୍କର ମୃତ୍ୟୁ ମଧ୍ୟ ଚନ୍ଦନର ସ୍ୱଭାବରେ ପରିବର୍ତ୍ତନ ଆଣି ପାରିଲା ନାହିଁ । ସେତେବେଳକୁ ତାର ଗୋଡ଼ ଅନେକ ତଳକୁ ଖସି ଯାଇଥିଲା ।

ସେଦିନ ଥିଲା ସେହି ଅଶୁଭ ୨୦୦୯ ମସିହାର ନଭେମ୍ବର ୧୨ ତାରିଖ । ସନ୍ଧ୍ୟା ୭ଟା ଇ-ଟିଭିର ଚାଞ୍ଚଲ୍ୟକର ସମ୍ବାଦ ସମଗ୍ର ଚିନାପାଲି ଗ୍ରାମକୁ ସ୍ତବ୍ଧ କରିଦେଲା । ଶୁଣାଗଲା ଯୁଜୁମରା ଜଙ୍ଗଲରୁ ଗିରଫ ହୋଇଥିବା ତିନି ଜଣ ସଂଦିଗ୍ଧ ମାଓବାଦୀଙ୍କ ମଧ୍ୟରୁ ରମେଶ ମଉସାଙ୍କ ଅତି ଆଦରର ଗେହ୍ଲାପୁଅ ଚନ୍ଦନ ସାହୁ ଜଣେ ।

ସମ୍ବାଦ ଦ୍ରୁତ ଗତିରେ ପ୍ରଚାରିତ ହୋଇଗଲା । ପ୍ରତ୍ୟେକଙ୍କ ପାଟିରୁ ସେହି ଗୋଟିଏ କଥା ଛି... କୁଳ ବୁଡ଼ିଗଲା ବେଳେ ଘୋଡ଼ାମୁହାଁ ପୁଅର ଜନ୍ମ । ରମେଶ ମଉସାଙ୍କ ମୁଣ୍ଡରେ ଯେପରି ଚଡ଼କ ପଡ଼ିଲା । ଏହିପରି ଏକ ନିଷ୍ଠୁର ଦୁଃଖକୁ ସହିନପାରି ସେ ହୃଦଘାତରେ ମୃତ୍ୟୁବରଣ କଲେ ।

**ମୁଟୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟ**
**ମୁଟୁରୁମୁଣ୍ଡା, ଜି. - ସମ୍ବଲପୁର**

# ଦୁଇ ସାଙ୍ଗ ଓ ଭାଲୁ

**ପ୍ରତିଭା ମାଝୀ, ଶ୍ରେଣୀ - ଅଷ୍ଟମ**

ଶରତ ଆଉ ଭରତ ଦୁଇ ସାଙ୍ଗ । ଏକା ଶ୍ରେଣୀରେ ପଢ଼ନ୍ତି । ଥରେ ଦୁହେଁ ବଣ ବୁଲିଯିବା ପାଇଁ ଠିକ କଲେ । ସେମାନଙ୍କ ଗାଁ ଠାରୁ ବଣ ମାତ୍ର ତିନି କିଲୋମିଟର ଦୂର । ରବିବାର ଦିନ ସେମାନେ ସକାଳୁ ସକାଳୁ ବାହାରି ପଡ଼ିଲେ ।

ଦୁହେଁ ଖୁସିରେ କଥାବାର୍ତ୍ତା ହୋଇ ଚାଲିଥା'ନ୍ତି । ଜଙ୍ଗଲର ଶୋଭା ଦେଖି ଦେଖି ଯାଉଥାନ୍ତି । ଭରତ ପଚାରିଲା - "ଶରତ ! ଯଦି ବାଘ କି ଭାଲୁଟେ ଆମ ଆଡ଼କୁ ଆସେ, ଆମେ କ'ଣ କରିବା ? ମୁଁ ତ ଗଛ ଚଢ଼ିପାରେ ନାହିଁ ।"

ଶରତ କହିଲା - "ଭୟ ନାହିଁ । ମୁଁ ଆଗରେ ରହିବି, ମୋର ପାଖେ ପାଖେ ତୁ' ଥିବୁ । ଦୁହେଁ ମିଶି ଲଢ଼ିବା ।"



କିଛି ବାଟ ଯାଇଛନ୍ତି, ସତକୁ ସତ ଭାଲୁଟିଏ ବୁଦାରୁ ବାହାରି ଆସିଲା । ସେମାନଙ୍କ ଆଡ଼କୁ ସେ ଧୀରେ ଧୀରେ ଆସୁଥାଏ । ଶରତ ଭାଲୁକୁ ଦେଖି ଗଛ ଉପରକୁ ଚଢ଼ିଗଲା । ଭରତ ଭୟରେ ଥରୁଥାଏ । ଭାଲୁ ପାଖେଇ ଆସିଲାଣି । ହଠାତ୍ ତା' ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା । ସେ ମଲା ମଣିଷ ପରି ଲମ୍ବା ହୋଇ ମାଟି ଉପରେ ଶୋଇଗଲା । ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିଥାଏ । ଭାଲୁ ଆସିଲା, ସାରା ଶରୀରକୁ ଶୁଙ୍ଘିଲା, ମଲା ମଣିଷ ଭାବି ଚାଲିଗଲା । କାରଣ ଭାଲୁ ମଲା ମଣିଷକୁ ଆକ୍ରମଣ କରିନଥାଏ ।

ଶରତ ଗଛରୁ ତଳକୁ ଓହ୍ଲାଇ ପଚାରିଲା - "କିରେ ଶରତ ! ଭାଲୁ ତୋ' କାନରେ କ'ଣ କହୁଥିଲା କି ?"

ଭରତ କହିଲା, "ଯେଉଁ ଲୋକ ବିପଦରେ ବନ୍ଧୁକୁ ଛାଡ଼ି ପଳାଏ, ସେ ଆଦୌ ଭଲ ଲୋକ ନୁହେଁ, ସେ ଅବିଶ୍ୱାସୀ। ବିପଦରେ ଯିଏ ବନ୍ଧୁକୁ ସାହାଯ୍ୟ କରେ ସେ ହିଁ ପ୍ରକୃତ ବନ୍ଧୁ ବୋଲି କହି ଭାଲୁ ଚାଲିଗଲା ।"

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ**
**ଲହୁଣୀପଡ଼ା, ସୁନ୍ଦରଗଡ଼**

# ପରବେ ପରବେ ଆମ ସଂସ୍କୃତି

**ହିରାମଣୀ ଝୋଡ଼ିଆ, ଶ୍ରେଣୀ - ଦଶମ**

ସଂସ୍କୃତି ଓ ପରମ୍ପରା ଅନୁସୃତ ଆମ ସମାଜରେ କଥାରେ କୁହନ୍ତି ବାର ମାସରେ ତେର ପର୍ବ । ସତରେ ଆମ ପର୍ବପର୍ବାଣି ଖାଲି ସେତିକିରେ ସୀମିତ ନୁହେଁ। ସେ ସବୁ ବ୍ୟତୀତ ଆହୁରି ଅନେକ ପର୍ବ ଆନନ୍ଦ ଉତ୍ସାହର ସହ ଆମେ ପାଳନ କରିଥାଉଁ । ମାନବ ଜୀବନକୁ ସରସ ସୁନ୍ଦର ଓ କର୍ମଚଞ୍ଚଳ କରିବାରେ ପର୍ବପର୍ବାଣୀର ମୁଖ୍ୟ ଭୂମିକା ରହିଛି । ପର୍ବପର୍ବାଣିଗୁଡ଼ିକ ମଧ୍ୟରେ ପୌଷ ପୂର୍ଣ୍ଣିମା, ଦେବାଭିଷେକ, ଛେରଛେରା ପର୍ବ ଖୁବ ପ୍ରସିଦ୍ଧ। ଇଷ୍ଟଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ଅଳସୀ ପିଠା ସମର୍ପଣ କରି ଖାଇବାର ପର୍ବ ରହିଛି । ପୌଷ ପୂର୍ଣ୍ଣିମାରେ ଛେର୍‌ଛେରା ପର୍ବ ପାଳନ କରାଯାଏ। ପୌଷ ପୂର୍ଣ୍ଣିମା ଛେର୍‌ଛେରା ପର୍ବ ଘରର ଇଷ୍ଟଦେବୀଙ୍କୁ କୃତଜ୍ଞତା ଜଣାଇବା ଲାଗି ଉଦ୍ଦିଷ୍ଟ। ପ୍ରାର୍ଥନା ଧୂପ ଦୀପ ଭକ୍ତି ଆନନ୍ଦ ସହ ଏହା କରାଯାଏ । ବର୍ଷର ପ୍ରଥମ ଅଳସୀ ପିଠା ନୂଆ ହାଣ୍ଡିରେ ଭୋଗ କରାଯାଇଥାଏ।



ପୌଷ ପୂର୍ଣ୍ଣିମା ଛେର୍‌ଛେରା ଉପଲକ୍ଷେ କି ଧନୀ କି ଦରିଦ୍ର ସମସ୍ତେ ଘର ସଜାସଜି କାମରେ ଲାଗି ପଡ଼ନ୍ତି । ଘରର ମାଆ ଝିଅ ଓ ବୋହୂମାନେ ଠାକୁରଘର ଠାରୁ ଆରମ୍ଭ କରି ସମସ୍ତ ଘରଦ୍ୱାର ଦାଣ୍ଡପିଣ୍ଡାକୁ ଲିପାପୋଛା କରନ୍ତି । ପୁରପଲ୍ଲୀ ଠାରୁ ଆରମ୍ଭ କରି ମିଠା ଓ ପିଠା ପଣା ପାଇଁ ଚାଉଳ, ନଡ଼ିଆ ଓ ଗୁଡ଼ ଯୋଗାଡ଼ କରାଯାଏ । ପୂଜାପାଇଁ ଧୂପ ଦୀପ ଦେଇ ବୈଶାଖ ମାସରେ ପୌଷ ପୂର୍ଣ୍ଣିମା ପୂର୍ବରୁ ଲୋକମାନଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ । ଘରର ମୁଖିଆ ନୂଆ ସଫା ଲୁଗା ପିନ୍ଧି ପୂଜା କରନ୍ତି। ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି ।

ପୌଷ ପୂର୍ଣ୍ଣିମା ବେଳେ ଘରର ଦେବୀ ଦେବତାଙ୍କ ପାଖରେ ଲଗାଯାଇଥିବା ଭୋଗକୁ ସମସ୍ତେ ପୂର୍ବ ଦିଗକୁ ମୁହଁକରି ବସି ପତ୍ରରେ ଖାଆନ୍ତି।

ଏହି ପୌଷ ପୂର୍ଣ୍ଣିମା ଛେର୍‌ଛେରା ପର୍ବରେ ବୁଢ଼ାବୁଢ଼ୀ ଓ ଘରର ଇଷ୍ଟଦେବୀଙ୍କୁ ପୂଜା କରାଯାଏ।

**ସରକାରୀ (ଏସ. ଏସ. ଡି)ବାଳିକା ଉଚ୍ଚ ବିଦ୍ୟାଳୟ**
**ଡଙ୍ଗାସିଲ୍, ଜିଲ୍ଲା - ରାୟଗଡ଼ା**

# ନୂତନ ଓଡ଼ିଶା ଗଠନରେ ଲୋକକଳାର ଭୂମିକା

**ସୁକାନ୍ତି ଟାକ୍ରୀ, ଶ୍ରେଣୀ - ଦଶମ**

**କଳା ବନାମ ଲୋକକଳା**

କଳା ହେଉଛି ସମ୍ପର୍କର ସେତୁ । ଏହା ବ୍ୟକ୍ତି ସହ ବ୍ୟକ୍ତିର, ବ୍ୟକ୍ତି ସହ ସମାଜର, ସମାଜ ସହ ସମାଜର, ଭୂମି ସହ ଭୂମିର, ମାଟି ସହ ଆକାଶର, ଯୁଗ ସହିତ ଯୁଗର ତଥା ପ୍ରାଚ୍ୟ ସହ ପାଶ୍ଚାତ୍ୟର ସମ୍ପର୍କ ସ୍ଥାପନ କରେ । ଏହା ଏକ ସର୍ଜନା । ସର୍ଜନାତ୍ମକ କଳାରେ ବ୍ୟକ୍ତିନିଷ୍ଠତା, ବସ୍ତୁନିଷ୍ଠତା ଓ ସତ୍ୟନିଷ୍ଠତା ରହିଥାଏ । ଏକଥା ସତ୍ୟ ଓ ଅବଧାରିତ ଯେ ଲୋକମାନଙ୍କ ଗଭୀର ଜୀବନାଭୂତି ଓ ସୃଜନଶୀଳତା ଯେତେବେଳେ କଳାରେ ରସାଣିତ ହୁଏ, ତାହା ଅପୂର୍ବ ଯୁଗାଶ୍ରୟୀ ଲୋକକଳାର ସ୍ୱାକ୍ଷର ବହନ କରେ ।

ଭାରତ ଭୂଖଣ୍ଡରେ ଓଡ଼ିଶା ଏକ ପ୍ରାଚୀନ ତଥା ସଂସ୍କୃତିସମ୍ପନ୍ନ ରାଜ୍ୟ । 'କପିଳ ସଂହିତା' ଅନୁଯାୟୀ

"ଉତ୍କଳସ୍ୟ ସମୋଦେଶଃ
ଦେଶୋନାସ୍ତି ମହୀତଳେ ।"

ଓଡ଼ିଶାର ଜନମାନସର ଦୈନନ୍ଦିନ ଜୀବନଶୈଳୀ, ଚିତ୍ତ ବିନୋଦନ, ସଂସ୍କାର ଓ ପରମ୍ପରା, ପରିକଳ୍ପନା ଓ ସମ୍ବେଦନଶୀଳତାର ସୃଜନଶୀଳ ପରିପ୍ରକାଶ ହେଉଛି ଓଡ଼ିଆ ଲୋକକଳା । ତାହା ନୃତ୍ୟ ମାଧ୍ୟମରେ ଛଉ, ଗୋଟିପୁଅ, ଘୁମୁରା, ଢେମ୍‌ସା, ରଣପା, ସମ୍ବଲପୁରୀ ଆଦିର ପରିପ୍ରକାଶ ହେଉ କିମ୍ବା ସାହିତ୍ୟ ମାଧ୍ୟମରେ ଢଗ, ପ୍ରବନ୍ଧ,ବଚନ, ଛନ୍ଦ, ଦାଯିକା, ଢୁଗା, ଲୋକବାଣୀ, ସମର ବଚନ କିମ୍ବା ଭବିଷ୍ୟ ମାଳିକା ବଚନ



ଆଦି ହେଉ, କଳା ଓ ସଂସ୍କୃତି ରୂପରେ କାରୁ କଳା , ଝୋଟି, ଚିତା ତଥା ଶିଳ୍ପକଳା ହେଉ କିମ୍ବା ସଂଗୀତ ରୂପକ ଗୀତିକାବ୍ୟ, ଲୋକଗୀତ, ପାଲା, ଦାସକାଠିଆ ତଥା ଲୋକକଥା ହେଉ, ଏ ସମସ୍ତ ଓଡ଼ିଶାର ପ୍ରାଚୀନ ଲୋକକଳାର ସ୍ୱତଃସ୍ଫୂର୍ତ୍ତ ଉତ୍ସ । ଏହା ପିଢି ପରେ ପିଢି ଆମ ଓଡ଼ିଆଙ୍କ ମଧ୍ୟରେ ସଂଚରିତ ହୋଇ ଆସିଛି ।

### ନୂତନ ଓଡ଼ିଶା : ପରିକଳ୍ପନା ମଧ୍ୟେ ବାସ୍ତବତା

ସମଗ୍ର ପୃଥିବୀକୁ 'ଧାନ' ଯୋଗାଇଥିବା ଓଡ଼ିଶା ଆଜି ନୂତନତା ଆଡ଼କୁ ଅଭିମୂଖୀ । ପ୍ରଯୁକ୍ତି ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ, କୃଷି ଓ ଉତ୍ପାଦନ କ୍ଷେତ୍ରରେ ତଥା ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ନୂତନତା ପ୍ରକାଶ ପାଉଛି। 'ଫିଟ୍ ଇଣ୍ଡିଆ ହକି' ପରି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜିତ କରି ଓଡ଼ିଶା ଆଜି ବିଶ୍ୱ ମାନଚିତ୍ରରେ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଆଜି ପଦ୍ମଶ୍ରୀ 'କମଳା' ପୂଜାରୀ ବିଶ୍ୱ ପାଇଁ ଉଦାହରଣ । ରାଷ୍ଟ୍ରପତି ଆମ ଓଡ଼ିଶାର ମହିୟସୀ ନାରୀ । ତେଣୁ ବିଶ୍ୱ ଦରବାରରେ ଓଡ଼ିଆ ଆଉ ପଛୁଆ ହୋଇ ରହିନାହିଁ। ନେତୃତ୍ୱ ତଥା ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲାରେ ମଧ୍ୟ ଓଡ଼ିଶା ସାରା ବିଶ୍ୱରେ ଅଗ୍ରଣୀ।

### ଓଡ଼ିଶା ଗଠନରେ ଲୋକକଳାର ଭୂମିକା :

ନୂତନ ଓଡ଼ିଶା ହେବ ନବଚିନ୍ତନ, ନବ ଉନ୍ମାଦନା ତଥା ନବସୃଜନର ମିଳନସ୍ଥଳୀ । ଓଡ଼ିଶା ତାର ମୌଳିକ ସଂସ୍କୃତି ଓ ଲୋକକଳାକୁ ବହନ କରି ନବ ଜାଗରଣର କୀର୍ତ୍ତିରାଜି ସ୍ଥାପନ କରିବ ।

ବର୍ତ୍ତମାନ ବିଶ୍ୱ ସଂଗୀତ ଜଗତରେ ଓଡ଼ିଆ ଲୋକଗୀତ ବେଶ୍ ଆଦୃତ। 'ରଙ୍ଗବତୀ' ଗୀତର ମର୍ଯ୍ୟାଦା ସାରା ବିଶ୍ୱରେ ପରିଚିତ । ତେଣୁ କେବଳ ଆଧୁନିକ ସଂଗୀତ ନୁହେଁ, ଲୋକ ସଂଗୀତ ମଧ୍ୟ ଆଧୁନିକତାର ବାର୍ତ୍ତା ବହନ କରିପାରେ। ଓଡ଼ିଶାର ହସ୍ତଶିଳ୍ପ ଯଥା ପିପିଲିର ଚାନ୍ଦୁଆ ସମଗ୍ର ବିଶ୍ୱରେ ତା'ର ଚାହିଦା ବଜାୟ ରଖିଛି। କଟକ ତାରକସି କାମ ଉତ୍କୃଷ୍ଟ କଳାର ନୂତନ ଦିଗନ୍ତ ନେଇ ଆସିଛି । 'ସମ୍ବଲପୁରୀ ବସ୍ତ୍ର' ଆଜି ବେଶ୍ ଆଦୃତ ସମଗ୍ର ଭାରତ ବର୍ଷରେ । ଲୋକେ ପଟ୍ଟଚିତ୍ର ସୂକ୍ଷ୍ମ କାରିଗରୀକୁ ବେଶ୍ ପସନ୍ଦ କରୁଛନ୍ତି । ପଟ୍ଟଚିତ୍ର କଳା ଏବେ ଆଧୁନିକ ଚିତ୍ର ଜଗତରେ ସମସ୍ତଙ୍କ ଆଦର ଲାଭ କରିଛି । କୋରାପୁଟର ଆଦିବାସୀଙ୍କ ମାଟିର ମୃଣ୍ମୟ ଶିଳ୍ପ ତଥା ନବରଙ୍ଗପୁରର ଟେରାକୋଟା ଶିଳ୍ପ ଜନାଦୃତ ହୋଇଛି । ଦକ୍ଷିଣ ଓଡ଼ିଶା ରେଶମ ବ୍ୟବସାୟରେ ଭଲ ଆକର୍ଷଣ ପ୍ରତିପାଦିତ କରୁଛି । ହସ୍ତତନ୍ତରେ ବ୍ରହ୍ମପୁର ପାଟ ଓଡ଼ିଶାରେ ବିଖ୍ୟାତ।


ମୟୂରଭଞ୍ଜ ଛଉ ନୃତ୍ୟ ଆଦି ବିଶ୍ୱ ନୃତ୍ୟମଞ୍ଚରେ ପ୍ରଦର୍ଶିତ ହୋଇ ଓଡ଼ିଶାକୁ ଗୌରବାନ୍ୱିତ କରୁଛି। 'ଜୟପୁର' ସହରରେ ଆୟୋଜିତ ରାହାଗିରି ଓଡ଼ିଶାର ତଥା ଦକ୍ଷିଣ ଓଡ଼ିଶାର ଆଦିବାସୀ ଲୋକକଳା ଜଗତରେ ପ୍ରତିଭା ପ୍ରଦର୍ଶନୀର ଗନ୍ତାଘର । ଏହା ଦେଶ ବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଏବଂ ଆମ

ରାଜ୍ୟର ମୁଦ୍ରା ଭଣ୍ଡାରକୁ ସମୃଦ୍ଧ କରୁଛି । ମନ୍ଦିରମାଳିନୀ ଓଡ଼ିଶାର ଉତ୍କର୍ଷ କଳାକୀର୍ତ୍ତିକୁ ଅବଲୋକନ କରିବା ନିମନ୍ତେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଏଥିନିମନ୍ତେ ଗଢ଼ି ଉଠିଛି ନାନାଦି ଅନୁଷ୍ଠାନ ଓ ଏଥିରେ ଶତ ଶତ ଲୋକ ନିଯୁକ୍ତିର ସୁଯୋଗ ପାଉଛନ୍ତି । ତେଣୁ ଲୋକକଳା ଓ ସଂସ୍କୃତି ସମୃଦ୍ଧ ଓଡ଼ିଶା ପର୍ଯ୍ୟଟକଙ୍କ ସ୍ୱର୍ଗ ପାଲଟିଛି । କୃଷିକ୍ଷେତ୍ରରେ ନାନାଦି ଗବେଷଣା ନିମିତ୍ତ ଅନେକ ସଂସ୍ଥା ଓଡ଼ିଶାର କୁଶଳୀ ତଥା ପାରମ୍ପରିକ ଚାଷୀଙ୍କ ସହଯୋଗ ଲୋଡୁଛନ୍ତି । ବିଦେଶ ଗୃହ ନିର୍ମାଣ ସଂସ୍ଥା ସବୁ କୋରାପୁଟର ଗଦବାମାନଙ୍କ ଘର, ଗଞ୍ଜାମର ସଉରାମାନଙ୍କ ଘର, ମୟୂରଭଞ୍ଜର ସାନ୍ତାଳ, କେନ୍ଦୁଝରର ଜୁଆଙ୍ଗ ତଥା ଫୁଲବାଣୀର କନ୍ଧମାନଙ୍କ ଗୃହର ଚିତ୍ର ଓ ନମୂନାକୁ ବିଦେଶରେ ଗୃହକଳାର ନମୂନା ରୂପେ ପ୍ରସାର ଓ ବିସ୍ତାର କରୁଛନ୍ତି । ଏହା ଆମ ମାଟିର ଆଦିବାସୀ ସଂସ୍କୃତିର ପବିତ୍ରତା ଓ ମାଧୁର୍ଯ୍ୟକୁ ପ୍ରତିପାଦିତ କରେ ।

ଆଧୁନିକତା କେବଳ ବିଦେଶୀ ଚାଲିଚଳନ, ରୀତିନୀତି କିମ୍ବା ଭାଷା ତଥା ବେଶ ପୋଷାକରେ ସଂଗଠିତ ହୁଏ ନାହିଁ । ନିଜ ମୌଳିକ ଲୋକକଳାର ରକ୍ଷଣାବେକ୍ଷଣା ତଥା ଏହାର ପ୍ରଚାର ପ୍ରସାର ତଥା ଉତ୍କର୍ଷ ପ୍ରଦର୍ଶିତ କରି ମଧ୍ୟ ଏକ ଜାତି ଆଧୁନିକ ବୋଲାଇପାରେ । ଓଡ଼ିଶା ତା'ର ଲୋକକଳାକୁ ପାଥେୟ କରି ଆଗାମୀ ଦିନରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

**ମହାଦେଇପୁଟ ଆଶ୍ରମ ତଥା ଉନ୍ନୀତ ଉଚ୍ଚ ବିଦ୍ୟାଳୟ**
**ଜିଲ୍ଲା - କୋରାପୁଟ**





ଉଠରେ ଉଠରେ ଉତ୍କଳ ସନ୍ତାନ,
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ,
ପଡିବକି କେବେ ମନେ ?

ଉତ୍କଳ ଗୌରବ ମଧୁସୂଦନ ଦାସ (୧୮୪୮-୧୯୩୪)

# ପ୍ରକୃତ ବନ୍ଧୁ

**ଉଦ୍ଧବ ପ୍ରାପ୍ତା, ଶ୍ରେଣୀ - ଦଶମ**

ଅନେକ ଦିନର ତଳର କଥା । ଜଙ୍ଗଲର ଗୋଟିଏ ଗଛରେ ଦୁଇଟି ଚଢ଼େଇ ବାସ କରୁଥିଲେ । ସେହି ଗଛର ନିକଟ ଗର୍ତ୍ତରେ ଏକ ବୁଢ଼ା ସାପ ମଧ୍ୟ ବାସ କରୁଥିଲା । ବୁଢ଼ା ସାପଟି ଏତେ ଦୁର୍ବଳ ହୋଇଯାଇଥିଲା ଯେ ସେ ଦୂରକୁ ଯାଇ ନିଜ ପାଇଁ ଖାଦ୍ୟ ସଂଗ୍ରହ କରିପାରୁନଥିଲା । ତେଣୁ ପ୍ରତ୍ୟେକ ଦିନ ଦୁଇଟି ଚଢ଼େଇ ଗର୍ତ୍ତ ନିକଟରେ ବୁଢ଼ା ସାପ ପାଇଁ କିଛି ଖାଦ୍ୟ ଛାଡ଼ି ଆସୁଥିଲେ । ବୁଢ଼ା ସାପ ମଧ୍ୟ ସେହି ଦୁଇଟି ଚଢ଼େଇଙ୍କୁ କୃତଜ୍ଞତା ଜଣାଉଥିଲା ।

ଦିନେ ଗୋଟିଏ ଶିକାରୀ ଆସି ଗୋଟିଏ ଚଢ଼େଇକୁ ତୀର ମାରିବା ପାଇଁ ଚେଷ୍ଟା କଲା । ଠିକ୍ ସେହି ସମୟରେ ବୁଢ଼ା ସାପ ନଜର ସେହି ଶିକାରୀ ଉପରେ ପଡ଼ିଲା । ସେ ଆଉ ବିଳମ୍ବ ନକରି ତୁରନ୍ତ ଯାଇ ଶିକାରୀର ଗୋଡ଼କୁ ଦଂଶନ କରିଦେଲା । ଯାହା ଦ୍ୱାରା ଶିକାରୀଟିର ଲକ୍ଷ୍ୟ ଭ୍ରଷ୍ଟ ହୋଇଗଲା ଏବଂ ତୀରଟି ଅନ୍ୟ ଏକ ଡାଳରେ ବାଜି ଭାଙ୍ଗିଗଲା । ଚଢ଼େଇଟିର ଜୀବନ ବଞ୍ଚାଇ ସାପଟି ମଧ୍ୟ ଦେଖାଇ ଦେଲା ଯେ ସେ ଜଣେ ପ୍ରକୃତ ବନ୍ଧୁ ।



**ସରକାରୀ (ଏସ୍. ଏସ୍. ଡି) ଉଚ୍ଚ ବିଦ୍ୟାଳୟ,**
**ପଲମା, ଜି- ରାୟଗଡ଼ା**

# KMRS, My Ideal School

**Sri Baburam Khilla, Class-IX**

KMRS is an ideal school,
Which looks so beautiful.
We never ignore our teachers,
Because, they are our creators.
They give us knowledge,
They encourage us always.
They take care of us so much,
They sacrifice their life as such.
They make our life really bright,
Teach us what is wrong & right.
Teachers give attention to everybody,
Teachers tell students the need of study.
School is just not a source of learning,
It is needed for our life journey.
We must do hard work,
Our school is almost like a park.
The school is just like our family,
We must fulfil our dream gradually.



**Kalinga Model Residential School,**
**Balimela, Dist- Malkangiri**

# ଆଦିବାସୀ ପ୍ରତିଭା ସମ୍ମାନ - ୨୦୨୪

ଓଡ଼ିଶାର ଜନଜାତିଙ୍କ କଳା, ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣ ତଥା ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏକ ଉତ୍ସର୍ଗୀକୃତ ଅନୁଷ୍ଠାନ । ଏହି ଏକାଡେମୀ ଆୟୋଜନ କରୁଥିବା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ରାଜ୍ୟର ଜନଜାତି ପ୍ରତିଭାମାନଙ୍କୁ ସମ୍ମାନିତ କରିବା ଏକ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ । ଏହି ସମ୍ମାନ ଓଡ଼ିଶାର ଜନଜାତିଙ୍କ ବହୁମୁଖୀ ସଂସ୍କୃତିର ଭବ୍ୟତା ଏବଂ ଜନଜାତି ସୃଜନଶୀଳତାକୁ ସ୍ୱୀକୃତି ଦେବାର ଏକ ନିଆରା ପରମ୍ପରା । ଜନଜାତି ସାଂସ୍କୃତିକ ଐତିହ୍ୟ, କ୍ରୀଡ଼ା, ଶିଳ୍ପକଳା କୁଶଳତା ଇତ୍ୟାଦିର ସୁରକ୍ଷା, ପ୍ରସାର ତଥା ସେମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଏବଂ ଜନଜାତିଙ୍କ ଅବଦାନକୁ ସ୍ୱୀକାର କରି ସମାଜରେ ସମାବେଶ ଓ ସରସତାକୁ ସମୃଦ୍ଧ କରି ଜନଜାତି ବର୍ଗର ଭବିଷ୍ୟତ ପିଢିକୁ ଦୃଢତାର ସହ ଆଗେଇ ଯିବାଲାଗି ପ୍ରେରଣା ଦେବା ଏହି ସମ୍ମାନର ଉଦ୍ଦେଶ୍ୟ।

ଏକାଡେମୀ ପ୍ରତ୍ୟେକ ବର୍ଷ ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜ ସେବା, ଦେଶଜ ଔଷଧ ବିଦ୍ୟା, କ୍ରୀଡା ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜନଜାତି ବର୍ଗର ପ୍ରତିଭାମାନଙ୍କୁ ସମ୍ମାନିତ କରିଥାଏ। ଏଥି ନିମନ୍ତେ ଦୈନିକ ସମ୍ବାଦପତ୍ରମାନଙ୍କରେ ବିଜ୍ଞାପନ ଦ୍ୱାରା ଯୋଗ୍ୟ ପ୍ରତିଭାଧାରୀ ଜନଜାତି ବ୍ୟକ୍ତିଙ୍କ ପାଖରୁ ଆବେଦନ ପତ୍ର ଆହ୍ୱାନ କରାଯାଇଥାଏ ।

ଜିଲ୍ଲାସ୍ତରରେ ପ୍ରତିଭାମାନଙ୍କୁ ଚିହ୍ନଟ କରି ଆବେଦନ ପତ୍ର ସଂଗ୍ରହ କରିବାର ଦାୟିତ୍ୱ ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ, ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଏବଂ ଅଣୁ ପ୍ରକଳ୍ପ ଗୁଡ଼ିକର ପ୍ରକଳ୍ପ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ ଆବେଦନ ପତ୍ରଗୁଡ଼ିକୁ ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀଙ୍କ ସଭାପତିତ୍ୱରେ ଗଠିତ ଚୟନ ସମିତି ଯାଞ୍ଚ କରିବା ପରେ ନିର୍ଦ୍ଦିଷ୍ଟସଂଖ୍ୟକ ପ୍ରତିଭାବାନ ବ୍ୟକ୍ତିଙ୍କୁ ଆଦିବାସୀ ପ୍ରତିଭା ଭାବରେ ମନୋନୟନ କରାଯାଏ ।

ଏହି ମନୋନୀତ ପ୍ରତିଭାମାନଙ୍କୁ ଆଦିବାସୀ ମେଳା ଅବସରରେ ହଜାର ହଜାର ଜନତାଙ୍କ ଉପସ୍ଥିତିରେ ଉତ୍ତରୀୟ, ମାନପତ୍ର ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଏ ।

ଏହି କ୍ରମରେ ଚଳିତ ବର୍ଷ ଦଶ ଜଣ ଯୋଗ୍ୟ ପ୍ରତିଭାଧାରୀ ଜନଜାତି-ବ୍ୟକ୍ତିତ୍ୱ 'ଆଦିବାସୀ ପ୍ରତିଭା ସମ୍ମାନ - ୨୦୨୪' ନିମନ୍ତେ ମନୋନୀତ ହୋଇଥିଲେ । କନ୍ଧ ଜନଜାତିର ସୁଶ୍ରୀ ଫୁଲ୍‌ମେ ମାଝୀଙ୍କୁ ସମାଜସେବା ନିମନ୍ତେ, ଖଡ଼ିଆ ଜନଜାତିର କୁମାରୀ ଝିଲ୍ଲୀ ଦଳବେହେରା ଏବଂ ମୁଣ୍ଡା ଜନଜାତିର


ଶ୍ରୀ ଦିବ୍ୟ ରଞ୍ଜନ ମୁଣ୍ଡାଙ୍କୁ କ୍ରୀଡ଼ା କ୍ଷେତ୍ରରେ, ହୋ ଜନଜାତିର ଶ୍ରୀ ମଥୁରା ଆଲ୍‌ଦା, ଭୂମିଜ ଜନଜାତିର ଶ୍ରୀମତୀ ଭାନୁମତି ସିଂହ, କନ୍ଧ ଜନଜାତିର ଶ୍ରୀ ଦୀନବନ୍ଧୁ କହଁର, ଗଣ୍ଡ ଜନଜାତିର ଶ୍ରୀ ଜଗଦିଶ ଚନ୍ଦ୍ର ଭୋଇ ଓ ଶ୍ରୀ ମିନକେତନ ମାଝୀଙ୍କୁ ସାହିତ୍ୟ ସର୍ଜନା କ୍ଷେତ୍ରରେ ତଥା ଭତ୍ରା ଜନଜାତିର ଶ୍ରୀ କାର୍ତ୍ତିକ ଭତ୍ରା ଓ କିସାନ ଜନଜାତିର ଶ୍ରୀ ମଣିକର ଛତ୍ରିଆଙ୍କୁ ତବଲା ବାଦନରେ ପାରଦର୍ଶିତା ନିମନ୍ତେ ବର୍ଣ୍ଣାଢ଼୍ୟ ଆଦିବାସୀ ମେଳା ଅବସରରେ ମାନ୍ୟବର ବିଭାଗୀୟ ମନ୍ତ୍ରୀ ମାନପତ୍ର, ଉତ୍ତରୀୟ ଏବଂ ଦଶହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଇ ସମ୍ମାନିତ କରିଥିଲେ ।

ଏହି ସମ୍ମାନର ପ୍ରଚଳନ ଦ୍ୱାରା ଜନଜାତି ସମାଜରେ ସାମାଜିକ ସଚେତନତା ବୃଦ୍ଧି ପାଇବା ସହ ସାଂସ୍କୃତିକ ପୁନରୁତଥାନ ନିମନ୍ତେ ଅବକାଶ ସୃଷ୍ଟି ହୋଇଛି । ପ୍ରତିଭାଧାରୀ ବ୍ୟକ୍ତିବିଶେଷ ଓ ସେମାନଙ୍କ ପାରମ୍ପରିକ ବିଦ୍ୟାକୁ ସ୍ୱୀକୃତି, ସୁଯୋଗ ଦେବା ସହ ଆଗାମୀ ପିଢି ପାଇଁ ସମ୍ଭାବନା ସୃଷ୍ଟି କରିବାରେ ସରକାରଙ୍କ ପଦକ୍ଷେପ ସଫଳ ସାବ୍ୟସ୍ତ ହୋଇପାରିଛି ।

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଆଦିବାସୀ ପ୍ରତିଭା ସମ୍ମାନରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

## ଆଦିବାସୀ ପ୍ରତିଭା ସମ୍ମାନ (୨୦୨୪)

| କ୍ର. ନଂ | ନାମ | | ଜନଜାତି | ପ୍ରତିଭା ଅର୍ଜନ କରିଥିବା କ୍ଷେତ୍ର |
|---|---|---|---|---|
| ୧. | ସୁଶ୍ରୀ ଫୁଲେମ୍ ମାଝୀ |  | କନ୍ଧ | ସମାଜସେବା |
| ୨. | କୁମାରୀ ଝିଲ୍ଲୀ ଦଳ ବେହେରା |  | ଖଡ଼ିଆ | ଖେଳ (ଭାରୋତ୍ତୋଳନ) |
| ୩. | ଶ୍ରୀ ମଥୁରା ଆଲ୍‌ଦା |  | ହୋ/କୋହ୍ଲ | ସାହିତ୍ୟ |
| ୪. | ଶ୍ରୀ ଜଗଦିଶ୍ ଚନ୍ଦ୍ର ଭୋଇ |  | ଗଣ୍ଡ | ସାହିତ୍ୟ |

| | | | | |
|---|---|---|---|---|
| ୫. | ଶ୍ରୀ ମିନକେତନ ମାଝୀ |  | ଗଣ୍ଡ | ସାହିତ୍ୟ |
| ୬. | ଶ୍ରୀ ଦିବ୍ୟ ରଞ୍ଜନ ମୁଣ୍ଡା |  | ମୁଣ୍ଡା | ଖେଳ (ତୀରନ୍ଦାଜ) |
| ୭. | ଶ୍ରୀ କାର୍ତ୍ତିକ ଭତ୍ରା |  | ଭତ୍ରା | ଗୀତ, ନୃତ୍ୟ ଓ ବାଦ୍ୟଶିଳ୍ପ (ତାବ୍‌ଲା) |
| ୮. | ଶ୍ରୀ ମଣିକର ଛତ୍ରିଆ |  | କିଷାନ | ବାଦ୍ୟଶିଳ୍ପ (ତାବ୍‌ଲା) |
| ୯. | ଶ୍ରୀ ଦିନବନ୍ଧୁ କହଁର |  | କନ୍ଧ | ସାହିତ୍ୟ |
| ୧୦. | ଶ୍ରୀମତୀ ଭାନୁମତୀ ସିଂ |  | ଭୂମିଜ | ସାହିତ୍ୟ ଏବଂ ସମାଜସେବା |

## ଆଦିବାସୀ ପ୍ରତିଭା ସମ୍ମାନ (୨୦୨୩)

| | | | | |
|---|---|---|---|---|
| ୧୧. | ଶ୍ରୀ ଜୈମିନୀ ଝଙ୍କାର | | ଭୂଞ୍ଜିଆ | ଯୋଗ ଏବଂ ନାଟକ |
| ୧୨. | ଡ. ଭୀଷ୍ମନାରାୟଣ ଶବର | | ସଉରା | ସମାଜସେବା |
| ୧୩. | ଶ୍ରୀ ପବିତ୍ର ଶବର | | ଶବର | ବନୌଷଧି ଚିକିତ୍ସା |
| ୧୪. | ଶ୍ରୀ ସଦନ ପ୍ରାଗଣିଆ | | ବାଇଗା | ଗୀତ ଏବଂ ନୃତ୍ୟ |
| ୧୫. | ଶ୍ରୀ କ୍ଷୀତିଶ୍ ଚନ୍ଦ୍ର ମାଝୀ | | କନ୍ଧ | ସାହିତ୍ୟ ଏବଂ ସଙ୍ଗୀତ |
| ୧୬. | ଶ୍ରୀ କୁଶାଳ ହେମ୍ବ୍ରମ୍ | | ସାନ୍ତାଳ | କବି ଏବଂ ବୈଦ୍ୟଚିକିତ୍ସା |
| ୧୭. | ଶ୍ରୀ କୁମୁନ୍ଦ ଚନ୍ଦ୍ର ପୂଜାରୀ | | ଭତ୍ରା | ଲୋକନୃତ୍ୟ |
| ୧୮. | ଶ୍ରୀ ଗୋପୀନାଥ ଶବର | | ଶବର | ପ୍ରକୃତି ବନ୍ଧୁ |

## ଆଦିବାସୀ ପ୍ରତିଭା ସମ୍ମାନ (୨୦୨୨)

| | | | | |
|---|---|---|---|---|
| ୧୯. | ଶ୍ରୀମତୀ କ୍ଷୀରେଶ୍ୱରୀ କିଷାନ | | କିଷାନ | ସାହିତ୍ୟ |
| ୨୦. | ଶ୍ରୀ ସୁଦାମ ବିଷି | | ଗଣ୍ଡ | ଗୀତ ଏବଂ ନୃତ୍ୟ |
| ୨୧. | ଶ୍ରୀମତୀ ଦମୟନ୍ତୀ କୁମୁରା | | ଗଣ୍ଡ | ସମାଜସେବା |
| ୨୨. | କୁମାରୀ ସଙ୍ଗୀତା ମାଝୀ | | ଗଣ୍ଡ | ଚିତ୍ରକଳା |
| ୨୩. | ଶ୍ରୀ ଜୟରାମ ଟୁଡୁ | | ସାନ୍ତାଳ | ସାହିତ୍ୟ |
| ୨୪. | ଶ୍ରୀ ଗଣେଶ୍ୱର ହେମ୍ବ୍ରମ୍ | | ସାନ୍ତାଳ | ସାହିତ୍ୟ ଏବଂ ସମାଜସେବା |
| ୨୫. | ଶ୍ରୀ ସନ୍ତୋଷ କୁମାର ସିଂ | | ମୁଣ୍ଡା | ସାହିତ୍ୟ |
| ୨୬. | ଶ୍ରୀ ଦିବ୍ୟରଞ୍ଜନ ଦାସ | | ଭୂୟାଁ | ଖେଳ (ରଗ୍‌ବି କ୍ରୀଡ଼ା) |
| ୨୭. | ଡ. ରାଜା କୁମାର ନାଏକ | | ବାଥୁଡ଼ି | ସାହିତ୍ୟ |
| ୨୮. | ଶ୍ରୀ ପ୍ରଦୀପ କହଁର | | କନ୍ଧ | ସାହିତ୍ୟ |

## ଆଦିବାସୀ ପ୍ରତିଭା ସମ୍ମାନ (୨୦୨୦)

| | | | | |
|---|---|---|---|---|
| ୨୯. | ଶ୍ରୀ ଦୈତାରୀ କୁମାର ସିଂ | | ଗଣ୍ଡ | ଚିତ୍ରକଳା |
| ୩୦. | ଶ୍ରୀ ମେଦିନୀଧର ଜାନୀ | | କନ୍ଧ | ସାହିତ୍ୟ |

ସମରେନ୍ଦ୍ର ଭୂତିଆ
ସହ ନିର୍ଦ୍ଦେଶକ

# ସରଗି ଫୁଲ – ୨୦୨୪

୨୦୧୦ ମସିହାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପ୍ରତ୍ୟେକ ବର୍ଷ ଛାତ୍ର ମହୋତ୍ସବ "ସରଗି ଫୁଲ୍' ଆୟୋଜନ କରିଆସୁଛି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସ୍ତରୀୟ ଛାତ୍ର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଜିଲ୍ଲାର କୃତୀ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସରଗି ଫୁଲ ଉତ୍ସବରେ ଯୋଗ ଦେଇ ନିଜ ପ୍ରତିଭା ବିକାଶର ସୁଯୋଗ ପାଆନ୍ତି ।

ଚଳିତ ବର୍ଷ ଓଡ଼ିଶାର ସମସ୍ତ ତିରିଶଟି ଜିଲ୍ଲାସ୍ତରୀୟ ସର୍ଗିଫୁଲ ଉତ୍ସବ ସଫଳତାର ସହ ଆୟୋଜିତ ହୋଇସାରିବା ପରେ ରାଜ୍ୟସ୍ତରୀୟ ସର୍ଗିଫୁଲ ୨୦୨୪ ଡିସେମ୍ବର ୧୮ ରୁ ୨୦ ଯାଏ ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ୩୫୧ ଜଣ ଛାତ୍ର ଏବଂ ୭୩୧ ଜଣ ଛାତ୍ରୀ (ସର୍ବମୋଟ ୧୦୨୮ ଜଣ ଛାତ୍ରଛାତ୍ରୀ) ଭାଗ ନେବା ପାଇଁ ମନୋନୀତ ହୋଇଥିବାବେଳେ ୧୩୯ ଜଣ କ୍ରୀଡା ଶିକ୍ଷକ ଏବଂ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବେ । ଏହି ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ନିମନ୍ତେ ସୁ-ଅବସର ସୃଷ୍ଟି କରିବାକୁ ବ୍ୟବସ୍ଥା କରାଯାଉଛି ।

ଏହି ବର୍ଷ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପୃଥକ ଭାବେ ପ୍ରାୟ ଚବିଶ ପ୍ରକାରର ପ୍ରତିଯୋଗିତା ମଧ୍ୟରେ ସାଧାରଣ ଜ୍ଞାନ, ବାଦ୍ୟଯନ୍ତ୍ର ବାୟନ, ଏକକ ସଙ୍ଗୀତ, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ, ଏକକ ଅଭିନୟ, ସମୂହ ଧ୍ୱନି ପ୍ରତିଯୋଗିତା, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ବାକପଟୁତା, ତର୍କ, ଭଲିବଲ ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ପିଲାଙ୍କ ପ୍ରତିଭା ଚିହ୍ନଟ କରିବାରେ ସକ୍ଷମ ହେବ ବୋଲି ବିଶ୍ୱାସ । ସେହିପରି ତିରିଶ ପ୍ରକାରର କର୍ମଶାଳା ମଧ୍ୟରୁ ବିଜ୍ଞାନ ଖେଳ, ଉଦ୍ଭାବନ, ବ୍ୟଙ୍ଗଚିତ୍ର, ପୁସ୍ତକ ସମୀକ୍ଷା, ଶବ୍ଦ କୁହୁକ, କଣ୍ଢେଇ ଖେଳ, ଗପ ଶୁଣାଇବା, ଶିଶୁ ସାମ୍ବାଦିକ, ନାଟ୍ୟଶାଳା, ବର୍ଜ୍ୟବସ୍ତୁରୁ ସୃଜନୀକଳା ଓ କାଗଜ ତିଆରି, ଗଣିତ ଖେଳ, ଓଡ଼ିଶୀ ନୃତ୍ୟ, ବାଦ୍ୟ ଯନ୍ତ୍ର ଶିକ୍ଷଣ, ଯାଦୁବିଦ୍ୟା, ଜୀବନ କୌଶଳଶିକ୍ଷା ଆଦି ପିଲାଙ୍କ ଅନ୍ତର୍ନିହିତ ଦକ୍ଷତା ବିକାଶରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଡିସେମ୍ବର ୧୮,୨୦୨୪ ତାରିଖ ଦିନ ଏହି ଉତ୍ସବର ଉଦ୍ଘାଟନ କରିବାର ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମାନନୀୟ ମନ୍ତ୍ରୀ, ଅନୁସୂଚିତ

ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଶ୍ରୀଯୁକ୍ତ ରବି ନାରାୟଣ ନାଏକ, ମାନନୀୟ ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ଜଙ୍ଗଲ ଏବଂ ଶ୍ରୀଯୁକ୍ତ ଗଣେଶରାମ ସିଂ ଖୁଣ୍ଟିଆ ମାନନୀୟ ମନ୍ତ୍ରୀ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ମାର୍ଗ ଦର୍ଶନ କରିବେ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ପତ୍ରିକା ସର୍ଗିଫୁଲ - ୨୦୨୪ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି ।

ଉତ୍ସବ ଶେଷରେ ବ୍ୟକ୍ତିଗତଏବଂ ଦଳଗତ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ବ୍ୟକ୍ତିଗତ ପ୍ରଦର୍ଶନ କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ ନିମନ୍ତେ ପାଞ୍ଚ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ ନିମନ୍ତେ ତିନି ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ନିମନ୍ତେ ଦୁଇ ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ଦଳଗତ ପ୍ରଦର୍ଶନ କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ ନିମନ୍ତେ ଦଶ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ଆଠ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ନିମନ୍ତେ ଛଅ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯିବ ।

ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଉପଯୁକ୍ତ ମାର୍ଗଦର୍ଶନ କରୁଥିବାରୁ ମାନନୀୟ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡ଼େମୀ କୃତଜ୍ଞାତା ଜ୍ଞାପନ କରୁଛି । ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ସହଯୋଗୀ ସଂସ୍ଥା ଏବଂ ବ୍ୟକ୍ତି ବିଶେଷ, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ, ଶିକ୍ଷକ, ପ୍ରଶିକ୍ଷକ, ଜିଲ୍ଲା ଅଧିକାରୀ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଅନୁସୂଚିତ ଜତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର କର୍ମଚାରୀମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛୁ ।

**ସମରେନ୍ଦ୍ର ଭୂତିଆ**
**ସହ ନିର୍ଦ୍ଦେଶକ**

# ଜିଲ୍ଲାସ୍ତରୀୟ ସରଗି ଫୁଲ – ୨୦୨୪

## ଅନୁଗୋଳ









## କଟକ









# ଦେବଗଡ






# ଯାଜପୁର






# କେନ୍ଦୁଝର







# ମୟୁରଭଞ୍ଜ






# ନୂଆପଡ଼ା









# ସମ୍ବଲପୁର









